

ସ୍ୱିଟୀ କୁଜୁର ୟୁ-୧୮ ଭାରତୀୟ ଦଳର ଅଧିନାୟିକା

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-324 •SATURDAY •23 MAY 2026 •PAGE-12 •₹ 7.00 | PANIKOILI | •ବର୍ଷ-୪୩ •ସଂଖ୍ୟା-୩୨୪ •ଶନିବାର •୨୩ ମେ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦



No.1 Residential School for Board / JEE & NEET Integrated Coaching

2026-27 ! 25 Years of Krishna Vikash, Bargarh - The Silver Jubilee Year!

Krishna Vikash Edu. Network
Odisha | Chhattisgarh | Andhra Pradesh

ALL TIME RECORD OF KRISHNA VIKASH BARGARH
CHSE +2 AHSE 2026 Results

Vikash Higher Secondary School @BARGARH

+୨ ବୋର୍ଡ୍ ଏବଂ ଏଣ୍ଟ୍ରାନ୍ସ ପରୀକ୍ଷାରେ ସଫଳତା ପାଇଁ କ୍ରୀଷ୍ଣା ବିକାଶ, ବରଗଡ଼ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଏକମାତ୍ର ନିର୍ଭରଯୋଗ୍ୟ ଶିକ୍ଷାନୁଷ୍ଠାନ ।

ODISHA STATE TOPPER — COMMERCE — 592 Marks — SATYASUNDAR 98.7% — ATTABIRA, BARGARH

3rd in WESTERN ODISHA — SCIENCE — 591 Marks — SAMARPITA 98.5% — BHEDEN, BARGARH

Science: RASHESWARI 97.5% 585 Marks, Sarsara, Bargarh; SONALI 97.5% 585 Marks, Khuntpali, Bargarh; SOUMYASHREE 97.5% 585 Marks, Patrapali, Attabira; SUCHISMITA 97.2% 583 Marks, Sonepur; DIPIKA 97.0% 582 Marks, Mandosil, Paikmal; OM PRAKASH 97.0% 582 Marks, Binka; RUTURAJ 97.0% 582 Marks, Kanbar, Barpali; SHREEYANSH 97.0% 582 Marks, Bargarh; SHUBHANKAR 97.0% 582 Marks, Ruhunia, Bargarh; SARITA 96.8% 581 Marks, Baunsuni, Boudh; ALIVA 96.7% 580 Marks, Bhukta; DIBYANSHU 96.5% 579 Marks, Bargarh; RASHMI RANJAN 96.5% 579 Marks, Bargarh; SMITILIKA 96.5% 579 Marks, Bheden; SHUBHANKAR 96.0% 576 Marks, Debahal, Bargarh; TAPNESWAR 96.0% 576 Marks, Brajrajnagar; DUKITA 95.8% 575 Marks, Ambabhona; PRACHI PARIMITA 95.7% 574 Marks, Brajrajnagar; Commerce: DHARMANANDA 95.7% 574 Marks, Dhanarpur, Kalahandi; Science: PRATYUSHA 95.3% 572 Marks, Titlagarh, Bolangir

SCIENCE: RAM SHANKAR 94.8% 569, Ulunda, Sonepur; JATIN 94.3% 566, Tileimal, Ambabhona; AMAN 94.2% 565, Sundargarh; NIRMAL 93.8% 563, Lakhanpur, Jharsuguda; SARASWATI 93.5% 561, Jamla, Bargarh; SWAYAMABHA 93.5% 561, Bhatli; SEEMA 93.2% 559, Sundargarh; PREMKUMAR 93.0% 558, Ambabhona; ASHPRUHA 92.8% 557, Melchhamunda; PRACHI 92.7% 556, Brajrajnagar; AYUSH 92.5% 555, Bijepur; ROSHNI 92.5% 555, Attabira, Bargarh; JYOTI 92.3% 554, Bhukta; SOUMYARANJAN 92.3% 554, Bargarh; AYUSH 92.2% 553, Bargarh; BINAYA 92.0% 552, Bargarh; PRINCE 92.0% 552, Jamla; SAMIKSHYA 92.0% 552, Bheden; SWASTIK 92.0% 552, Kesinga; BARSHA 91.8% 551, Sambalpur; TIKESWAR 91.7% 550, Jamla; OM PRAKASH 91.5% 549, Tarbha; TANMAYA 91.5% 549, Kesinga; SHREEANSH 91.3% 548, Bargarh; PRIYA 91.2% 547, Bheden; AGRIM 90.7% 544, Bhukta; SASHWAT 90.7% 544, Kesinga; ARYAN 90.5% 543, Remunda; AYUSH 90.5% 543, Sundargarh; PRITESH 90.2% 541, Agalpur, Balangir; PREMANANDA 90.0% 540, Melchhamunda

COMMERCE: ALOK 94.8% 569, Narayanprasad, Boudh; HIMESH 93.7% 562, Bhatli; ARYAN 92.7% 556, Ulunda, Sonepur; ROHAN 91.0% 548, Sambalpur

- Tremendous growth from 10th to +2 Results -

Highest in Western Odisha: 10% students scored above 95% Marks | More than 25% students scored above 90% Marks | More than 51% students scored above 80% Marks

| CHSE +2 Result Analysis | > 95% | > 90% | > 500 | > 80% | > 60% | Total Appeared |
|---|---|---|---|---|---|---|
| SCIENCE | 20 | 51 | 86 | 105 | 200 | 204 |
| COMMERCE | 02 | 06 | 11 | 12 | 25 | 26 |

NTA-NEET(UG) 2025 (FRESHER): BIPRANSHU 560 Marks, VIMSAR, Burla; AYUSHMANTA 540 Marks, GMCH, Sundargarh; SUDHIR 539 Marks, BBMCH, Bolangir; HRUSIKESH 535 Marks, BBMCH, Bolangir; ASHUTOSH 524 Marks, Bhawanipatna Medical College; BARUN 447 Marks, VIMSAR, Burla; LISA — SNLMCH, Koraput — AIR 14432 OBC — 521 Marks — 98.57 Percentile

NTA-NEET(UG) 2024: DIGAMBER 700 Marks, AIIMS, Kalyani

JEE Mains 2026: PRASHANTA 97.67 Percentile; JATIN 98.46 Percentile; TOSH RANJAN 97.14 Percentile; PRITAM 96.14 Percentile; DIBYANSHU 96.04 Percentile; OM PRAKASH 93.77 Percentile; RAJKUMAR 90.77 Percentile

All Time NEET / JEE ADV. Top Scorers: Sanat, Amamunda, Jamla — 2023-24, currently studying in SCB, Cuttack — CHSE +2 518 Marks — NEET 691 Marks; Satyam Sai, Katapali, Bargarh — 2023-24, VIMSAR, Burla — CHSE +2 548 Marks — NEET 680 Marks; Jayanta, Pipilipali, Sohela — 2023-24, NIT, Rourkela — CHSE +2 516 Marks — JEE Adv. AIR 4668 SC; Swastik — NEET 2022-23, SCB, Cuttack — AIR UR 3267 — NEET 652 Marks; Ayushi — NEET 2022-23, FMMCH, Baleswar — AIR OBC 8383 — NEET 616 Marks; Anwesh, Dang, Bargarh — Qualified KVPY 2021-22, SCB, Cuttack — CHSE +2 574 Marks — NEET 638 Marks; Sanatan, Kapasira, Bargarh — Qualified KVPY 2020-21, AIIMS, BBSR — CHSE +2 542 Marks — NEET 678 Marks; Bajrang, Burla, Sambalpur — 2020-21, IIT, Kharagpur — CHSE +2 544 Marks — JEE Adv. 696 AIR Gen. EWS; Ritesh, Mandosil, Bargarh — 2019-20, SLNMCH, Koraput — CHSE +2 505 Marks — NEET 595 Marks; Chinmaya, Bankitikra, Balasore — Qualified KVPY 2018-19, AIIMS, BBSR — CHSE +2 528 Marks — NEET 585 Marks

ADMISSIONS OPEN (Co-Ed. Day/Residential)
+2 CHSE & Nursery to IX / X* & XI / XII* CBSE
(+2 Science / Commerce | XI Science / Commerce / Humanities)
• INTEGRATED JEE/NEET/ CUET / CA Foundation
Super40 NEET/IIT-JEE/CUET
[1 Year Extended Regular Classroom Programme for Class XII/+2 Passout Students]

krishnavikash.com

CHSE : 94393 53433 / 70641 40000 / 94380 69105 / 94375 89101
CBSE : 63707 04779 / 76820 64666 / 91245 99099 / 93373 10441

For UG Courses @ AIPH University, Bhubaneswar & Krishna Vikash Global University, Raipur Contact: 94393 53433 / 70777 71976

## ବିଶ୍ୱର ସବୁଠାରୁ ୫୦ଟି ଗରମ ସହର ଏବେ ଭାରତରେ

ନୂଆଦିଲ୍ଲୀ, ୨୨।୫(ଏଜେନ୍ସି): ସାରା ଦେଶରେ ଗ୍ରୀଷ୍ମ ପ୍ରବାହର କୋପ ଜାରି ରହିଥିବା ବେଳେ ଏକ ଚାଞ୍ଚଲ୍ୟକର ତଥା ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ଆଜି ସକାଳର ପାଣିପାଗ ତାଲିକା ଅନୁଯାୟୀ ବିଶ୍ୱର ସବୁଠାରୁ ଉତ୍ତପ୍ତ ୫୦ଟି ସହର ମଧ୍ୟରୁ ସମସ୍ତ ସହର କେବଳ ଭାରତରେ ହିଁ ରହିଛି। ପାଣିପାଗ ଟ୍ରାକର୍ ଆପ୍ 'ଏକ୍ୟୁଆଇ.ଇନ୍'ର ସୂଚନା ଅନୁଯାୟୀ, ଓଡ଼ିଶାର ବଲାଙ୍ଗୀର ସହର ୪୫ ଡିଗ୍ରୀ ସେଲସିୟସ୍ ତାପମାତ୍ରା ସହ ସାରା ବିଶ୍ୱରେ ସବୁଠାରୁ ଗରମ ସହର ଭାବେ ରେକର୍ଡ ହୋଇଛି। ପଶ୍ଚିମ ଓଡ଼ିଶାର ବଲାଙ୍ଗୀର-ଟିଟଲାଗଡ଼ ଅଞ୍ଚଳ ସବୁବେଳେ ପ୍ରବଳ ଗ୍ରୀଷ୍ମ ପ୍ରବାହ ପାଇଁ ଜଣାଶୁଣା। ଆଜି ଏହା ବିଶ୍ୱର ସର୍ବାଧିକ ଉତ୍ତପ୍ତ ସ୍ଥାନ ପାଲଟିଛି। ମହାରାଷ୍ଟ୍ରର ଚନ୍ଦ୍ରପୁର ଏବଂ ଉତ୍ତର ପ୍ରଦେଶର ପ୍ରୟାଗରାଜ ୪୪ ଡିଗ୍ରୀ ସେଲସିୟସ୍ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହା ବ୍ୟତୀତ ବିହାର, ଛତିଶଗଡ଼, ତେଲେଙ୍ଗାନା, ହରିୟାଣା ଏବଂ ମଧ୍ୟପ୍ରଦେଶର ଅନେକ ସହର ଏହି ତାଲିକାରେ ଅଛନ୍ତି। ବିଶ୍ୱର ଏହି ୫୦ଟି ସହର ମଧ୍ୟରୁ ଅଧାରୁ ଅଧିକ ସହର କେବଳ ଉତ୍ତର ପ୍ରଦେଶରୁ ରହିଛି, ଯେଉଁଥିରେ ବାରାଣସୀ, ବାନ୍ଦା, ବରେଲି ଏବଂ ଅଯୋଧ୍ୟା ସାମିଲ ଅଛନ୍ତି। ଆଗାମୀ ଦିନରେ ଦିଲ୍ଲୀ ଏବଂ ଏହାର ଆଖପାଖ ଅଞ୍ଚଳରେ ତାପମାତ୍ରା ୪୫ ଡିଗ୍ରୀ ଟପିଯାଇପାରେ ବୋଲି ଚେତାବନୀ ଦିଆଯାଇଛି।

## ଏଭରେଷ୍ଟ ଶିଖରରୁ ଫେରିବା ବେଳେ ଜୀବନ ହାରିଲେ ଦୁଇ ଭାରତୀୟ ପର୍ବତାରୋହୀ

କାଠମାଣ୍ଡୁ, ୨୨।୫(ଏଜେନ୍ସି): ବିଶ୍ୱର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟ ଆରୋହଣ କରି ସଫଳତାର ସହ ଫେରୁଥିବା ସମୟରେ ଦୁଇ ଜଣ ଭାରତୀୟ ପର୍ବତାରୋହୀଙ୍କର ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଅରୁଣ ତିୱାରୀ ଏବଂ ସନ୍ଦୀପ ଆରେ। ଏଭରେଷ୍ଟ ଜୟ କରିବାର ଅପାର ଆନନ୍ଦ ମଧ୍ୟରେ ଏହି ଦୁର୍ଘଟଣା ସମଗ୍ର ପର୍ବତାରୋହଣ ଜଗତରେ ଶୋକର ଛାୟା ଖେଳାଇ ଦେଇଛି। ନେପାଳ ପର୍ବତାରୋହଣ ସଂଘର ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ଏଭରେଷ୍ଟ ଶିଖର ଛୁଇଁବା ପରେ ତଳକୁ ଓହ୍ଲାଇବା ସମୟରେ ଉଭୟ ପର୍ବତାରୋହୀ ଅତ୍ୟଧିକ କ୍ଳାନ୍ତ ହୋଇ ପଡ଼ିଥିଲେ। ଅରୁଣ ତିୱାରୀ ହିଲାରୀ ଷ୍ଟେପ୍ ନିକଟରେ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ ଏବଂ ସେଠାରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଅନ୍ୟପଟେ, ସନ୍ଦୀପ ଆରେଙ୍କୁ ସ୍ଥାନୀୟ ଗାଇଡ୍ ବା ଶେରପାମାନେ ଉଦ୍ଧାର କରି ଦ୍ୱିତୀୟ ଶିବିର ପର୍ଯ୍ୟନ୍ତ ଆଣିଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅତି ପ୍ରତିକୂଳ ପରିବେଶରେ ଶେରପାମାନେ ସେମାନଙ୍କ ଜୀବନ ବଞ୍ଚାଇବା ପାଇଁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଚେଷ୍ଟା କରିଥିଲେ। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଏଭରେଷ୍ଟ ଆରୋହଣ ପାଇଁ ନେପାଳ ସରକାର ରେକର୍ଡ ସଂଖ୍ୟକ ୪୯୩ଟି ଅନୁମତିପତ୍ର ଜାରି କରିଛନ୍ତି, ଯାହା ଗତ ସାତ ଦଶନ୍ଧି ମଧ୍ୟରେ ସର୍ବାଧିକ। ନିକଟରେ ଗୋଟିଏ ଦିନରେ ୨୭୪ ଜଣ ପର୍ବତାରୋହୀ ଶୀର୍ଷରେ ପହଞ୍ଚି ଏକ ନୂତନ ଇତିହାସ ରଚିଛନ୍ତି।

## ପାକିସ୍ତାନ ଓ ବାଂଲାଦେଶ ସୀମାରେ ଲାଗିବ 'ସ୍ମାର୍ଟ ବର୍ଡର' ବ୍ୟବସ୍ଥା: ଅମିତ ଶାହ

ନୂଆଦିଲ୍ଲୀ, ୨୨।୫(ଏଜେନ୍ସି): କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର ଦିନ ଘୋଷଣା କରିଛନ୍ତି ଯେ ଆସନ୍ତା ବର୍ଷ ମଧ୍ୟରେ ପାକିସ୍ତାନ ଏବଂ ବାଂଲାଦେଶ ସହ ଜଡ଼ିତ ପ୍ରାୟ ୬,୦୦୦ କିଲୋମିଟର ଦୀର୍ଘ ସୀମାରେ ଏକ ଅତ୍ୟାଧୁନିକ 'ସ୍ମାର୍ଟ ବର୍ଡର' ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। ଦିଲ୍ଲୀରେ ଆୟୋଜିତ ବିଏସ୍ଏଫ୍‌ର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହି ସୂଚନା ଦେଇଛନ୍ତି। ଅନୁପ୍ରବେଶ ଏବଂ ଚୋରା ଚାଲାଣକୁ ସମ୍ପୂର୍ଣ୍ଣ ରୂପେ ରୋକିବା ପାଇଁ ଏହି ପ୍ରକଳ୍ପ ଅଧୀନରେ ଡ୍ରୋନ୍, ରାଡାର୍ ଏବଂ ସ୍ମାର୍ଟ କ୍ୟାମେରା ଭଳି ଆଧୁନିକ ବ୍ୟବସ୍ଥା ସାହାଯ୍ୟରେ ଦିନରାତି ସୀମା ଉପରେ ନଜର ରଖାଯିବ। ଏହାଦ୍ୱାରା ଭାରତର ସୀମା ସମ୍ପୂର୍ଣ୍ଣ ସୁରକ୍ଷିତ ହୋଇପାରିବ। ଅନୁପ୍ରବେଶକୁ କେବଳ ଏକ ସୁରକ୍ଷା ସମସ୍ୟା ନୁହେଁ, ବରଂ ସୀମାନ୍ତ ଅଞ୍ଚଳର ଜନସଂଖ୍ୟାର ସନ୍ତୁଳନ ବଦଳାଇବା ପାଇଁ ଏହା ଏକ ଚକ୍ରାନ୍ତ ବୋଲି ଗୃହମନ୍ତ୍ରୀ କହିଛନ୍ତି। ସୀମାନ୍ତ ଅଞ୍ଚଳରେ ହେଉଥିବା ଜନସଂଖ୍ୟାଗତ ପରିବର୍ତ୍ତନ ଉପରେ ନଜର ରଖିବା ପାଇଁ ଗୃହ ମନ୍ତ୍ରଣାଳୟ ଶୀଘ୍ର ଏକ 'ଡେମୋଗ୍ରାଫି ମିଶନ' ଆରମ୍ଭ କରିବ। ଗୋରୁ ଚୋରା ଚାଲାଣ ଏବଂ ଅନୁପ୍ରବେଶ ରୋକିବା ପାଇଁ ପଶ୍ଚିମବଙ୍ଗ, ଆସାମ ଏବଂ ତ୍ରିପୁରା ସରକାରଙ୍କ ସହ ମିଶି ବିଏସ୍ଏଫ୍ କାର୍ଯ୍ୟ କରିବ। ଗୃହ ମନ୍ତ୍ରଣାଳୟ ଶୀଘ୍ର ଏହି ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିବ। ଦେଶରେ ଥିବା ପ୍ରତ୍ୟେକ ବେଆଇନ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇ ଦେଶାନ୍ତର କରାଯିବ ବୋଲି ଶାହ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ଜୁନ୍ ୧୮ ରେ ୨୬ଟି ରାଜ୍ୟସଭା ଆସନ ପାଇଁ ମତଦାନ

ନୂଆଦିଲ୍ଲୀ, ୨୨।୫(ଏଜେନ୍ସି): ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଦେଶର ଆଠଟି ରାଜ୍ୟରେ ଖାଲି ପଡ଼ିବାକୁ ଥିବା ୨୬ଟି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ସୂଚୀ ପ୍ରକାଶ ପାଇଛି। ଆସନ୍ତା ଜୁନ୍ ୧୮ ତାରିଖରେ ଏହି ସମସ୍ତ ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ। ସଭ୍ୟମାନଙ୍କ ଛଅ ବର୍ଷର କାର୍ଯ୍ୟକାଳ ପୂର୍ଣ୍ଣ ହେଉଥିବାରୁ ଏବଂ କେତେକ ସ୍ଥାନରେ ଇସ୍ତଫା ଜନିତ କାରଣରୁ ଏହି ଉପ-ନିର୍ବାଚନ କରାଯାଉଛି। ଏହି ନିର୍ବାଚନରେ ଦେଶର ଅନେକ ପ୍ରଭାବଶାଳୀ ଏବଂ ବରିଷ୍ଠ ରାଜନେତାଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। କାର୍ଯ୍ୟକାଳ ଶେଷ ହେଉଥିବା ପ୍ରମୁଖ ନେତାମାନଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡ଼ଗେ, ବରିଷ୍ଠ ନେତା ଦିଗ୍‌ବିଜୟ ସିଂହ, କେନ୍ଦ୍ର ମନ୍ତ୍ରୀ ଜର୍ଜ କୁରିଆନ୍ ଏବଂ ରବନୀତ ସିଂହ ବିଟ୍ଟୁ।



■ ଦେବେଗୌଡ଼ା, ଖାଡ଼ଗେଙ୍କ କାର୍ଯ୍ୟକାଳ ଶେଷ ହେବ

ଏହି ରାଜନୈତିକ ମହାରଥୀମାନଙ୍କ ଆସନ ଖାଲି ହେବାକୁ ଥିବାରୁ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଏବେଠାରୁ ଗଣିତ ଆରମ୍ଭ ହୋଇଗଲାଣି। ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ଅନୁଯାୟୀ, ୨୪ଟି ନିୟମିତ ଆସନ ଆନ୍ଧ୍ରପ୍ରଦେଶ, ଗୁଜରାଟ, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମଣିପୁର, ମେଘାଳୟ, ରାଜସ୍ଥାନ, ଅରୁଣାଚଳ ପ୍ରଦେଶ, କର୍ଣ୍ଣାଟକ ଏବଂ ମିଜୋରାମରେ ରହିଛି। ଅନ୍ୟପକ୍ଷରେ ମହାରାଷ୍ଟ୍ର ଏବଂ ତାମିଲନାଡୁରେ ଦୁଇଟି ଆସନ ପାଇଁ ଉପ-ନିର୍ବାଚନ ହେବ। ମହାରାଷ୍ଟ୍ରରେ ଜାତୀୟତାବାଦୀ କଂଗ୍ରେସ ଦଳର ନେତ୍ରୀ ସୁନେତ୍ରା ପାୱାର ବିଧାନସଭାକୁ ନିର୍ବାଚିତ ହେବା ପରେ ଏବଂ ତାମିଲନାଡୁରେ ଏଆଇଏଡିଏମ୍‌କେ ସଦସ୍ୟ ଭି. ଷନ୍‌ମୁଗମଙ୍କ ଇସ୍ତଫା ପରେ ଏହି ଆସନଗୁଡ଼ିକ ଖାଲି ପଡ଼ିଥିଲା। ଏହି ସମଗ୍ର ନିର୍ବାଚନ ପ୍ରକ୍ରିୟା ମଧ୍ୟରେ ତାମିଲନାଡୁର ରାଜନୀତିକୁ ନେଇ ଚର୍ଚ୍ଚା ଜୋର ଧରିଛି। ସେଠାରେ ଅଭିନେତାରୁ ସାଂସଦ ସାଜିଥିବା ବିଜୟ ଏବଂ ତାଙ୍କ ନୂତନ ଦଳ 'ତାମିଲଗା ଭେଟ୍ରି କାଜାଗାମ' (ଟିଭିକେ) ଉପରେ ସମସ୍ତଙ୍କ ନଜର ରହିଛି। ସେ ପ୍ରଥମ ଥର ପାଇଁ ରାଜ୍ୟସଭାରେ ପ୍ରବେଶ କରିବାକୁ ଚେଷ୍ଟା କରିବେ ନା କଂଗ୍ରେସ ସମର୍ଥିତ ପ୍ରାର୍ଥୀଙ୍କୁ ସହଯୋଗ କରିବେ, ସେ ନେଇ ସସପେନ୍ସ ଜାରି ରହିଛି।

## ଭୟ ଓ ପ୍ରତାରଣା ଅଭିଯୋଗରେ ଟିଏମସି ନେତା ଗିରଫ

କୋଲକାତା, ୨୨।୫(ଏଜେନ୍ସି): ପଶ୍ଚିମବଙ୍ଗରେ କ୍ଷମତା ପରିବର୍ତ୍ତନ ପରେ ତୃଣମୂଳ କଂଗ୍ରେସ (ଟିଏମସି) ନେତାମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ସ୍ଥାନୀୟ ଲୋକଙ୍କୁ ଭୟଭୀତ କରିବା, ଚାକିରି କରାଇଦେବା ନାଁରେ ପ୍ରତାରଣା ଏବଂ ନିର୍ବାଚନ ପୂର୍ବରୁ ଭୋଟରମାନଙ୍କୁ ପ୍ରଭାବିତ କରିବା ଅଭିଯୋଗରେ ପୋଲିସ ଆଜି ଟିଏମସି ଶ୍ରମିକ ସଂଗଠନର ନେତା ଶେଖ୍ ୱାସୁଲଙ୍କୁ ଗିରଫ କରିଛି। ପୋଲିସ ସୂତ୍ର ଅନୁଯାୟୀ, ଦୁର୍ଗାପୁର-ଫରିଦପୁର ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଲାଉଦୋହା ଅଞ୍ଚଳରେ ଚଢ଼ାଉ କରି ୱାସୁଲଙ୍କୁ ଗିରଫ କରିଥିଲା।

## ମୋଦୀ ସରକାରଙ୍କ ୧୨ ବର୍ଷ: ୨୨ଟି ପ୍ରମୁଖ ସଫଳତା ପ୍ରଚାର କରିବ ଏନଡିଏ

ନୂଆଦିଲ୍ଲୀ, ୨୨।୫(ଏଜେନ୍ସି): କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ବିଜେପି ସରକାର ୧୨ ବର୍ଷ ପୂରଣ କରିବାକୁ ଯାଉଥିବା ବେଳେ, ଶାସକ ଦଳ ପକ୍ଷରୁ ସାରା ଦେଶରେ ଏକ ବ୍ୟାପକ ଜନସମ୍ପର୍କ ଅଭିଯାନ ଆରମ୍ଭ କରାଯିବ। ଏହି କାର୍ଯ୍ୟକ୍ରମ ଅଧୀନରେ କେନ୍ଦ୍ର ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ସାଂସଦମାନେ ଜନସାଧାରଣଙ୍କ ପାଖକୁ ଯାଇ ସରକାରଙ୍କ '୨୨ଟି ପ୍ରମୁଖ ସଫଳତା' ବିଷୟରେ ଅବଗତ କରାଇବେ। ଏହି ପ୍ରଚାର ଅଭିଯାନକୁ ୫ଟି ମୁଖ୍ୟ ଭାଗରେ ବିଭକ୍ତ କରାଯାଇଛି, ଯାହା ମାଧ୍ୟମରେ ସରକାରଙ୍କ ଗତ ୧୨ ବର୍ଷର କାର୍ଯ୍ୟକାଳକୁ ତୃଣମୂଳ ସ୍ତରରେ ପହଞ୍ଚାଯିବ।

## ମୋଦୀଙ୍କୁ 'ଝାଲ୍‌ମୁଢ଼ି' ଖୁଆଇଥିବା ଦୋକାନୀଙ୍କୁ ହତ୍ୟା ଧମକ

କୋଲକାତା, ୨୨।୫(ଏଜେନ୍ସି): ପଶ୍ଚିମବଙ୍ଗର ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିଜ ଦୋକାନରୁ ପ୍ରସିଦ୍ଧ 'ଝାଲ୍‌ମୁଢ଼ି' ଖୁଆଇ ରାତାରାତି ଚର୍ଚ୍ଚାକୁ ଆସିଥିବା ବ୍ୟବସାୟୀ ବିକ୍ରମ ସାଉଙ୍କୁ ଏବେ ପାକିସ୍ତାନ ଏବଂ ବାଂଲାଦେଶରୁ ହତ୍ୟା ଧମକ ମିଳୁଥିବା ଅଭିଯୋଗ ହୋଇଛି। ବିକ୍ରମ ଏବଂ ତାଙ୍କ ପରିବାରକୁ ବିଦେଶୀ ନମ୍ବରରୁ କ୍ରମାଗତ ଭାବେ ଫୋନ୍ ଏବଂ ଭିଡିଓ କଲ୍ ମାଧ୍ୟମରେ ବୋମାମାଡ଼ କରି ଉଡ଼ାଇ ଦେବାକୁ ଧମକ ଦିଆଯାଉଛି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

## ୧୦ ବର୍ଷ ତଳର ସ୍ଥିତି ଫେରିଲା
## ଆମେରିକା ଏଚ୍-୧ବି ଭିସା ପଞ୍ଜୀକରଣରେ ୩୮.୫% ହ୍ରାସ

ୱାସିଂଟନ୍, ୨୨।୫(ଏଜେନ୍ସି): ଆମେରିକା ଆସନ୍ତା ଆର୍ଥିକ ବର୍ଷ ୨୦୨୭ ପାଇଁ ଏଚ୍-୧ବି ଭିସା ପଞ୍ଜୀକରଣ ସଂଖ୍ୟା ପ୍ରକାଶ କରିଛି, ଯେଉଁଥିରେ ଗତ ବର୍ଷ ତୁଳନାରେ ୩୮.୫ ପ୍ରତିଶତର ବଡ଼ ହ୍ରାସ ଦେଖିବାକୁ ମିଳିଛି। ଆମେରିକା ମହାକାଶ ଓ ନାଗରିକତ୍ୱ ସେବା (ୟୁଏସ୍‌ସିଆଇଏସ୍)ର ସୂଚନା ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୬ରେ ଏହି ସଂଖ୍ୟା ୩, ୪୩, ୯୮୧ ଥିବା ବେଳେ ୨୦୨୭ରେ ଏହା ମାତ୍ର ୨, ୧୧, ୬୦୦ କୁ ଖସି ଆସିଛି। ଇମିଗ୍ରେସନ ଆଟର୍ଣ୍ଣି ଏମିଲି ନିଉମ୍ୟାନଙ୍କ କହିବା ଅନୁଯାୟୀ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ଆମେରିକା ଫାଷ୍ଟ' ନୀତି ଏବଂ ଆମେରିକା ବାହାରୁ ଆବେଦନ କରୁଥିବା ବ୍ୟକ୍ତିଙ୍କ ଉପରେ ଲଗାଯାଇଥିବା ୧, ୦୦, ୦୦୦ ଆମେରିକୀୟ ଡଲାରର ମୋଟା ଅଙ୍କର ଫି' ଯୋଗୁଁ ଆବେଦନ ସଂଖ୍ୟା ଏତେ କମିଛି। ଚଳିତ ବର୍ଷ ଲଟେରୀ ବଦଳରେ ପ୍ରଥମ ଥର ପାଇଁ 'ଯୋଗ୍ୟତା ଓ ଦରମା' ଆଧାରରେ ପ୍ରାର୍ଥୀ ଚୟନ କରାଯାଇଛି। ଫଳରେ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା (ମାଷ୍ଟର୍ସ ଡିଗ୍ରୀ କିମ୍ବା ତାଠାରୁ ଅଧିକ) ଏବଂ ଅଧିକ ଦରମା ପାଉଥିବା ୭୧.୫% ଆବେଦନକାରୀ ଉପକୃତ ହୋଇଛନ୍ତି। ଏହାଦ୍ୱାରା କମ୍ ଦରମା ପାଉଥିବା ସ୍ୱଳ୍ପ ଅଭିଜ୍ଞ ବିଦେଶୀ ଶ୍ରମିକଙ୍କ ପ୍ରବେଶ ବନ୍ଦ ହେବ ଏବଂ ସ୍ଥାନୀୟ ଆମେରିକୀୟ କର୍ମଚାରୀଙ୍କ ଚାକିରି ସୁରକ୍ଷିତ ରହିବ ବୋଲି ୟୁଏସ୍‌ସିଆଇଏସ୍ କହିଛି।

## ୨୬ରେ ଦିଲ୍ଲୀରେ କ୍ୱାଡ୍ ବୈଠକ

ନୂଆଦିଲ୍ଲୀ, ୨୨।୫(ଏଜେନ୍ସି): ଆସନ୍ତା ମେ ୨୬ ତାରିଖରେ ନୂଆଦିଲ୍ଲୀରେ 'କ୍ୱାଡ୍' ସଦସ୍ୟ ଦେଶଗୁଡ଼ିକର ବିଦେଶ ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ନିମନ୍ତ୍ରଣ କ୍ରମେ ଆମେରିକାର ନୂତନ ବିଦେଶ ସଚିବ ମାର୍କ ରୁବିଓ, ଅଷ୍ଟ୍ରେଲିଆର ବିଦେଶ ମନ୍ତ୍ରୀ ପେନି ୱଙ୍ଗ ଏବଂ ଜାପାନର ବିଦେଶ ମନ୍ତ୍ରୀ ତୋଶିମିସୁ ମୋତେଗି ଏହି ସମ୍ମିଳନୀରେ ଯୋଗଦେବା ପାଇଁ ଭାରତ ଗସ୍ତ କରିବେ। ଆମେରିକା ବିଦେଶ ସଚିବ ଭାବେ ରୁବିଓଙ୍କର ଏହା ପ୍ରଥମ ଭାରତ ଗସ୍ତ ହେବ। ଏହି ବୈଠକରେ ଏକ ମୁକ୍ତ ଏବଂ ଖୋଲା ଇଣ୍ଡୋ-ପାସିଫିକ୍ କ୍ଷେତ୍ରର ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ଏହା ସହିତ ୧ ଜୁଲାଇ ୨୦୨୫ରେ ୱାସିଂଟନ୍‌ରେ ହୋଇଥିବା ଆଲୋଚନାକୁ ଆଗକୁ ବଢ଼ାଯିବ। ଚାରି ଦେଶର ନେତାମାନେ ବାଣିଜ୍ୟ, ଶକ୍ତି ସୁରକ୍ଷା, ପ୍ରତିରକ୍ଷା ସହଯୋଗ ଏବଂ ଅନ୍ୟାନ୍ୟ ପ୍ରାଥମିକତା ପ୍ରସଙ୍ଗରେ ମତାମତ ବିନିମୟ କରିବେ। କ୍ୱାଡ୍‌ର ଚାଲୁ ରହିଥିବା ବିଭିନ୍ନ ପ୍ରକଳ୍ପର ପ୍ରଗତି ସମୀକ୍ଷା କରାଯିବା ସହ ବର୍ତ୍ତମାନର ଆନ୍ତର୍ଜାତୀୟ ପରିସ୍ଥିତି ଓ ପାରସ୍ପରିକ ସ୍ୱାର୍ଥ ରକ୍ଷା ଉପରେ ଆଲୋଚନା ହେବ।

## ଚନ୍ଦ୍ରଯାନ-୩କୁ ଆମେରିକାର ସର୍ବୋଚ୍ଚ ମହାକାଶ ସମ୍ମାନ

ୱାଶିଂଟନ/ନୂଆଦିଲ୍ଲୀ, ୨୨।୫(ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ'ର ଐତିହାସିକ ଚନ୍ଦ୍ର ଅଭିଯାନ 'ଚନ୍ଦ୍ରଯାନ-୩' ପୁଣି ଥରେ ବିଶ୍ୱ ଦରବାରରେ ଦେଶର ଗୌରବ ବଢ଼ାଇଛି। ଆମେରିକୀୟ ବିମାନ ଚାଳନା ଏବଂ ମହାକାଶ ବିଜ୍ଞାନ ସଂସ୍ଥାନ ପକ୍ଷରୁ ଚନ୍ଦ୍ରଯାନ-୩କୁ ପ୍ରତିଷ୍ଠିତ '୨୦୨୬ ଗୋଡାର୍ଡ ଆଷ୍ଟ୍ରୋନେଟିକ୍ସ ଆୱାର୍ଡ' ବା ଗୋଡାର୍ଡ ମହାକାଶ ବିଜ୍ଞାନ ପୁରସ୍କାରରେ ସମ୍ମାନିତ କରାଯାଇଛି। ଗତ ମେ ୨୧ ତାରିଖରେ ୱାଶିଂଟନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଭାରତକୁ ଏହି ସର୍ବୋଚ୍ଚ ସମ୍ମାନ ପ୍ରଦାନ କରାଯାଇଛି, ଯାହା ଭାରତର ବୈଜ୍ଞାନିକ ସଫଳତାର ଏକ ଅନନ୍ୟ ପ୍ରମାଣ। ୨୦୨୩ ମସିହା ଅଗଷ୍ଟ ୨୩ ତାରିଖରେ ଚନ୍ଦ୍ରଯାନ-୩ ବିଶ୍ୱର ପ୍ରଥମ ମହାକାଶଯାନ ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫଳତାର ସହ ଅବତରଣ କରି ଇତିହାସ ରଚିଥିଲା। ଏହି ସଫଳତା ଏବଂ ମହାକାଶ ବିଜ୍ଞାନ ପ୍ରତି ଅତୁଳନୀୟ ଅବଦାନ ପାଇଁ ଇସ୍ରୋକୁ ଏହି ପୁରସ୍କାର ମିଳିଛି। ୱାଶିଂଟନରେ ଆୟୋଜିତ ଭବ୍ୟ ସମ୍ମିଳନୀରେ ଆମେରିକାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ବିନୟ କ୍ୱାତ୍ରା ଇସ୍ରୋ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଚନ୍ଦ୍ରର ଦକ୍ଷିଣ ମେରୁ, ଯାହା ପୂର୍ବରୁ ସମ୍ପୂର୍ଣ୍ଣ ଅନ୍ଧକାରାଚ୍ଛନ୍ନ ଏବଂ ଅନାବିଷ୍କୃତ ଥିଲା, ସେଠାରୁ ଚନ୍ଦ୍ରଯାନ-୩ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଠାଇଛି। ଏହି ଅଭିଯାନ ଚନ୍ଦ୍ର ମାଟିରେ ଅନେକ ମୂଲ୍ୟବାନ ରାସାୟନିକ ଉପାଦାନର ଉପସ୍ଥିତି ନିଶ୍ଚିତ କରିଛି। ଏହି ଆବିଷ୍କାର ଆଗାମୀ ଦିନରେ ଚନ୍ଦ୍ର ପୃଷ୍ଠରେ ମାନବ ବସତି ସ୍ଥାପନ ଏବଂ ବିଭିନ୍ନ ଶିଳ୍ପ କାରଖାନା ନିର୍ମାଣ କରିବାରେ ବେଶ୍ ସହାୟକ ହେବ ବୋଲି ବୈଜ୍ଞାନିକମାନେ ଆଶା ପ୍ରକଟ କରିଛନ୍ତି। ଏଥିସହ ଭାରତ ଓ ଆମେରିକା ମଧ୍ୟରେ ମହାକାଶ ଗବେଷଣା କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ସୁଦୃଢ଼ ହେବ ବୋଲି ଭାରତୀୟ ରାଷ୍ଟ୍ରଦୂତ ପ୍ରକାଶ କରିଛନ୍ତି। ଆଧୁନିକ ରକେଟ୍ ବିଜ୍ଞାନର ଜନକ ରବର୍ଟ ଏଚ୍. ଗୋଡାର୍ଡଙ୍କ ସ୍ମୃତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ମହାକାଶ ବିଜ୍ଞାନ ଏବଂ ରକେଟ୍ ପ୍ରଦ୍ୟୋଗିକୀ କ୍ଷେତ୍ରରେ ବିଶେଷ ସଫଳତା ପାଇଁ ଏହାକୁ ଆମେରିକାର ସବୁଠାରୁ ପ୍ରତିଷ୍ଠିତ ସମ୍ମାନ ଭାବେ ଗଣନା କରାଯାଏ। ୧୯୭୫ ମସିହାରୁ ଏହି ପୁରସ୍କାରର ପରିସରକୁ ବ୍ୟାପକ କରାଯାଇ ବିଶ୍ୱର ଶ୍ରେଷ୍ଠ ମହାକାଶ ଅଭିଯାନଗୁଡ଼ିକୁ ସମ୍ମାନିତ କରାଯାଉଛି।




ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 43 ♦ISSUE-324 ♦SATURDAY ♦23 MAY 2026 ♦PAGE-12 ♦₹ 7.00
♦ବର୍ଷ-୪୩ ♦ସଂଖ୍ୟା-୩୨୪ ♦ଶନିବାର ♦୨୩ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

# ଘୂର୍ଣ୍ଣିବଳୟ ସକ୍ରିୟ; ୨୮ ରେ ଲଘୁଚାପ

■ ଭୁବନେଶ୍ୱର, ୨୨।୫ (ସମିସ): ଆସନ୍ତା ସପ୍ତାହରେ ରାଜ୍ୟରେ ଲଘୁଚାପ ଜନିତ ବର୍ଷା ହୋଇପାରେ। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଏବଂ ଏହାର ପାଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଆସନ୍ତା ୨୮ ଓ ୨୯ ବେଳକୁ ଏହାଦ୍ୱାରା ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏହି ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିବା ବେଳେ ପରେ ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି ବୋଲି ଆଇଏମଡି ପକ୍ଷରୁ ସୂଚନା ଦିଆଯାଇଛି।

ଅପରପକ୍ଷେ ବରିଷ୍ଠ ପାଣିପାଗ ବିଶେଷଜ୍ଞ ଡ. ସୁରେନ୍ଦ୍ରନାଥ ପଶୁପାଳକଙ୍କ ଅନୁଯାୟୀ ଏକାଧିକ ବିଶ୍ୱସ୍ତରୀୟ ସାଂଖ୍ୟିକ ମଡେଲଗୁଡ଼ିକର ସଦ୍ୟତମ ଆକଳନରୁ ଜଣାପଡୁଛି ଯେ ଭାରତୀୟ ମହାସାଗରୀୟ ଅବବାହିକାରେ ମୌସୁମୀ ଅନୁକୂଳ ବାୟୁମଣ୍ଡଳୀୟ ସ୍ଥିତି ଦ୍ରୁତ ବେଗରେ ସୁଦୃଢ଼ ହେବାରେ ଲାଗିଛି। ବିଗତ ୪୮ ଘଣ୍ଟା ମଧ୍ୟରେ, ମଡେଲଗୁଡ଼ିକର ସମୀକ୍ଷା ବଙ୍ଗୋପସାଗରରେ ଏକ ସୁସଂଗଠିତ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ଦିଗରେ ନିଶ୍ଚିତ ସଙ୍କେତ ଦେଇଛି। ▶ପୃଷ୍ଠା-୭

**ଅଧା ରହିଗଲା ମୁଣ୍ଡନ ଭୋଜି**

# ଅଟୋ-ବସ୍ ଧକ୍କା; ୬ ମୃତ

■ ବ୍ରହ୍ମପୁର/ପୁରୁଷୋତ୍ତମପୁର/କୋଦଳା, ୨୨।୫ (ସମିସ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭୂତସରସିଙ୍ଗି-ଶିକୁଳା ରାସ୍ତାର ଲଡକାପଲ୍ଲୀଠାରେ ଶୁକ୍ରବାର ଏକ ବସ୍ ଓ ଅଟୋ ମଧ୍ୟରେ ଧକ୍କା ହୋଇଛି। ଏଥିରେ ୬ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଗୋଳନ୍ଥରା ଥାନା ଚିକିଟି ବ୍ଲକ ଏରେଣ୍ଡ୍ରା ଗ୍ରାମର ମଲ୍ଲୀ ବେହେରା (୭୫), ନରସିଂହ ବେହେରା(୫୦), ଲିଳାବତି ବେହେରା (୪୫), ରତନୀ ବେହେରା(୪୬), ପୁରୁଷୋତ୍ତମପୁରର ସ୍ନେହା ବେହେରା (୧୦), କିରଣ ବେହେରା (୧୦)। ଗୁରୁତର ମାନେ ହେଲେ ଅଳକା ବେହେରା (୧୭) କନକ ବେହେରା (୬୦) ଭାଗ୍ୟ ବେହେରା (୫୫) ଝିଲି ବେହେରା (୪୦), ଗୀତାଞ୍ଜଳି ବେହେରା ଓ ଅଟୋ ଡ୍ରାଇଭର ବାବୁ ପ୍ରଧାନ ଆହତ ହୋଇଛନ୍ତି।



- ବସ୍ ଡ୍ରାଇଭର ଫେରାର୍, ହେଲ୍ପର ଅଟକ
- ଶୋକାକୁଳ ପରିବେଶରେ ଶବଦାହ
- ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ଏମ୍‌କେସିଜିରେ ଆହତଙ୍କୁ ଭେଟିଲେ ମନ୍ତ୍ରୀ

ସୂଚନା ଅନୁସାରେ, ଗୋଳନ୍ଥରା ଥାନା ଏରେଣ୍ଡ୍ରା ଗ୍ରାମ ଏକ ପରିବାର ଏକ ଯାତ୍ରୀବାହୀ ଅଟୋ ନଂ ଓଡି ୩୨ଇ ୪୫୩୬ ଯୋଗେ ସିଂହାସିନୀ ମନ୍ଦିରରେ ସମ୍ପର୍କୀୟ ଛୁଆର ମାନସିକ ମୁଣ୍ଡନ କାର୍ଯ୍ୟକ୍ରମରେ ଯୋଗଦେବାକୁ ପୁରୁଷୋତ୍ତମପୁର ଚାଙ୍ଗୁଡିପଦର ସାହି ଝିଆରୀ ଘରକୁ ଆସିଥିଲେ। ସେଠାରୁ ଝିଆରୀର ଝିଅ ସ୍ନେହା ବେହେରା, ଶାଶୁଙ୍କୁ ସାଙ୍ଗରେ ନେଇ ସମସ୍ତେ ଅଟୋରେ ସିଂହାସିନୀ ପୀଠକୁ ଭୋଜିରେ ଯୋଗଦେବାକୁ ଯାଇଥାନ୍ତେ। ହେଲେ ବିପରୀତ ଦିଗ କୋଦଳାରୁ ପୁରୁଷୋତ୍ତମପୁର ▶ପୃଷ୍ଠା-୭

**ସଂରକ୍ଷଣ ବ୍ୟବସ୍ଥାକୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ପ୍ରଶ୍ନ**

# ଆଇଏଏସ୍ ଅଫିସରଙ୍କ ପିଲା କାହିଁକି ଚାହୁଁଛନ୍ତି ସଂରକ୍ଷଣ



■ ନୂଆଦିଲ୍ଲୀ, ୨୨।୫ (ଏଜେନ୍ସି): ପଛୁଆ ବର୍ଗ ମଧ୍ୟରେ ଥିବା ଆର୍ଥିକ ଓ ସାମାଜିକ ସ୍ତରରେ ସମୃଦ୍ଧ ପରିବାର (କ୍ରିମିଲେୟାର) ମାନଙ୍କୁ କ୍ରମାଗତ ଭାବେ ସଂରକ୍ଷଣ ସୁବିଧା ଯୋଗାଇଦେବା ପ୍ରସଙ୍ଗରେ ସୁପ୍ରିମକୋର୍ଟ ଏକ ବଡ଼ ପ୍ରଶ୍ନ ଉଠାଇଛନ୍ତି। ଜଷ୍ଟିସ୍ ବି. ଭି. ନାଗରତ୍ନ ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ମାମଲାର ଶୁଣାଣି ସମୟରେ କହିଛନ୍ତି ଯେ, ଯେଉଁ ପରିବାରଗୁଡ଼ିକ ସଂରକ୍ଷଣ ମାଧ୍ୟମରେ ସାମାଜିକ ଓ ଆର୍ଥିକ ସ୍ତରରେ ସମୃଦ୍ଧ ହୋଇସାରିଛନ୍ତି, ସେମାନେ ଧୀରେ ଧୀରେ ଏହି ବ୍ୟବସ୍ଥାରୁ ବାହାରିଯିବା ଉଚିତ। ଅଦାଲତ ମୌଖିକ ଭାବେ ପ୍ରଶ୍ନ କରିଛନ୍ତି ଯେ, ଯଦି ଜଣେ ପିଲାଙ୍କର ବାପା ଏବଂ ମା' ଉଭୟ ଉଚ୍ଚ ପଦସ୍ଥ ସରକାରୀ ଚାକିରିଆ (ଆଇଏଏସ୍ ଅଫିସର) ଅଟନ୍ତି, ତେବେ ସେମାନଙ୍କ ପିଲାମାନଙ୍କ ପାଇଁ ପୁଣି ସଂରକ୍ଷଣର ଆବଶ୍ୟକତା କାହିଁକି ରହିଛି? ଶିକ୍ଷାଗତ ଏବଂ ଆର୍ଥିକ ସଶକ୍ତିକରଣ ଆସିବା ପରେ ସାମାଜିକ ସ୍ଥିତିରେ ସୁଧାର ଆସିଥାଏ। ଯଦି ଏଭଳି ସ୍ୱଚ୍ଛଳ ପରିବାରର ପିଲାମାନେ ପୁଣି ସଂରକ୍ଷଣ ସୁବିଧା ଖୋଜିବେ, ତେବେ ଦେଶ କେବେ ମଧ୍ୟ ସଂରକ୍ଷଣ ବ୍ୟବସ୍ଥାରୁ ▶ପୃଷ୍ଠା-୭

# କକ୍ରୋଚ୍ ଜନତା ପାର୍ଟି ପ୍ରତିଷ୍ଠାତା ଅଭିଜିତ ଦୀପ୍‌କେଙ୍କୁ ହତ୍ୟା ଧମକ



**'ଆମେରିକାରେ ବି ମାରିଦେବୁ'**

■ ନୂଆଦିଲ୍ଲୀ, ୨୨।୫ (ଏଜେନ୍ସି): ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚିତ 'କକ୍ରୋଚ୍ ଜନତା ପାର୍ଟି'ର ପ୍ରତିଷ୍ଠାତା ଅଭିଜିତ ଦିପ୍‌କେଙ୍କୁ ଜୀବନରୁ ମାରିଦେବା ପାଇଁ ଧମକ ମିଳିଥିବା ସେ ଅଭିଯୋଗ କରିଛନ୍ତି। ନିଜ ଏକ୍ସ (ଟୁଇଟର) ଆକାଉଣ୍ଟରେ କିଛି ହ୍ୱାଟ୍ସଆପ୍ ମେସେଜ୍‌ର ସ୍କ୍ରିନସଟ୍ ସେୟାର କରି ସେ ଏହି ସୂଚନା ଦେଇଛନ୍ତି। ଟଙ୍କା ନେଇ ଆକାଉଣ୍ଟ ବନ୍ଦ କରିବାକୁ ତାଙ୍କୁ ଧମକ ଦିଆଯାଇଛି। ଅଭିଜିତଙ୍କୁ ହିନ୍ଦୀରେ ଆସିଥିବା ଏକ ମେସେଜ୍‌ରେ ଲେଖାଅଛି, "ଶୁଣ, ଆକାଉଣ୍ଟ ବନ୍ଦ କରିବା ପାଇଁ ତୁମକୁ ଟଙ୍କା ମିଳିଯିବ। ନଚେତ୍ ଆମେ ତୁମକୁ ଆମେରିକାରେ ଥିଲେ ବି ମାରି ଦେଇପାରିବୁ।' ଅନ୍ୟ ଏକ ମେସେଜ୍‌ରେ ଲେଖାଯାଇଛି ଯେ, "ଆମ ପାଖରେ ତୁମର ନମ୍ବର ଅଛି ଏବଂ ତୁମର ଘର ଖୋଜିବା ପାଇଁ ଆମକୁ ଆଦୌ ସମୟ ଲାଗିବ ନାହିଁ।' ଏହି ସ୍କ୍ରିନସଟ୍ ଗୁଡ଼ିକୁ ସେୟାର କରି ଅଭିଜିତ ଏକ୍ସ'ରେ ଲେଖିଛନ୍ତି, "ବର୍ତ୍ତମାନ ମୋତେ ହତ୍ୟା ଧମକ ମିଳୁଛି।' ନିଜର ବ୍ୟଙ୍ଗାତ୍ମକ ପୋଷ୍ଟ ଓ ଭିନ୍ନ ଅନ୍ଦାଜ ପାଇଁ ଅନ୍‌ଲାଇନ ଦୁନିଆରେ ଚର୍ଚ୍ଚାରେ ଥିବା ଅଭିଜିତଙ୍କୁ ଏଭଳି ସୀମାପାର କିମ୍ବା ଅଜ୍ଞାତ ସ୍ଥାନରୁ ଆସୁଥିବା ଧମକ ଏବେ ସୋସିଆଲ ମିଡିଆରେ ଚିନ୍ତାର ବିଷୟ ପାଲଟିଛି।

# ପଶ୍ଚିମରେ ତାତି, ଉପକୂଳରେ ଗୁଳୁଗୁଳି

**୨୭ ଯାଏଁ ନିସ୍ତାର ନାହିଁ**

**ଝାରସୁଗୁଡ଼ାରେ ୪୫.୨ ଡିଗ୍ରୀ**

■ ଭୁବନେଶ୍ୱର, ୨୨।୫ (ସମିସ): ଅସହ୍ୟ ତାତି ଓ ଗୁଳୁଗୁଳିରେ ରାଜ୍ୟବାସୀ ସନ୍ତୁଳି ହେଉଥିବା ବେଳେ ଆସନ୍ତା ୨୭ ତାରିଖ ଯାଏଁ ଏଥିରୁ ନିସ୍ତାର ମିଳିବ ନାହିଁ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏ ନେଇ ପୂର୍ବାନୁମାନ ପ୍ରକାଶ ପାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଶନିବାର ଭଦ୍ରକ, କେନ୍ଦ୍ରାପଡା, ସୁନ୍ଦରଗଡ, ବରଗଡ, ଅନୁଗୋଳ, ସୋନପୁର, ବୌଦ୍ଧ ଓ ନୟାଗଡରେ ପ୍ରବଳ ତାତି ଅନୁଭୂତ ହେବ। ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ହିଟ ୱେଭ ସତର୍କ ସୂଚନା ଜାରି କରାଯାଇଛି। ସେହିପରି ସମ୍ବଲପୁର, ବଲାଙ୍ଗୀର ପରି ପଶ୍ଚିମ ଓଡ଼ିଶାର ଜିଲ୍ଲାମାନଙ୍କରେ ରାତିରେ ଉଷ୍ମତା ଅନୁଭୂତ ହେବାର ସମ୍ଭାବନା ରହିଛି। ଏହା ବ୍ୟତୀତ ବାଲେଶ୍ୱର, ଯାଜପୁର, ଜଗତସିଂହପୁର, କେନ୍ଦୁଝର, କଟକ, ଦେବଗଡ, ଢେଙ୍କାନାଳ, ମୟୂରଭଞ୍ଜ, ନୂଆପଡ଼ା, କଳାହାଣ୍ଡି, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧାରେ ଉଷ୍ଣ ଓ ଆର୍ଦ୍ର ପାଣିପାଗ ଅର୍ଥାତ୍ ପ୍ରବଳ ଗୁଳୁଗୁଳି ଅନୁଭୂତ ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେହିପରି ରବିବାର ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୋଳ, ବୌଦ୍ଧ ଓ ବଲାଙ୍ଗୀର ଜିଲ୍ଲାରେ ହିଟ ୱେଭ ପରିସ୍ଥିତି ପୂର୍ବାନୁମାନ କରି ସଂପୃକ୍ତ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ▶ପୃଷ୍ଠା-୭

**+୨ ପରୀକ୍ଷାର ବିଚିତ୍ର ମୂଲ୍ୟାୟନ**

# ୧୦୦ରୁ ମିଳିଲା ୧୦୨

**ମୁଦ୍ରଣଗତ ତ୍ରୁଟି କହିଲା ସିଏଚ୍‌ଏସ୍‌ଇ**

■ ଭୁବନେଶ୍ୱର, ୨୨।୫ (ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ମୂଲ୍ୟାଙ୍କନ ପ୍ରକ୍ରିୟାରେ ସାଙ୍ଘାତିକ ତ୍ରୁଟି ପଦାକୁ ଆସିଛି। କଟକସ୍ଥିତ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ଛାତ୍ର ଇଂରାଜୀ ବିଷୟରେ ମୋଟ୍ ୧୦୦ ମାର୍କରୁ ୧୦୨ ପାଇବା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ମୋଟ୍ ମାର୍କ ଠାରୁ ଜଣେ ପରୀକ୍ଷାର୍ଥୀ ଅଧିକ ମାର୍କ କିପରି ପାଇଲେ ବୋଲି ଶିକ୍ଷାବିତ୍‌ମାନେ ପ୍ରଶ୍ନ କରିଥିବାବେଳେ ଆଉକିଛି ଏହାକୁ ବେପାରୁଆ ଓ ତ୍ରୁଟିପୂର୍ଣ୍ଣ ମୂଲ୍ୟାଙ୍କନର ପ୍ରତିଫଳନ ବୋଲି ଅଭିଯୋଗ କରିଛନ୍ତି। ଘଟଣା ପଦାକୁ ଆସିବା ପରେ ସିଏଚ୍‌ଏସ୍‌ଇ ପକ୍ଷରୁ ସ୍ପଷ୍ଟିକରଣ ରଖାଯାଇଛି। ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି ଯେ, ଏହି ବିଷୟରେ ପରିଷଦ ଅବଗତ ଅଛି। ମୁଦ୍ରଣଗତ ତ୍ରୁଟି କାରଣରୁ ସମୁଦାୟ ନମ୍ବର ଠାରୁ ଅଧିକ ମାର୍କ ରହିଛି। ଅନ୍‌ଲାଇନ୍‌ରେ ଉପଲବ୍ଧ ହୋଇଥିବା ▶ପୃଷ୍ଠା-୭



## ବାରିପଦା ନିର୍ବାଚନମଣ୍ଡଳୀରେ ବିଜେଡିର ନାରୀ ସୁରକ୍ଷା ଅଧିକାର ଅଭିଯାନ

# ‘ଆଗକୁ ନାରୀ ଅଧିକାର ନେଇ ଲଢେଇ ତୀବ୍ର ହେବ’

ବାରିପଦା, ୨୨।୫(ସମିସ)




ଆଗକୁ ନାରୀ ଅଧିକାର ଲଢେଇ ତୀବ୍ର ରୂପ ନେବ ବୋଲି ଶୁକ୍ରବାର ବାରିପଦା ନିର୍ବାଚନମଣ୍ଡଳୀର ହଜାର ହଜାର କର୍ମୀ ରଣହୁଙ୍କାର ଦେଇଛନ୍ତି। ପୂର୍ବତନ ଉପବାଚସ୍ପତି ତଥା ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ସାନନ୍ଦ ମାରାଣ୍ଡିଙ୍କ ନେତୃତ୍ୱରେ ଆୟୋଜିତ ଏହି ନାରୀ ଅଧିକାର ଲଢେଇ ପଦଯାତ୍ରାରେ ୫୦୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇ କେନ୍ଦ୍ର ସରକାରଙ୍କର ଦୋମୁହାଁ ନୀତିକୁ ନିନ୍ଦା କରିଥିଲେ।

ବିଜୁ ଭବନରୁ ବିଶାଳ ପଦଯାତ୍ରା ଆରମ୍ଭ ହୋଇ ବିଜୁ ପଟ୍ଟନାୟକ ଛକଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏକ ବିଶାଳ ସଭା ଶ୍ରୀ ମାରାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ପର୍ଯ୍ୟବେକ୍ଷକ ଭାବେ ପ୍ରିୟବ୍ରତ ମାଝୀ ଓ ଭାରତୀ ସିଂ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ସୁଦାମ ମାରାଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ରାଜକିଶୋର ଦାସ, ଗଣେଶ୍ୱର ପାତ୍ର, ମୟୂରଭଞ୍ଜ ସଦର ସଭାପତି ଡା. ଦେବାଶିଷ ମାରାଣ୍ଡି, ବାରିପଦା ପୌରପରିଷଦ ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ରାଜ୍ୟ ସମ୍ପାଦକ ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସୁବ୍ରମଣ୍ୟମ ମହାନ୍ତି, ଦୀପକ ମଟ୍ଟୁଆଲ, ଉପନଗରପାଳ ସୀମା ଦାସ, ମହିଳା ଜୋନାଲ ସଭାପତି ପ୍ରୀତିନନ୍ଦା କାନୁନଗୋ, ମହିଳା ରାଜ୍ୟ ସମ୍ପାଦକ ଶ୍ରାବଣୀ ଦାସ, ସବିତା ବେହେରା, ନାରୀନେତ୍ରୀ ବୀଣାପାଣି ସାହୁ, ସମ୍ପା ମଜୁମଦାର, ପାର୍ବତୀ ହେମ୍ବ୍ରମ, ପୁଷ୍ପଲତା ମାଣ୍ଡି, ପ୍ରଭାତ ମହାନ୍ତି, ପ୍ରଭାତ ନାୟକ, ସୁଧନ୍ୟ ନାଏକ, ସୁନ୍ଦର ସିଂ, ସରୋଜ ମହାପାତ୍ର, ଗୀତାରାଣୀ ବେହେରା, କାଉନସିଲର ସୁକେସିନୀ ସେଠୀ, ଅନୁରାଧା ମହାନ୍ତି, ରାଜ ଗୁପ୍ତା, ପୂଜା ତରେଇ, ମୂର୍ଚ୍ଛନା ମହାନ୍ତି, ପ୍ରଭାତୀ ପୃଷ୍ଟି, ମହେଶ ଭଞ୍ଜଦେଓ, ଦେବାଶିଷ ଦାସ, ଲିଟନ ମହାପାତ୍ର, ଦର୍ପନାରାୟଣ ପାଲ, କୁମାର ମୁଖୀ, ସୁଧୀର ବାରିକ, ଅନନ୍ତ ଦାସ, ଦେବାଶିଷ ପାତ୍ର, ତ୍ରିଲୋକେଶ ପଣ୍ଡା, ଭାଗ୍ୟଲକ୍ଷ୍ମୀ ନାୟକ, ଜିତା ସିଂ, ଶିବଶଙ୍କର ପାତ୍ର, ଛତିଶ ମହାକୁଡ଼, ଅମର ସେଠୀ, ସୁଜିତ ମହାନ୍ତି, ରତ୍ନାକର ବେହେରା, ଅରୁଣ ବରାଡ, ସୁନୀଲ କୁମାର ନାୟକ, ଅବଦୁଲ ହବିବ, ହରେକୃଷ୍ଣ ଦାସ, ଜିତ ପଟ୍ଟନାୟକ, ଶେଖ୍ ହାକିମ, ନନ୍ଦନ ଭଞ୍ଜ, ଅମ୍ବିକା ରାଉତ, ଆଶିର୍ବାଦ ଦାସ, ସୁଶାନ୍ତ ପାଶା, ଆଭାସ ଦେ, ଅନିତା ସେଠୀ, ଅଭିଜିତ୍ କଲିଆ, ମନୀଷ ବେହେରା, ଦେବବ୍ରତ ସେନାପତି, ଅମିତ୍ ବୈଠା, ଭବାନୀ ଶଙ୍କର ଧଡ଼ା, କମଲଧଳ, ଅମିତ ମହାକୁଡ଼ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ।

## +୨ ପରୀକ୍ଷାରେ ସୀମାନ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ସଫଳତା





ସାରସକଣା, ୨୨।୫(ସମିସ): +୨ ପରୀକ୍ଷାରେ ସୀମାନ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ସଫଳ ହୋଇଛନ୍ତି। ବିଜ୍ଞାନରେ ୯୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୪୧ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଇଛନ୍ତି। କଳାରେ ୨୩୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୫ ଜଣ ପ୍ରଥମ ଶ୍ରେଣୀ, ବାଣିଜ୍ୟରେ ୩୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ଶିବଶଙ୍କର ମଣ୍ଡଳ ୫୦୬ ନମ୍ବର ରଖି ପ୍ରଥମ, ସୁଶ୍ରୀ ପ୍ରିୟଙ୍କା ସାହୁ ୪୯୯ ଦ୍ୱିତୀୟ ଓ ତପତି ପଲେଇ ୪୭୭ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ କଳାରେ ଦୁଲିମଣି ମାରାଣ୍ଡି ୫୨୩, ରିମା ବେହେରା ୫୧୪ ଓ ବଳରାମ ପାତ୍ର ୫୧୩ ନମ୍ବର ରଖି ପ୍ରଥମ, ଦ୍ୱିତୀୟ ଓ ତୃତୀୟ, ବାଣିଜ୍ୟରେ ସ୍ନେହଲତା ନାଏକ ୪୯୨, ପ୍ରିୟଙ୍କା ମୁର୍ମୁ ଓ ନାରାୟଣ ଟୁଡୁ ଉଭୟ ୩୭୬ ନମ୍ବର ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଧନ୍ଦାମୂଳକ ପରୀକ୍ଷାରେ ସୁଭଦ୍ରା ପରିଡ଼ା ୫୧୮ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଗତ ଶିକ୍ଷାବର୍ଷରେ କଳାରେ ୨୫୪ ଜଣଙ୍କ ମଧ୍ୟରୁ ୮୨ ଜଣ ପ୍ରଥମ ଶ୍ରେଣୀ, ବିଜ୍ଞାନରେ ୧୨୧ ଜଣଙ୍କ ମଧ୍ୟରୁ ୩୬ ଜଣ, ବାଣିଜ୍ୟରେ ୨୯ ଜଣଙ୍କ ମଧ୍ୟରୁ ୩ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଚଳିତ ବର୍ଷ କଳାରେ ୨୩୮ ଜଣଙ୍କ ମଧ୍ୟରୁ ୭୫ ଜଣ, ବିଜ୍ଞାନରେ ୯୬ ଜଣଙ୍କ ମଧ୍ୟରୁ ୪୧ ଜଣ, ବାଣିଜ୍ୟରେ ୩୧ ଜଣଙ୍କ ମଧ୍ୟରୁ ୪ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କ ଏହି ସଫଳତାର ଶ୍ରେୟ ସେମାନଙ୍କ କଠିନ ପରିଶ୍ରମ, ଅଧ୍ୟାପକ ଅଧ୍ୟାପିକାଙ୍କ ପ୍ରଚେଷ୍ଟା, ପିତାମାତାଙ୍କ ଆଶୀର୍ବାଦକୁ ପ୍ରଦାନ କରିଛନ୍ତି।

## ରାଜନୀତି ବିଜ୍ଞାନ ଓ ଓଡ଼ିଆ ବିଭାଗର ଇଣ୍ଟର୍ଣ୍ଣସିପ କାର୍ଯ୍ୟକ୍ରମ

କପ୍ତିପଦା, ୨୨।୫ (ସମିସ): ନୂଆସାହି ଡିଗ୍ରୀ କଲେଜରେ ରାଜନୀତି ବିଜ୍ଞାନ ଓ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ୩୫ ଦିନିଆ ଇଣ୍ଟର୍ଣ୍ଣସିପ କାର୍ଯ୍ୟକ୍ରମ ଚାଲିଛି। ଏହା ଜୁନ ୧୭ ପର୍ଯ୍ୟନ୍ତ ଚାଲିବ। ପିସବେଲ ସାମାଜିକ ସଂଗଠନ ଭୁବନେଶ୍ୱର ସହଭାଗିତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ଲମ୍ବୋଦର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପିସବେଲ ସଂଗଠନର



ସଭାପତି ହରେକୃଷ୍ଣ ବେହେରା ଓ ତାଙ୍କର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ରୂପରେଖ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡଃ ଶାନ୍ତସୁନ୍ଦର ଆଚାର୍ଯ୍ୟ, ଅଧ୍ୟାପିକା ଇପ୍‌ସିତା ପଣ୍ଡା, ଅଧ୍ୟାପକ ଚନ୍ଦ୍ରମୋହନ ପରିଡ଼ା ଓ ମାନସୀ ସାହୁ ପ୍ରମୁଖ ଉପସ୍ଥିତି ରହି ନିଜ ନିଜର ମତାମତ ପ୍ରଦାନ କରିଥିଲେ। ପ୍ରଥମେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଗ୍ରୁପରେ ଭାଗ କରାଯାଇ ବିଭିନ୍ନ ବିଷୟବସ୍ତୁ ଦିଆଯାଇଥିଲା। ରାଜନୀତି ବିଜ୍ଞାନ ବିଭାଗ ଛାତ୍ରଛାତ୍ରୀଙ୍କୁ ସ୍ଥାନୀୟ ଶାସନରେ ଆଦିବାସୀ ମହିଳାଙ୍କ ଅଂଶଗ୍ରହଣ, ସୁଭଦ୍ରା ଶକ୍ତି ଓ ସଶକ୍ତୀକରଣ, କୃଷି ପରିଚାଳନାରେ ଯୁବପିଢ଼ିଙ୍କ ଅଂଶଗ୍ରହଣ ବିଷୟବସ୍ତୁ ଉପରେ ସେମାନେ ବିଭିନ୍ନ ଗ୍ରାମ, ଅନୁଷ୍ଠାନ ଓ କ୍ଷେତ୍ରୀୟ ପରିଦର୍ଶନ କରି ନିଜର ସନ୍ଦର୍ଭ ଉପସ୍ଥାପନ କରିବେ। ଓଡ଼ିଆ ବିଭାଗ ଛାତ୍ରଛାତ୍ରୀ ଓଡ଼ିଆ ସାହିତ୍ୟରେ ନାରୀଙ୍କ ଭୂମିକା ଓ ସାନ୍ତାଳୀ ସଂସ୍କୃତିରେ ଓଡ଼ିଆ ଲୋକ ପରମ୍ପରାର ପ୍ରଭାବ ବିଷୟବସ୍ତୁ ଉପରେ ବିଭିନ୍ନ ଗ୍ରାମ, ଅନୁଷ୍ଠାନ, କ୍ଷେତ୍ରୀୟ ପରିଦର୍ଶନ କରି ନିଜର ସନ୍ଦର୍ଭ ଉପସ୍ଥାପନା କରିବାକୁ ଆଲୋଚନା କରାଯାଇଥିଲା। ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ରଞ୍ଜିତା ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ।

## ସୋନ ବ୍ୟାରେଜ ପ୍ରକଳ୍ପ ପାଇଁ ଗ୍ରାମସଭା



ଉଦଲା, ୨୨।୫(ସମିସ): ମୟୂରଭଞ୍ଜ ଜିଲ୍ଲା ଉଦଲା ବ୍ଲକ ଅଧୀନରେ ଥିବା ସୋନ ନଦୀ ଉପରେ ହେବାକୁ ଥିବା ସୋନ ବ୍ୟାରେଜ ପାଇଁ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ବହୁ ପ୍ରତୀକ୍ଷିତ ଏହି ବ୍ୟାରେଜ ପାଇଁ ଦୀର୍ଘଦିନ ଧରି ଦାବି ହେଉଥିବାବେଳେ ୨୦୧୪ରୁ ଏହାକୁ ଶୁଭ ଦିଆଯାଇଥିବାବେଳେ ପର୍ଯ୍ୟାୟକ୍ରମେ ଏହାର ସର୍ଭେ କାର୍ଯ୍ୟ ସରିବା ପରେ ଉଦଲା ଓ ଜିବିନଗର ବ୍ଲକର କିଛି ଗାଁରେ ଚାଲିଛି ଗ୍ରାମସଭା। ବୈରାଟପୁର ଓ ଧୂଳିନ୍ଦା ଗ୍ରାମକୁ ନେଇ ଅନୁଷ୍ଠିତ ହୋଇଯାଇଛି ସ୍ୱତନ୍ତ୍ର ଗ୍ରାମସଭା। ସୋନ ବ୍ୟାରେଜର ରୂପରେଖ ଓ ବ୍ୟାରେଜ ପାଇଁ ହେବାକୁ ଥିବା ଜମି ଅଧିଗ୍ରହଣ ସହ କେମିତି ଶୀଘ୍ର ବ୍ୟାରେଜ କାର୍ଯ୍ୟ ହୋଇପାରିବ, ସେନେଇ ଉପସ୍ଥିତ ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇଥିଲା। ଉକ୍ତ ସଭାରେ ଉପରୋକ୍ତ ମୌଜାର ଜମି ମାଲିକଙ୍କ ସମେତ ଗ୍ରାମବାସୀଙ୍କ ସହଯୋଗ ଲୋଡ଼ିଥିଲେ ଅଧିକାରୀ। ଗ୍ରାମସଭାରେ ସଭାପତି ଭାବେ କୋଚିଲାଡିହା ପଞ୍ଚାୟତର ସରପଞ୍ଚ ସାରମଣି ହେମ୍ବ୍ରମଙ୍କ ସହ ସୋନ ବ୍ୟାରେଜ ପ୍ରକଳ୍ପର ଅଧୀକ୍ଷଣ ଯନ୍ତ୍ରୀ ମାନସ ମାଝୀ, ସୋନ ବ୍ୟାରେଜ ପ୍ରକଳ୍ପ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନୀଲ ସୋରେନ, ସୋନ ବ୍ୟାରେଜ ପ୍ରକଳ୍ପର ଜମି ଅଧିଗ୍ରହଣ ଅଧିକାରୀ ଶ୍ରୀ ପାତ୍ର ଯୋଗଦେଇ ଆଗାମୀ ବ୍ୟାରେଜ ପ୍ରକଳ୍ପର ସମ୍ପୂର୍ଣ୍ଣ ବିବରାଣୀ ଗ୍ରାମବାସୀଙ୍କୁ ସୂଚାଇବା ସହ ଜମି ଅଧିଗ୍ରହଣ ଓ ବ୍ୟାରେଜ କାର୍ଯ୍ୟ କେମିତି ହୋଇପାରିବ, ତାହା ଉପରେ ଆଲୋକପାତ କରିଥିଲେ। ଏହି ବ୍ୟାରେଜ ହେବା ଫଳରେ ଜିବିନଗର ସମେତ ବାଲେଶ୍ୱର ଜିଲ୍ଲାର କିଛି ପଞ୍ଚାୟତର ଚାଷୀ ଉପକୃତ ହେବା ସହ ଉଦଲା ଓ ଜିବିନଗର ବ୍ଲକ ମଧ୍ୟରେ ଯାତାୟାତ ପାଇଁ ସୁବିଧା ହୋଇପାରିବ ବୋଲି ସୂଚନା ମିଳିଛି। ଏହି ଗ୍ରାମସଭାରେ ଧୂଳିନ୍ଦା ୱାର୍ଡ ମେମ୍ବର ଶକୁନ୍ତଳା ବିଶ୍ୱାଳ, ବୈରାଟପୁର ୱାର୍ଡ ମେମ୍ବର ରୁପାଲୀ ବେହେରାଙ୍କ ସହ ନୋଗେଶ ରଣା, ଦୀପକ ମିଶ୍ର, ସରୂପ ମହାପାତ୍ର, ଜୀବନ ବେହେରା, ପ୍ରଫୁଲ ନାୟକ, ଶଶୀଧର ଦଳେଇ, ଶ୍ରୀନିବାସ ଦେହୁରୀଙ୍କ ସମେତ ଶହ ଶହ ଗ୍ରାମବାସୀ ଯୋଗ ଦେଇଥିଲେ।

### ଗ୍ରାମବାସୀଙ୍କ ଗଣଧାରଣା ପରେ ଚେତିଲା ପ୍ରଶାସନ

## କିଟିସାହିରେ ଜଳିଲା ବିଜୁଳି ଆଲୁଅ

ଶରତ/କପ୍ତିପଦା, ୨୨।୫(ସମିସ): କପ୍ତିପଦା ବ୍ଲକ ଅନ୍ତର୍ଗତ ଦେୱାନବାହାଲୀ ପଞ୍ଚାୟତର ୩୩ଟି ପରିବାର ବିଦ୍ୟୁତ ସେବା ପାଇବାରୁ



ବଞ୍ଚିତ ଥିଲେ। ଏ ନେଇ କିଟିସାହି ବାସିନ୍ଦା ଗତବର୍ଷ ନଭେମ୍ବର ୧୨ ତାରିଖ ଦିନ ଶରତ ବିକାଶ ମଞ୍ଚ ସହଯୋଗରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଗଣଧାରଣା ପ୍ରଦର୍ଶନ କରିଥିଲେ। ଜିଲ୍ଲାପାଳ ପ୍ରସଙ୍ଗକୁ ଅତ୍ୟନ୍ତ ଗୁରୁତର ସହ ଗ୍ରହଣ କରିଥିଲେ ଓ ବିଦ୍ୟୁତ ସଂଯୋଗ କରାଯିବା ନିମନ୍ତେ ବିଦ୍ୟୁତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟୁତ ସଂଯୋଗ କରାଯିବା ନିମନ୍ତେ କପ୍ତିପଦା ବିଦ୍ୟୁତ ବିଭାଗ ଅତ୍ୟନ୍ତ ତତ୍ପରତା ପ୍ରକାଶ କରିଥିଲେ। ଗ୍ରାମରେ ବିଦ୍ୟୁତ ଖୁଣ୍ଟ ଓ ଉଚ୍ଚକ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ବସାଇ ବିଦ୍ୟୁତ ସଂଯୋଗ କରାଯାଇଛି। କପ୍ତିପଦା ବିଦ୍ୟୁତ ବିଭାଗ ଯନ୍ତ୍ରୀ ଟି. ନାଗେଶ ଉଦଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟୁତ ବିଭାଗ କର୍ମଚାରୀ ତାପସ ମହାନ୍ତି, ତୃପ୍ତି ମହାପାତ୍ର, ଚନ୍ଦନ ବେହେରା ଓ ପ୍ରଦୀପ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଏ ଅବସରରେ ଗ୍ରାମବାସୀ ଓ ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରିମିଲ ସିଂ ଗୋଇପାଇ, ଦୁଲମୁ ଆଲଡା, ଜାମାଦାର ବାଲମୁଚୁ, ନବୀନ ମୁଣ୍ଡୁରୀ, ଗୁଲୁରାମ ଲାମାଏ, ଆନନ୍ଦ ବିନ୍ଧାଣୀ, ଆରୁଲ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱତନ୍ତ୍ର ଜିଲ୍ଲା ଗଠନ ଦାବି



ରାଇରଙ୍ଗପୁର, ୨୨।୫(ସମିସ): ପାଞ୍ଚପିଢ଼ ଓ ବାମନଘାଟି ଉପଖଣ୍ଡକୁ ନେଇ ସ୍ୱତନ୍ତ୍ର ଜିଲ୍ଲା ଗଠନ ପାଇଁ ଦାବି ହୋଇଛି। ଏ ନେଇ ରାମଦୋଳି ୟୁଥ ପାୱାର ଆସୋସିଏସନ ପକ୍ଷରୁ ପ୍ରତିଷ୍ଠାତା ସୁରେନ୍ଦ୍ର ମୁଣ୍ଡା ବାମନଘାଟି ଅତିରିକ୍ତ ଉପଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଆଦିବାସି ବହୁଳ ମୟୂରଭଞ୍ଜ ଜିଲ୍ଲା ରାଜ୍ୟର ସର୍ବବୃହତ ଜିଲ୍ଲା ଅଟେ। ଚାରୋଟି ଉପଖଣ୍ଡକୁ ନେଇ ଜିଲ୍ଲା ହୋଇଛି। ସେଥିରୁ ବାମନଘାଟି ଓ ପାଞ୍ଚପିଢ ଉପଖଣ୍ଡରୁ ଜିଲ୍ଲା ମୁଖ୍ୟାଳୟ ବାରିପଦାକୁ ଆସିବା କଷ୍ଟକର ହେଉଛି। ଦୂରତା ପାଇଁ ଅନେକ କାର୍ଯ୍ୟ ବିଳମ୍ବ ହେଉଛି। ଉକ୍ତ ଦୁଇ ଉପଖଣ୍ଡରେ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ପଛରେ ରହିଛି। ଯାହାକୁ ସମାଧାନ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ତେଣୁ ସମସ୍ୟାର ସମାଧାନ ପାଇଁ ବାମନଘାଟି ଓ ପାଞ୍ଚପିଢ ଉପଖଣ୍ଡକୁ ନେଇ ସ୍ୱତନ୍ତ୍ର ଜିଲ୍ଲା ଗଠନ କରାଯାଉ ବୋଲି ଦାବି କରିଛନ୍ତି। ସ୍ୱତନ୍ତ୍ର ଜିଲ୍ଲା ଘୋଷଣାରେ ବିଳମ୍ବ ହେଲେ ତିରିଂରୁ ଭୁବନେଶ୍ୱର ଯାଏଁ ପଦଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇବେ ବୋଲି କହିଛନ୍ତି।

### ● ଡକାୟତି ଯୋଜନା ପଣ୍ଡ କଲା ପୁଲିସ

## ୩ ଜଣ ଆନ୍ତଃରାଜ୍ୟ ଡକାୟତ ଗିରଫ

ରାଇରଙ୍ଗପୁର, ୨୨।୫(ସମିସ): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ଏକ ବଡ଼ ଡକାୟତି ଯୋଜନା ପଣ୍ଡ କରିଛି। ଡକାୟତି ଯୋଜନା ଚାଲିଥିବାବେଳେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୩ ଜଣ ଆନ୍ତଃରାଜ୍ୟ ଡକାୟତ ଗ୍ୟାଙ୍ଗକୁ ଗିରଫ କରାଯାଇଛି। ଗିରଫ ଡକାୟତ ଝାଡ଼ଖଣ୍ଡ ରାଜ୍ୟ ୱେଷ୍ଟ ସିଂହଭୂମ ଜିଲ୍ଲାର ହଳଦୀପୋଖରୀ ଅଞ୍ଚଳର ଅପ୍ପା ଯୁଧିନ, ସମିମ ଅଲ୍ଲୀ ଓ ସଦାମ ହୁସେନ। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିବାବେଳେ ହାଟବାଦଡା ପେଟ୍ରୋଲ ପମ୍ପ ପଛରେ କେତେକ ଦୁର୍ବୃତ୍ତ ମାରଣାସ୍ତ୍ର ନେଇ ଏକତ୍ରିତ ହୋଇଥିବା ଖବର ମିଳିଥିଲା। କୌଣସି ଘରେ କିମ୍ବା ଅନ୍ୟ ସ୍ଥାନରେ ବଡ଼ଧରଣର ଡକାୟତି କରିବାକୁ ଯୋଜନା କରୁଥିଲେ। ପୁଲିସ ଟିମ୍ ପହଞ୍ଚିବା ବେଳକୁ ୭/୮ ଜଣ ଦୁର୍ବୃତ୍ତ ଚମ୍ପଟ ମାରିଥିଲେ। ପୁଲିସ ପିଛା କରି ୩ ଜଣଙ୍କୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ଡକାୟତି ନିମନ୍ତେ ବ୍ୟବହୃତ ସମଗ୍ରୀ, ମାରଣାସ୍ତ୍ର ଓ କାର ଜବତ କରାଯାଇଛି। ସେମାନେ ଗୋପାଳପୁର ପେଟ୍ରୋଲ ପମ୍ପରୁ ଡକାୟତି କରିବା ନେଇ ଯୋଜନା କରୁଥିବା ସ୍ୱୀକାର କରିଛନ୍ତି। ସମସ୍ତଙ୍କୁ କୋର୍ଟ ଚାଲାଣ କରିବା ସହ ଅନ୍ୟମାନଙ୍କୁ ଗିରଫ କରିବାକୁ ପ୍ରୟାସ ଜାରି ରହିଛି।

### ● ବଡ଼ବନ୍ଧରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର ଘଟଣା

## ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ରାଇରଙ୍ଗପୁର, ୨୨।୫(ସମିସ): ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ବଡ଼ବନ୍ଧକୁ ଗାଧୋଇବାକୁ ଯାଇଥିବାବେଳେ ଜଣେ ଛାତ୍ର ମୃତ୍ୟୁବରଣ କରିଥିଲେ। ଉକ୍ତ ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଛି। ମାସା ଆର୍ମୀ ସଂଗଠନ ପକ୍ଷରୁ ଦୁର୍ଘଟଣାରେ ଜଡ଼ିତ ମେସ ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ରାଇରଙ୍ଗପୁର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି।



ରାଇରଙ୍ଗପୁରରେ ରହି ପଢୁଥିବା ଅଷ୍ଟମ ଶ୍ରେଣୀ ଛାତ୍ର ଶୁଭାଶିଷ ବୈପାଇର ଗତ ସୋମବାର ଅପରାହ୍ନରେ ସାଙ୍ଗମାନଙ୍କ ସହ ଗାଧେଇବାକୁ ଯାଇ ନିଖୋଜ ହୋଇଯାଇଥିଲେ। ପରଦିନ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଦେଉଗାମ ନାମକ ଏକ ଘରୋଇ ମେସରେ ରହି ଶୁଭାଶିଷ ପଢୁଥିଲେ। ମେସ ମାଲିକଙ୍କ ଅବହେଳା ପାଇଁ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମାସା ସଂଗଠନ ପକ୍ଷରୁ ଉକ୍ତ ଘଟଣାରେ ଜଡ଼ିତ ମେସ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ମେସ୍ ମାଲିକଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି।

### ● ଭିନ୍ନ ଏକ ବିବାହ

## ଜ୍ୱାଇଁଠାରୁ ଯୌତୁକ ଆଣିଲେ ଝିଅର ବାପା

କପ୍ତିପଦା, ୨୨।୫ (ସମିସ): ଯୌତୁକ ଏକ ସାମାଜିକ ବ୍ୟାଧି। ଯୌତୁକ ପାଇଁ ମହିଳା ନିର୍ଯାତନାର ଶିକାର ହେଉଥିବାବେଳେ ଆତ୍ମହତ୍ୟା କରୁଛନ୍ତି। ଆଦିବାସୀ ସମ୍ପ୍ରଦାୟରେ ମଧ୍ୟ ଯୌତୁକ ପ୍ରଥା ଚଳି ଆସୁଛି। ତେବେ ଝିଅ ନୁହେଁ ବରପକ୍ଷ ଯୌତୁକ ଦେଇ ବିବାହ କରୁଥିବା ଭଳି ନିଆରା ବିବାହ ଦେଖିବାକୁ ମିଳିଛି। କପ୍ତିପଦା ବ୍ଲକର ଧନଚିତ୍ରୀ ଗ୍ରାମରେ ଏହା ଦେଖିବାକୁ ମିଳିଛି। ମାନସିଂ ହେମ୍ବ୍ରମ ତାଙ୍କ ବଡ଼ଝିଅର ଖୁଣ୍ଟା ଥାନା ଅନ୍ତର୍ଗତ ସିମଗଡ଼ିଆ ଗ୍ରାମରେ ବିବାହ ହୋଇଛି। ବିବାହ ସମୟରେ ଜ୍ୱାଇଁ ଘର ଲୋକ ଝିଅ ଘରକୁ ଯୌତୁକ ଦେଇଛନ୍ତି। ଦୁଇଟି ଗାଈ, ଗୋଟିଏ ଛେଳି, ୩ଟି ୨୮ ଫୁଟର ତନ୍ତବୁଣା ଲୁଗା, ତିନୋଟି ତନ୍ତ ବୁଣା ଗାମୁଛା, ୨ଟି କାଠ ପାନିଆ, ୭୦ ଟଙ୍କା, ୭ କିଲୋ ଚାଉଳ, ଗ୍ରାମବାସୀଙ୍କୁ ୮ଟି ହାଣ୍ଡିଆ ହାଣ୍ଡି ଯୌତୁକ ସ୍ୱରୂପ ଝିଅର ବାପା ମାନସିଂ ହେମ୍ବ୍ରମଙ୍କୁ ଦେବା ସହ ଭୋଜି ଦେଇ ଝିଅର ବାପା କନ୍ୟାଦାନ କରିଥିଲେ। ଏଭଳି ବିବାହ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## କୁସୁମିଆ ଗ୍ରୀନ୍ ଜୋନ ପକ୍ଷରୁ ଚାଷୀଙ୍କୁ ତାଲିମ

କୁଆମରା, ୨୨।୫(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତର କୁସୁମିଆ ଗ୍ରୀନ୍ ଜୋନ ପକ୍ଷରୁ ଚାଷୀଙ୍କୁ ଆମ୍ବ, କୃଷି, ମତ୍ସ୍ୟ ଓ ପ୍ରାଣୀ ଉପରେ ତାଲିମ ପ୍ରଦାନ କରାଯାଇଛି। ଉକ୍ତ ଚାରିଦିନିଆ ପ୍ରଶିକ୍ଷଣ ଶିବିରକୁ ବରିଷ୍ଠ କୃଷି ବୈଜ୍ଞାନିକ ମୟୂରଭଞ୍ଜ (୧) ଡଃ ସଂଘମିତ୍ରା ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ।



ଏହି ତାଲିମ କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର ବହୁ ଚାଷୀ ଯୋଗ ଦେଇଥିଲେ। ଆମ୍ବ ଚାଷ ପ୍ରଣାଳୀ ଓ ଉତ୍ପାଦନ, ସେୟାର ବଜାରରେ ବିକ୍ରି କରିବା, କୃଷି, ମତ୍ସ୍ୟ ଓ ପ୍ରାଣୀ ଉପରେ ଚାଷୀ କିପରି ଲାଭବାନ ହୋଇପାରିବେ, ସେ ନେଇ ତାଲିମ ପ୍ରଦାନ କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବୁଝାଇଥିଲେ। ଅମ୍ବିକା ପ୍ରସାଦ ଦାସ ଓ ଦେବିକା ପ୍ରସାଦ ଦାସଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୁରୁଣା ବାରିପଦା ପ୍ରାଣୀ ଚିକିତ୍ସାଳୟର ଅତିରିକ୍ତ ପ୍ରାଣୀ ଚିକିତ୍ସକ ଡଃ ଅସିତ କୁମାର ଦାସ, ଗୋପବନ୍ଧୁନଗର ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଶ୍ରଦ୍ଧାଞ୍ଜଳି ସାହୁ, କୁଆମରା ବନପାଳ ଅବନୀ କୁମାର ଜେନା, ମିଶନ ଶକ୍ତି ବ୍ଲକ ସହ ସଂଯୋଜକ ଲିପୁନ କୁମାର ସିଂ, ସହକାରୀ ଉଦ୍ୟାନ କୃଷି ବିଭାଗ ଅଧିକାରୀ ପୁରୁଷୋତ୍ତମ ସିଂ ପ୍ରମୁଖ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ୨୦ରୁ ଅଧିକ ମହିଳା ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟା ଯୋଗ ଦେଇଥିଲେ। ଉଦଯାପନୀ ଉତ୍ସବରେ ଆମ୍ବ ଉତ୍ସବକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଠାକୁରମୁଣ୍ଡା ଗସ୍ତ

ମହୁଲଡିହା, ୨୨।୫(ସମିସ): ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମର ପ୍ରକଳ୍ପ ନିର୍ଦ୍ଦେଶକ ବରିଷ୍ଠ ଆଇଏଫଏସ ଜି. ରାଜେଶ ଠାକୁରମୁଣ୍ଡା ଓ କରଞ୍ଜିଆ ଗସ୍ତରେ ଆସି ସମୀକ୍ଷା କରିଛନ୍ତି। କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳର କେନ୍ଦୁମୁଣ୍ଡିରେ ଥିବା ବହୁମୁଖୀ ଉତ୍ପାଦ କ୍ଲଷ୍ଟରର ଅଗ୍ରଗତି ଅନୁଧ୍ୟାନ କରିଥିଲେ। ସେଥିରେ ନୂତନ ଭାବେ ଗଢି ଉଠିଥିବା ପାଞ୍ଚପିଢ଼ ମଲ୍ଟି ପ୍ରଡକ୍ଟ କ୍ଲଷ୍ଟରର ବୋର୍ଡ ନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରିବା ସହିତ ରୋଜଗାରରେ କିପରି ଉନ୍ନତି ଆସିପାରିବ, ସେ ସଂକ୍ରାନ୍ତରେ ନିଜର ମତ ରଖିଥିଲେ। ପରେ ପାଟବିଲ ଗ୍ରାମକୁ ଯାଇ ବନ ସୁରକ୍ଷା ସମିତି ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସହିତ ଆଲୋଚନା କରିଥିଲେ। ଗାଁକୁ ଯାଇ ମା’ ଲକ୍ଷ୍ମୀ ଏସଏଚଜି ପରିଚାଳନା କରୁଥିବା ଏପିସି କ୍ଲଷ୍ଟରରେ ସେମାନଙ୍କ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। କ୍ଲଷ୍ଟରରେ କରାଯାଇଥିବା ସେଡରେ ଫ୍ଲୋରିଙ୍ଗ କରାଯାଇ ନ ଥିବାରୁ ଆରସିସିଏଫଙ୍କୁ ଏସଏଚଜିକୁ ସହାୟତା କରିବାକୁ ପରାମର୍ଶ ଦେଇଥିଲେ।



ଅପରାହ୍ନରେ କରଞ୍ଜିଆ ଡିଏଫଓଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କରଞ୍ଜିଆ, ରାଇରଙ୍ଗପୁର ଓ ବାରିପଦା ଡିଏମୟୁରେ ପ୍ରକଳ୍ପର ଅଗ୍ରଗତି ଉପସ୍ଥାପନ କରାଯାଇଥିଲା। ନିର୍ଦ୍ଦେଶକ କହିଥିଲେ, ଆମେ ପ୍ରକଳ୍ପର ଶେଷ ବର୍ଷରେ ପହଞ୍ଚିଛେ। ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇବା ପାଇଁ ଲୋକଙ୍କ ନିମନ୍ତେ ବିକଳ୍ପ ରୋଜଗାର ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏ ଅବସରରେ ଆରସିସିଏଫ ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ଡଃ. ପ୍ରକାଶ ଚାନ୍ଦ ଗୋଗିନେନି, ବାରିପଦା ଡିଏଫଓ ଗୋବିନ୍ଦ ବିଶ୍ୱାଳ, ରାଇରଙ୍ଗପୁର ଡିଏଫଓ ସୁବ୍ରତ ପାତ୍ର, ଏସପିଏମ ମମତା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏସଏମଏସ ନିଶିକାନ୍ତ ଜେନା ଧନ୍ୟବାଦ ଦେଇଥିଲେ। ବୈଠକରେ ସମସ୍ତ ରେଞ୍ଜ ଅଫିସର, ଫରେଷ୍ଟର, ସଂଯୋଜକ, ବନରକ୍ଷୀ, ସଦସ୍ୟ ସମ୍ପାଦକ, ଅନ୍ୟାନ୍ୟ ଡିଏମୟୁର ଏସଏମଏସ ପ୍ରମୁଖ ଯୋଗ ଦେଇଥିଲେ।

### ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳିତ

# ନିୟମିତ ବ୍ୟବଧାନରେ ରକ୍ତଚାପ ପରୀକ୍ଷା ପାଇଁ ଆହ୍ୱାନ

ବାରିପଦା, ୨୨।୫(ସମିସ)



ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନୁର୍ଜୟ ମହନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ପାଇଁ ନିୟମିତ ପରୀକ୍ଷା, ସୁସ୍ଥ ଖାଦ୍ୟାହାର, ବ୍ୟାୟାମ ଓ ସଠିକ୍ ଜୀବନଶୈଳୀ ଅନୁସରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏ ଅବସରରେ ଡା. ମହନ୍ତ ଉଚ୍ଚ ରକ୍ତଚାପକୁ ‘ନିରବ ଘାତକ’ ବୋଲି ଉଲ୍ଲେଖ କରି ସମସ୍ତଙ୍କୁ ନିୟମିତ ବ୍ୟବଧାନରେ ରକ୍ତଚାପ ପରୀକ୍ଷା କରାଇବା ସହ ସୁସ୍ଥ ଜୀବନଶୈଳୀ ଅନୁସରଣ ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାସ ନାୟକ ୩୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କୁ ପ୍ରତି ୬ ମାସରେ ନିୟମିତ ରକ୍ତଚାପ ପରୀକ୍ଷା କରାଇବାକୁ ଅନୁରୋଧ କରିଥିଲେ।

ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଶଶୀକାନ୍ତ ସେଠୀ କହିଥିଲେ, ଅନିୟମିତ ଜୀବନଶୈଳୀ, ଅସନ୍ତୁଳିତ ଖାଦ୍ୟାହାର ଓ ମାନସିକ ଚାପ ଉଚ୍ଚ ରକ୍ତଚାପର ପ୍ରମୁଖ କାରଣ। ନିୟମିତ ବ୍ୟାୟାମ, ସୁସ୍ଥ ଖାଦ୍ୟାହାର ଓ ଧୂମପାନ-ମଦ୍ୟପାନରୁ ଦୂରରେ ରହିବା ଦ୍ୱାରା ଏହାକୁ ନିୟନ୍ତ୍ରଣ କରାଯାଇପାରିବ। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ଦାସ କହିଥିଲେ, ସଚେତନତା ଓ ନିୟମିତ ସ୍କ୍ରିନିଂ ମାଧ୍ୟମରେ ଉଚ୍ଚ ରକ୍ତଚାପକୁ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ କରାଯାଇପାରିବ। ସୁସ୍ଥ ଜୀବନଶୈଳୀ ଅନୁସରଣ କଲେ ହୃଦରୋଗ ଓ ଷ୍ଟ୍ରୋକ୍ ଭଳି ଜଟିଳ ରୋଗର ଝୁମ୍ପ କମିପାରିବ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁନନ୍ଦା ମିଶ୍ର କହିଥିଲେ, ପରିବାର କଲ୍ୟାଣ ଓ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ପାଇଁ ବିଭିନ୍ନ ସଚେତନତା ଓ ସ୍କ୍ରିନିଂ କାର୍ଯ୍ୟକ୍ରମ ଚାଲିଛି। ନିୟମିତ ଫଲୋଅପ୍ ଓ ଡାକ୍ତରଙ୍କ ପରାମର୍ଶ ମାନିଲେ ସୁସ୍ଥ ଜୀବନଯାପନ ସମ୍ଭବ। ଏ ଅବସରରେ ରାଇରଙ୍ଗପୁର, ବହଳଦା ଓ ଶାମଖୁଣ୍ଟା ବ୍ଲକକୁ ଉଚ୍ଚ ରକ୍ତଚାପ ପରୀକ୍ଷା, ଚିକିତ୍ସା ଓ ପରବର୍ତ୍ତୀ ଯାଞ୍ଚ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ଅଣସଂକ୍ରାମକ ରୋଗ ବିଭାଗ ଡା. ଜ୍ଞାନେନ୍ଦ୍ର ମହାନ୍ତି, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପରିଚାଳକ ଅନୀଲ କୁମାର ମହାନ୍ତି, ଧନୁ ମୁର୍ମୁ ଓ ଗଣେଶ୍ୱର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ଏଏନଏମ ଯୋଗଦେଇ ଜନସାଧାରଣଙ୍କୁ ରକ୍ତଚାପ ନିୟନ୍ତ୍ରଣ ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-324 ◆SATURDAY ◆23 MAY 2026 ◆PAGE-12 ◆₹ 7.00
◆ବର୍ଷ-୪୩ ◆ସଂଖ୍ୟା-୩୨୪ ◆ଶନିବାର ◆୨୩ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ‘ଅଗ୍ନି-୧’ର ସଫଳ ଉତ୍କ୍ଷେପଣ



■ ବାଲେଶ୍ୱର, ୨୨।୫(ସମିସ): ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ରୁ ଆଜି ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ‘ଅଗ୍ନି-୧’ର ସଫଳ ପରୀକ୍ଷଣ କରାଯାଇଛି। ଷ୍ଟ୍ରାଟେଜିକ୍ ଫୋର୍ସେସ୍ କମାଣ୍ଡ ତତ୍ତ୍ୱାବଧାନରେ ଏହି ଉତ୍କ୍ଷେପଣ କରାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ପିଆଇବି ପ୍ରେସ୍ ବିବୃତି ଅନୁଯାୟୀ, ଏହି ଉତ୍କ୍ଷେପଣ ଦ୍ୱାରା କ୍ଷେପଣାସ୍ତ୍ରର ସମସ୍ତ ପରିଚାଳନାଗତ ଓ ବୈଷୟିକ ମାନଦଣ୍ଡ ସଫଳତାର ସହ ପ୍ରମାଣିତ ହୋଇଛି। ଅଗ୍ନି-୧ ହେଉଛି ଭାରତର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ୍ ମିସାଇଲ। ଏହାର ମାରକ କ୍ଷମତା ପ୍ରାୟ ୭୦୦ରୁ ୯୦୦କିମି ଏବଂ ଏହା ପରମାଣୁ ଅସ୍ତ୍ର ବହନ କରିବାରେ ସକ୍ଷମ। ଭାରତୀୟ ସେନାରେ ଏହା ପୂର୍ବରୁ ହିଁ ସାମିଲ ଅଛି। ସେନାର ବ୍ୟବହାରକାରୀ ପରୀକ୍ଷଣ ଭାବେ ନିୟମିତ ଏହି ପ୍ରକାର ଉତ୍କ୍ଷେପଣ କରାଯାଇଥାଏ।

## ହୋଣ୍ଡୁରାସରେ ଭୟାବହ ଗୁଳିକାଣ୍ଡ
## ୬ ପୁଲିସଙ୍କ ସମେତ ୨୫ ମୃତ

■ ଟେଗୁସିଗାଲ୍ପା, ୨୨।୫ (ଏଜେନ୍ସି): ମଧ୍ୟ ଆମେରିକାର ଦେଶ ହୋଣ୍ଡୁରାସରେ ଗୁରୁବାର ଦିନ ଦୁଇଟି ପୃଥକ ସ୍ଥାନରେ ହୋଇଥିବା ସଶସ୍ତ୍ର ଆକ୍ରମଣରେ ୧୯ ଜଣ ବଗିଚା ଶ୍ରମିକ ଏବଂ ୬ ଜଣ ପୋଲିସ କର୍ମଚାରୀଙ୍କ ସମେତ ଅତିକମରେ ୨୫ ଜଣଙ୍କର ମୃତ୍ୟୁ ଘଟିଛି। ଉତ୍ତର ହୋଣ୍ଡୁରାସର ତ୍ରୁହିଲୋ ସହରରେ ଥିବା ଏକ କୃଷି ଫାର୍ମ ବଗିଚାରେ କିଛି ଦୁର୍ବୃତ୍ତ ଅତର୍କିତ ଭାବେ ଶ୍ରମିକମାନଙ୍କ ଉପରେ ଗୁଳି ଚଳାଇଥିଲେ। ଏଥିରେ ୧୯ ଜଣଙ୍କର ପ୍ରାଣହାନି ଘଟିଛି। ଏହି ଅଞ୍ଚଳରେ ଜମି ମାଲିକାନା ଏବଂ କୃଷି ବିବାଦକୁ ନେଇ ଦୀର୍ଘ ଦିନ ହେବ ହିଂସା ଲାଗି ରହିଛି। ଗୁଆଟେମାଲା ସୀମା ନିକଟବର୍ତ୍ତୀ ଓମୋଆ ସହରରେ ଆତଙ୍କବାଦୀ କିମ୍ବା ଅପରାଧୀମାନେ ପୋଲିସ ଗାଡ଼ି ଉପରକୁ ଗୁଳିମାଡ଼ କରିଛନ୍ତି। ଗ୍ୟାଙ୍ଗ୍ ବିରୋଧୀ ଅପରେସନ୍ ସାରି ଫେରୁଥିବା ବେଳେ ଏହି ଆକ୍ରମଣ ହୋଇଥିଲା, ଯେଉଁଥିରେ ଜଣେ ବରିଷ୍ଠ ଅଧିକାରୀଙ୍କ ସମେତ ୬ ଜଣ ପୋଲିସ କର୍ମୀ ଶହୀଦ ହୋଇଛନ୍ତି। ହୋଣ୍ଡୁରାସର ସୁରକ୍ଷା ମନ୍ତ୍ରଣାଳୟ ଏହି ଦୁଇଟି ମାମଲାର ଯାଞ୍ଚ ପାଇଁ ଫରେନ୍ସିକ ଏବଂ ଅଭିଯୋଜକ ଦଳକୁ ନିୟୋଜିତ କରିବା ସହ ଉତ୍ତେଜନାପୂର୍ଣ୍ଣ ଅଞ୍ଚଳରେ ଅଧିକ ସେନା ଓ ପୋଲିସ ମୁତୟନ କରିଛି।

## ୨୬ ବର୍ଷ ପରେ ମିଳିଲା ନିଖୋଜ ପରିବାରର ସନ୍ଧାନ
### କେନାଲ୍‌ରୁ ମିଳିଲା ଗାଡ଼ି ସହ ୪ କଙ୍କାଳ

■ ଚଣ୍ଡୀଗଡ଼, ୨୨।୫ (ଏଜେନ୍ସି): ପ୍ରାୟ ୨୬ ବର୍ଷ ପୂର୍ବେ ଏକ ବିବାହ ଭୋଜିରୁ ଫେରିବା ବେଳେ ନିଖୋଜ ହୋଇଯାଇଥିବା ଗୋଟିଏ ପରିବାରର ସନ୍ଧାନ ମିଳିଛି। ପଞ୍ଜାବର ରୂପନଗର ଜିଲ୍ଲା କିରାତପୁର ସାହିବ୍ ନିକଟସ୍ଥ ଭାକ୍ରା କେନାଲ୍ ଭିତରୁ ଏକ ପୁରୁଣା ମାରୁତି ଓମ୍ନି ଗାଡ଼ି ସହ ୪ ଜଣଙ୍କର କଙ୍କାଳ ଉଦ୍ଧାର କରାଯାଇଛି। ୨୦୦୦ ମସିହା ଅକ୍ଟୋବର ୨୦ ତାରିଖରେ କୋଟଲା ଗ୍ରାମର ମୁନିଲାଲ, ତେଜ୍ ରାମ, ସୁରଜିତ ସିଂହ ଏବଂ ୮ ବର୍ଷର ଶିଶୁ ବିବାହ ଉତ୍ସବରୁ ଫେରୁଥିବା ବେଳେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବିଭିନ୍ନ ରାଜ୍ୟରୁ ବୁଡ଼ାଳି ଆଣି ଖୋଜାଖୋଜି କରିଥିଲେ ମଧ୍ୟ ଗାଡ଼ି କିମ୍ବା ମଣିଷଙ୍କର କୌଣସି ସନ୍ଧାନ ମିଳିନଥିଲା। ନିକଟରେ ଜଣେ ସ୍ଥାନୀୟ ବୁଡ଼ାଳି କମଲପ୍ରୀତ ସାଇନି କେନାଲ୍‌ର ପ୍ରାୟ ୩୨ ଫୁଟ ଗଭୀର ପାଣି ଭିତରକୁ ଯାଇଥିବା ବେଳେ ସେଠାରେ ବୁଡ଼ି ରହିଥିବା ଏହି ପୁରୁଣା ଗାଡ଼ିଟିକୁ ଦେଖିବାକୁ ପାଇଥିଲେ। ଗାଡ଼ି ଭିତରୁ ମିଳିଥିବା କଙ୍କାଳ ଏବଂ ଏକ ସ୍କୁଲ୍ ପୋଷାକ (ସାର୍ଟ) ସାହାଯ୍ୟରେ ପରିବାର ଲୋକେ ସେମାନଙ୍କୁ ଚିହ୍ନଟ କରିଥିଲେ।

### ଅପହୃତ ଶିଶୁ ଉଦ୍ଧାର ବେଳେ ଚମତ୍କାର
## ୪ ବର୍ଷ ପରେ ମା’କୁ ମିଳିଲା ଅନ୍ୟ ଜଣେ ପୁଅ

■ ଔରଙ୍ଗାବାଦ, ୨୨।୫ (ଏଜେନ୍ସି): ବିହାରର ଔରଙ୍ଗାବାଦ ଜିଲ୍ଲାରେ ଏକ ଅପହୃତ ଶିଶୁକୁ ଉଦ୍ଧାର କରିବା ପାଇଁ ପୁଲିସ ଚଢ଼ାଉ କରିଥିବା ବେଳେ, ସେଠାରୁ ଆଉ ଜଣେ ଶିଶୁ ମିଳିଛି ଯିଏ କି ଗତ ୨୦୨୨ ମସିହାରୁ ନିଖୋଜ ଥିଲା। ଏହି ସଫଳ ଅପରେସନ ଯୋଗୁଁ ଦୀର୍ଘ ଦିନ ଧରି ଅଲଗା ହୋଇଯାଇଥିବା ଦୁଇଜଣ ମା’ ସେମାନଙ୍କ ସନ୍ତାନଙ୍କୁ ଫେରି ପାଇଛନ୍ତି। ଗତ ମେ କ ୧୬ ତାରିଖରେ ଆଦ୍ୱିକ ନାମକ ଜଣେ ୪ ବର୍ଷର ଶିଶୁ ଅପହରଣ ହୋଇଥିଲା। ପୁଲିସ ତଦନ୍ତ କରି ଓବ୍ରା ଅଞ୍ଚଳର ରଞ୍ଜୁ ଦେବୀ ନାମକ ଜଣେ ମହିଳା ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ଆଦ୍ୱିକକୁ ସଫଳତାର ସହ ଉଦ୍ଧାର କରିଥିଲା। ଚଢ଼ାଉ ସମୟରେ ପୁଲିସ ସେହି ଘରେ ଆଉ ଜଣେ ଶିଶୁକୁ ଦେଖିବାକୁ ପାଇଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ମହିଳା ଜଣକ ତାକୁ ନିଜ ପୁଅ ବୋଲି ଦାବି କରିଥିଲେ। ମାତ୍ର ଅଧିକ ଯାଞ୍ଚ କରିବା ପରେ ଜଣାପଡ଼ିଥିଲା ଯେ ସେହି ପିଲାଟି ହେଉଛି ଶିବମ୍, ଯାହାକୁ ୪ ବର୍ଷ ପୂର୍ବେ (୨୦୨୨ରେ) ବଟ ସାବିତ୍ରୀ ପୂଜା ସମୟରେ ଏକ ମନ୍ଦିରରୁ ଅପହରଣ କରାଯାଇଥିଲା।

# ସୋସିଆଲ ମିଡିଆରେ କକ୍ରୋଚ୍ ବନାମ ଓଗି ଲଢ଼େଇ

■ ନୂଆଦିଲ୍ଲୀ, ୨୨।୫ (ଏଜେନ୍ସି): ଇଣ୍ଟରନେଟ୍ ଦୁନିଆରେ ବର୍ତ୍ତମାନ ଦୁଇଟି କାଳ୍ପନିକ ଓ ଆଭାସୀ (ଭର୍ଚୁଆଲ୍) ଦଳ ମଧ୍ୟରେ ଏକ ଅଦ୍ଭୁତ ରାଜନୈତିକ ଲଢେଇ ଦେଖିବାକୁ ମିଳୁଛି। ଲୋକପ୍ରିୟ କାର୍ଟୁନ୍ ଶୋ’ ‘ଓଗି ଆଣ୍ଡ ଦି କକ୍ରୋଚେସ୍’ ଦ୍ୱାରା ଅନୁପ୍ରାଣିତ ହୋଇ ସୋସିଆଲ ମିଡିଆରେ ‘କକ୍ରୋଚ୍ ଜନତା ପାର୍ଟି’ (ସିଜେପି)ର ପ୍ରତିଦ୍ୱନ୍ଦ୍ୱୀ ଭାବେ ‘ଓଗି ଜନତା ପାର୍ଟି’ (ଓଜେପି) ମଇଦାନକୁ ଓହ୍ଲାଇଛି। ଏହି ଦୁଇ ପକ୍ଷ ମଧ୍ୟରେ ଚାଲିଥିବା ବ୍ୟଙ୍ଗାତ୍ମକ ପ୍ରତିଯୋଗିତା ଏବେ ଏକ ବଡ଼ ମିମ୍ ଆନ୍ଦୋଳନର ରୂପ ନେଇଛି। ନବଗଠିତ ଓଗି ଜନତା ପାର୍ଟି, କକ୍ରୋଚ୍ ଜନତା ପାର୍ଟିର ଉଦ୍ଦେଶ୍ୟ, ପ୍ରଚାର ଶୈଳୀ ଏବଂ




ତାଙ୍କର ରାଜନୈତିକ ସଂପୃକ୍ତି ଉପରେ ପ୍ରଶ୍ନ ଉଠାଇ ନିଜକୁ ଏକ ଶକ୍ତିଶାଳୀ ବିରୋଧୀ ଭାବେ ଉପସ୍ଥାପନ କରିଛି।




ଏହି ଦୁଇ ଦଳ ମଧ୍ୟରେ ଚାଲିଥିବା ମଜାଦାର ବାଦବିବାଦ ଏବଂ କଟାକ୍ଷ ଭରା ପୋଷ୍ଟଗୁଡ଼ିକ ୟୁଜର୍ସମାନଙ୍କୁ ବେଶ୍ ଆକୃଷ୍ଟ କରୁଛି। ଇନଷ୍ଟାଗ୍ରାମ ଏବଂ ଏକ୍ସ ପ୍ଲାଟଫର୍ମ ଏବେ ଏହି ଦୁଇ ଦଳର ମିମ୍ସ, ଜୋକ୍ସ ଏବଂ ନକଲି ରାଜନୈତିକ ବିତର୍କରେ ସମ୍ପୂର୍ଣ୍ଣ ଭରିଯାଇଛି। ବାସ୍ତବ ଦୁନିଆର ରାଜନୀତିରୁ ଦୂରରେ ଥିବା ଏହି ଡିଜିଟାଲ୍ ଲଢେଇ ମନୋରଞ୍ଜନର ଏକ ବଡ଼ ମାଧ୍ୟମ ପାଲଟିଛି। ଇଣ୍ଟରନେଟ୍ ବ୍ୟବହାରକାରୀମାନେ ଏହାକୁ ଖୁବ୍ ପସନ୍ଦ କରୁଛନ୍ତି ଏବଂ ନିଜ ପସନ୍ଦର କାର୍ଟୁନ୍ ଚରିତ୍ରର ଦଳକୁ ସମର୍ଥନ କରୁଥିବା ଦେଖିବାକୁ ମିଳୁଛି। ଓଗି ବିଶେଷ କରି ପିଲାମାନଙ୍କର ପ୍ରିୟ ଆନିମେସନ୍ ଶୋ’ ଓଗି ଆଣ୍ଡ ଦି କକ୍ରୋଚେସ୍’ର ମୁଖ୍ୟ ଚରିତ୍ର, ଯିଏ କି ଏକ ନୀଳ ରଙ୍ଗର ବିଲେଇ। ଏହି ଶୋ’ଟି ଭାରତରେ ମଧ୍ୟ ବେଶ୍ ଲୋକପ୍ରିୟ।

### ସରକାରଙ୍କୁ ନିଯୁକ୍ତି ଆଶାୟୀଙ୍କ ଚେତାବନୀ
# ଖାଇଯିବେ ‘ଅସରପା’

■ ଭୁବନେଶ୍ୱର, ୨୨।୫ (ସମିସ): ଓଡ଼ିଶାରେ ଆରମ୍ଭ ହୋଇଛି କକ୍ରୋଚ କ୍ରେଜ୍। ଉଚ୍ଚ ଶିକ୍ଷିତ ଯୁବକଯୁବତୀମାନେ ନିଜକୁ କକ୍ରୋଚ୍ ବା ଅପରପା ବୋଲି କହିବା ସହ ନିଯୁକ୍ତି ଦେବାକୁ ଦାବି କରିଛନ୍ତି। ବହୁ ବର୍ଷ ଧରି ଶିଥିଳ ପଡ଼ିଥିବା ନିଯୁକ୍ତି ପ୍ରକ୍ରିୟା ସାରିବା ସହ ନୂତନ ବିଜ୍ଞପ୍ତି ପ୍ରକାଶ କରିବାକୁ ସରକାରଙ୍କୁ ଚରମବାଣୀ ଶୁଣାଇଛନ୍ତି। ଛାତ୍ରନେତା ବିଭୂତି ଭୂଷଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ନିଯୁକ୍ତି ନ ଦେଲେ ଅସରପା ପରି ସରକାରଙ୍କୁ ମଧ୍ୟ ରାଜ୍ୟର ଶିକ୍ଷିତ ଯୁବକଯୁବତୀମାନେ ଖାଇଯିବେ ବୋଲି ରୋକଠୋକ୍ କହିଛନ୍ତି।




### ବିଳମ୍ବିତ ନିଯୁକ୍ତି ପ୍ରକ୍ରିୟା ପାଇଁ ତୀବ୍ର ଅସନ୍ତୋଷ
### ଅନିଶ୍ଚିତତାରେ ପୁଲିସ୍ ଏସ୍‌ଆଇ ଓ ପିଇଓ ପରୀକ୍ଷା

ରାଜ୍ୟରେ ପ୍ରାୟ ହଜାରେ ପୁଲିସ୍ ଏସ୍‌ଆଇ ନିଯୁକ୍ତି ପାଇଁ ୨୦୨୫ ଜାନୁଆରୀ ମାସରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଚାକିରି ବିକ୍ରି ପାଇଁ ମସୁଧା ଚାଲିଥିବା ବେଳେ ଚାକିରି ବିକ୍ରି ଗ୍ୟାଙ୍ଗ ଧରାପଡ଼ିଥିଲା। ବଡ଼ବଡ଼ିଆଙ୍କ ସମ୍ପୃକ୍ତି ଅଭିଯୋଗ ହେବା ପରେ ସିବିଆଇ ତଦନ୍ତ ଭାର ନେଇଛି। ପ୍ରାୟ ଦେଢ଼ ବର୍ଷ ପରେ ମଧ୍ୟ ପୁନଃ ପରୀକ୍ଷା କରିବା ପାଇଁ ସରକାର ପଦକ୍ଷେପ ନେଉ ନାହାନ୍ତି। ଫଳରେ ପ୍ରାୟ ୧ଲକ୍ଷ ୫୬ ହଜାର ଆଶାୟୀ ଅନିଶ୍ଚିତତାରେ କାଳାତିପାତ କରୁଛନ୍ତି। ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ନିଯୁକ୍ତି ପାଇଁ ସରକାର ପ୍ରାୟ ଦୁଇ ବର୍ଷ ତଳେ ଆହ୍ୱାନ କରିଥିଲେ। ରାଜ୍ୟର ପ୍ରାୟ ୨ଲକ୍ଷ ଶିକ୍ଷିତ ଯୁବକ ଯୁବତୀ ଅଫ୍‌ଲାଇନ୍‌ରେ ଏଥିପାଇଁ ଆବେଦନ କରିଥିଲେ। ମାତ୍ର ଏଯାଏଁ ଏହାର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଅନୁରୂପ ଭାବେ ଏସ୍‌ଏସ୍‌ବି ଅଧ୍ୟାପକ ପଦ ପାଇଁ ପ୍ରାୟ ୮୦ ହଜାର ଆଶାୟୀ ଆବେଦନ କରି ପରୀକ୍ଷା ଅପେକ୍ଷାରେ ରହିଛନ୍ତି। ମାତ୍ର ଏହି ନିଯୁକ୍ତି ମାମଲା ହାଇକୋର୍ଟରେ ବିଚାରଧୀନ ଥିବା ଦର୍ଶାଇ ସରକାର ପରୀକ୍ଷା କରିବାକୁ କୌଣସି ପଦକ୍ଷେପ ନେଉ ନାହାନ୍ତି। ଏପରିକି ଆଡଭୋକେଟ୍ ଜେନେରାଲ୍ ସରକାରଙ୍କ ପକ୍ଷ ମଧ୍ୟ କୋର୍ଟରେ ରଖୁ ନ ଥିବା ଅଭିଯୋଗ ହୋଇଛି। ଜାଣିଶୁଣି ନିଯୁକ୍ତି ପ୍ରକ୍ରିୟାକୁ ବିଳମ୍ବ କରିବା ପାଇଁ ଏହା ସରକାରୀ ପ୍ରାୟୋଜିତ କାର୍ଯ୍ୟ। ସରକାର ଯଦି ନିଜର ▶ପୃଷ୍ଠା-୭

### ବଦଳିଲା ତାରିଖ
## ଜୁନ ୨୮ରେ ହେବ ଓଟିଇଟି

■ କଟକ, ୨୨।୫ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି -୨୦୨୬) ପାଇଁ ଆଜି ସାନି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରୀକ୍ଷା ଆସନ୍ତା ଜୁନ୍ ୨୧ ତାରିଖରେ ହେବ ବୋଲି ପୂର୍ବରୁ ସ୍ଥିରୀକୃତ ହୋଇଥିବା ବେଳେ ଏହାକୁ ପୁଣି ଘୁଞ୍ଚାଯାଇ ଆସନ୍ତା ଜୁନ୍ ୨୮ରେ ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଦୁଇଟି ପର୍ଯ୍ୟାୟରେ ପରୀକ୍ଷା ଅନୁଷ୍ଠିତ ହେବାକୁ ଥିବା ବେଳେ ପେପର୍-୧ ସକାଳ ୯ଟାରୁ ୧୧ଟା ୩୦ ଓ ପେପର୍-୨ ପରୀକ୍ଷା ଦିନ ୨ଟାରୁ ଅପରାହ୍ଣ ୪ଟା ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆବଶ୍ୟକ ନିର୍ଦ୍ଦେଶାବଳୀ ଓ ସବିଶେଷ ତଥ୍ୟ ୱେବସାଇଟ୍‌ରେ ଉପଲବ୍ଧ ଅଛି। ଆସନ୍ତା ଜୁନ୍ ୧୭ରୁ ଆଡମିଟ୍ କାର୍ଡ ବୋର୍ଡ ୱେବସାଇଟ୍‌ରେ ଉପଲବ୍ଧ ହେବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

### ଡିଏମ୍‌ଏଫ୍ ଆକାଉଣ୍ଟରୁ ୯ କୋଟି ଠକେଇ ମାମଲା
# ଛତିଶଗଡ଼ରୁ ଆଉ ଦୁଇ ଗିରଫ

■ ବାରିପଦା, ୨୨।୫ (ସମିସ): ଜିଲ୍ଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ବ୍ୟାଙ୍କ ଆକାଉଣ୍ଟରୁ ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣାରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଶାଖା (ଇଓଡବ୍ଲୁ) ଛତିଶଗଡ଼ରୁ ଆଉ ୨ ଠକଙ୍କୁ ଗିରଫ କରିଛି। ସେମାନେ ହେଲେ, ଛତିଶଗଡ଼ର ରଏ ଆସୋସିଏଟ୍‌ସ ଏବଂ ଏସଏସ୍ ଟ୍ରେଡର୍ସର ସ୍ୱତ୍ୱାଧିକାରୀ ସୁରଜିତ ରଏ ଓ ସମୀର ଶ୍ରୀବାସ୍ତବ। ସେଠାକାର ପୁଲିସ ସହାୟତାରେ ଇଓଡବ୍ଲୁ ଦୁହିଁଙ୍କୁ ଗିରଫ କରିବା ପରେ ସ୍ଥାନୀୟ କୋର୍ଟରେ ହାଜର କରିଥିଲେ। ପରେ ଦୁହିଁଙ୍କୁ ଟ୍ରାନଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଛି। ଉଭୟଙ୍କୁ ବାଲେଶ୍ୱର ଓପିଆଇଡି କୋର୍ଟରେ ହାଜର କରାଯାଇଥିବା ସୂଚନା ମିଳିଛି।





ଏହାକୁ ମିଶାଇ ଏହି ଘଟଣାରେ ଗିରଫଦାରୀ ସଂଖ୍ୟା ୬କୁ ବୃଦ୍ଧି ପାଇଛି। ଏହା ପୂର୍ବରୁ ପଶ୍ଚିମବଙ୍ଗର ହାୱଡ଼ାସ୍ଥିତ ନଳପୁର ଅଞ୍ଚଳର ଅଜମିର ମଣ୍ଡଳ ଓ ମଧ୍ୟପ୍ରଦେଶ ରାଜ୍ୟରୁ ପୋମେଶ ତମ୍ବାରେ ଏବଂ ଛତିଶଗଡ଼ର ମିଶ୍ର ଏଣ୍ଟରପ୍ରାଇଜେସ୍ ଓ ମହାକାଳ କନଷ୍ଟ୍ରକ୍ସନ୍‌ର ମାଲିକ ବ୍ରଜେଶ କୁମାର ମିଶ୍ରଙ୍କୁ ଇଓଡବ୍ଲୁ ଗିରଫ କରିଛି।

ସୂଚନାନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ଡିଆରଡିଏ ଅଧୀନରେ କାର୍ଯ୍ୟରତ ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ୍)ର ବ୍ୟାଙ୍କ ଆକାଉଣ୍ଟ ବାରିପଦାସ୍ଥିତ ବ୍ୟାଙ୍କ୍ ଅଫ ଇଣ୍ଡିଆ ଶାଖାରେ ରହିଛି। ଉକ୍ତ ଶାଖାରୁ ଗତ ୨୦୨୪ ଏପ୍ରିଲ ୧୦ ତାରିଖଠାରୁ ୧୮ ତାରିଖ ମଧ୍ୟରେ ରହସ୍ୟଜନକ ଭାବେ ୪ଗୋଟି ଚେକ୍‌ରେ ମୋଟ ୯କୋଟି ୫୬ଲକ୍ଷ ୭୬ହଜାର ୬୦୦ଟଙ୍କା ଉଠାଣ ହୋଇଥିଲା। ଏହାକୁ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସନ୍ଦେହ ହୋଇଥିଲା। ବ୍ୟାଙ୍କ୍‌ର ତତ୍କାଳୀନ ମୁଖ୍ୟ ପରିଚାଳକ ସୁଜାତା କାନୁନଗୋ ଭଞ୍ଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅଭିଯୋଗକ୍ରମେ ଭଞ୍ଜପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ) ଏହାର ତଦନ୍ତ ଭାର ନେଇଥିଲା। ଏହି ଘଟଣାରେ ବାରିପଦା ବ୍ୟାଙ୍କ ଅଫ୍ ଇଣ୍ଡିଆ ମୁଖ୍ୟଶାଖାର ମୁଖ୍ୟ ମହାପ୍ରବନ୍ଧକଙ୍କ ସମେତ ଦୁଇ ଅଧିକାରୀ ଏବଂ ଦୁଇ କର୍ମଚାରୀ (କ୍ଲର୍କ) ମୋଟ ୫ଜଣଙ୍କୁ ବଦଳି କରାଯାଇଥିଲା।

# ଅଂଶୁଘାତରେ ୧୬ ମୃତ୍ୟୁ !

■ ଭୁବନେଶ୍ୱର, ୨୨।୫ (ସମିସ): ରାଜ୍ୟରେ ଆକାଶରୁ ମୁଣ୍ଡଫଟା ଗ୍ରୀଷ୍ମ ବର୍ଷୁଥିବା ବେଳେ ଏଯାବତ୍ ୧୬ଜଣଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ମାତ୍ର ସରକାରୀ ଭାବେ ଅଂଶୁଘାତ ମୃତକଙ୍କ ସଂଖ୍ୟା ୩ ବୋଲି କୁହାଯାଇଛି । ବଲାଙ୍ଗିର, ସୁନ୍ଦରଗଡ ଓ ସୁବର୍ଣ୍ଣପୁରରେ ଜଣେ ଲେଖାଏଁ ଅଂଶୁଘାତରେ ମୃତ୍ୟୁ ହୋଇଥିବା ନେଇ ଏସଆରସିଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

### ସରକାର ମାନିଲେ ୩

ବିଭାଗ ପକ୍ଷରୁ କୁହାଯାଇଛି ଯେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ମୋଟ ୧୬ଟି ଅଂଶୁଘାତ ଜନିତ ଅଭିଯୋଗ ସରକାରଙ୍କ ନିକଟରେ ହସ୍ତଗତ ହୋଇଛି। ତନ୍ମଧ୍ୟରୁ ୩ଟି ଅଂଶୁଘାତଜନିତ ମୃତ୍ୟୁ ବୋଲି ସ୍ପଷ୍ଟ ହୋଇଥିବା ବେଳେ ବାକି ୧୩ଟି ଅଭିଯୋଗର ତଦାରଖ କରାଯାଉଛି। ଲୋକେ ସଚେତନ ଥିବାରୁ ଚଳିତ ବର୍ଷ ଅଂଶୁଘାତ ମୃତ୍ୟୁସଂଖ୍ୟା କମିଛି ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।


SIKSHA ‘O’ ANUSANDHAN
SAAT-2026
Empowering students for a brighter future
NURSING PROGRAMMES
■ B.Sc. (Nursing) (Basic)
■ B.Sc. (Nursing) (Post Basic)
■ M.Sc. (Nursing)
APPROVAL & RECOGNITIONS
■ Approved by UGC, ONMRC and INC
■ Re-accredited by NAAC with A++ Grade
■ Granted with Category-1 Graded Autonomy by UGC
NIRF INDIA RANKINGS 2025
■ 15th Best in University Category
■ 15th Best in Medical Category
■ 09th Best in Dental Category
INTERNATIONAL RANKINGS 2026
■ Ranked in QS World Rankings 2026
■ Ranked in Times World Rankings 2026
To apply for admission through SAAT,
Please visit: www.soa.ac.in


### ଟ୍ରିବ୍ୟୁନାଲରେ ମହାନଦୀରେ ଉପଲବ୍ଧ ଜଳ ରାଶି ସଂକ୍ରାନ୍ତ ତଥ୍ୟର ପୁନର୍ବିଚାର ଦାବି
# ମହାନଦୀ ବଞ୍ଚାଓ ଆନ୍ଦୋଳନର କର୍ମୀଙ୍କୁ ଉଠାଇନେଲା ପୁଲିସ

■ ଭୁବନେଶ୍ୱର, ୨୨।୫ (ସମିସ): ମହାନଦୀ ଟ୍ରିବ୍ୟୁନାଲଙ୍କ ପାଖରେ ଯୁଗ୍ମ ବୈଷୟିକ କମିଟି ଦ୍ୱାରା ପ୍ରସ୍ତୁତ ମହାନଦୀରେ ଉପଲବ୍ଧ ଜଳ ରାଶିର ତଥ୍ୟ ବିଭ୍ରାନ୍ତିକର ଓ ଏହା ଓଡ଼ିଶା ସ୍ୱାର୍ଥର ପରିପନ୍ଥୀ ବୋଲି ଅଭିଯୋଗ କରିଛି ମହାନଦୀ ବଞ୍ଚାଓ ଆନ୍ଦୋଳନ। ଏହିକ୍ରମରେ ସଂଗଠନ ପକ୍ଷରୁ ୨୦ ତାରିଖ ସୁଦ୍ଧା ଆଲୋଚନା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଗତ ୭ ତାରିଖରେ ସମୟ ମାଗିଥିଲା। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ କୌଣସି ସୂଚନା ନ ମିଳିବାରୁ ଶୁକ୍ରବାର ମହାନଦୀ ବଞ୍ଚାଓ ଆନ୍ଦୋଳନର କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ତାଙ୍କୁ ଭେଟିବା ପାଇଁ ଯିବା ବେଳେ ସଂଗଠନର କର୍ମକର୍ତ୍ତାଙ୍କୁ ଉଠାଇ ନେଇ କ୍ୟାପିଟାଲ ଥାନାରେ ଅଟକ ରଖିବା ପରେ ଛାଡ଼ି ଦେଇଛି ପୁଲିସ।

ମହାନଦୀ ବଞ୍ଚାଅ ଆନ୍ଦୋଳନର ଅଭିଯୋଗ ଅନୁଯାୟୀ ଛତିଶଗଡ଼ରେ ମହାନଦୀ ବେସିନରେ ଯେତିକି ପାଣି ଉପଲବ୍ଧ ନୁହେଁ, ତାଠାରୁ ଅଧିକ ପାଣି ରଖିବା ପାଇଁ ମସୁଧା କରିଛି। ▶ପୃଷ୍ଠା-୭



## ସାର୍ବଜନୀନ ହେଉ ତଥ୍ୟ: ବିଜେଡି

■ ଭୁବନେଶ୍ୱର, ୨୨।୫ (ସମିସ): ଓଡ଼ିଶାର ଜୀବନରେଖା ମହାନଦୀର ଜଳ ସ୍ରୋତକୁ ଦୀର୍ଘ ବର୍ଷ ଧରି ଏକଚାଟିଆ ଭାବେ ଛତିଶଗଡ ଅଟକାଇ ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରିଆସୁଛି। କେନ୍ଦ୍ର ଓ ଛତିଶଗଡ ସରକାରଙ୍କୁ ଅନୁରୋଧ କରି କୌଣସି ସୁଫଳ ନ ମିଳିବାରୁ ଓଡ଼ିଶା ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବା ପରେ ଅଦାଲତଙ୍କ ନିର୍ଦ୍ଦେଶରେ ଆନ୍ତରାଜ୍ୟ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ ହୋଇଛି।। ରାଜ୍ୟରେ ବିଜେପି ସରକାର ଏହି ବିବାଦ ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ କରିଥିବା ଘୋଷଣା ବି କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ମାତ୍ର ଏବେ ଓଡ଼ିଶାର ସ୍ୱାର୍ଥ ସହ ▶ପୃଷ୍ଠା-୭

**ବିଭ୍ରାନ୍ତିକର ତଥ୍ୟ ଓଡ଼ିଶା ଓ ନଦୀ ରକ୍ଷାର ପରିପନ୍ଥୀ**

**ଟ୍ରିବ୍ୟୁନାଲରେ ସଠିକ୍ ତଥ୍ୟ ଉପସ୍ଥାପନ କରାଯାଉ**

ସକାଳ
THE SAKALA

# ସମ୍ପାଦକୀୟ



ଚାଳିଶ ବର୍ଷ ବୟସରେ ଜଣେ ଯୁବାବସ୍ଥାର ବାର୍ଦ୍ଧକ୍ୟରେ ଉପନୀତ ହୁଏ;ପଚାଶ ବର୍ଷରେ ସେ ବାର୍ଦ୍ଧକ୍ୟର ଯୁବାବସ୍ଥାରେ ପ୍ରବେଶ କରେ।

-ଭିକ୍ଟର ହ୍ୟୁଗୋ

## 'କ୍ୱାଡ୍'ର ଅସ୍ତିତ୍ୱ ସଙ୍କଟ

ଆମେରିକା, ଅଷ୍ଟ୍ରେଲିଆ, ଭାରତ ଓ ଜାପାନ୍‌କୁ ନେଇ ୨୦୧୭ରେ ଗଠିତ 'କ୍ୱାଡ୍' ଏବେ ବସ୍ତୁତଃ ପ୍ରାସଙ୍ଗିକତା ଓ ଗୁରୁତ୍ୱ ହରାଇବାକୁ ଯାଉଛି। ଏହି ଚତୁଃରାଷ୍ଟ୍ରୀୟ ମେଣ୍ଟର ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ଥିଲା ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚୀନ୍‌ର କ୍ରମବର୍ଦ୍ଧିଷ୍ଣୁ ଆଧିପତ୍ୟକୁ ପ୍ରତିହତ କରି ସାମରିକ-ବାଣିଜ୍ୟକୁ ଆହୁରି ଅଧିକ ଗତିଶୀଳ କରିବା। ଗତ 'କ୍ୱାଡ୍' ଶୀର୍ଷବୈଠକରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଚୀନ୍‌କୁ ପରୋକ୍ଷ ଚେତାବନୀ ଦେଇ କହିଥିଲେ ଯେ ଚୀନ୍ ଅର୍ଥନୀତି ଓ ବୈଷୟିକ ଜ୍ଞାନକୌଶଳରେ ସେମାନଙ୍କର, ବିଶେଷକରି ଆମେରିକାର ଧୈର୍ଯ୍ୟର ପରୀକ୍ଷା ନେଉଛି। ଚୀନ ଯେଉଁ କୂଟନୈତିକ ଚାଲ ଖେଳୁଛି ସେଥିରେ ବିରାମ ଲାଗିବା ଦରକାର। 'କ୍ୱାଡ୍'ରୁ ଚୀନ୍‌କୁ ପରୋକ୍ଷ ଚେତାବନୀ ଦିଆଯାଇଥିଲା ଯେ ଏସିଆ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଶାନ୍ତି, ସୁରକ୍ଷା, ନିରାପତ୍ତା, ସମୃଦ୍ଧି, ସ୍ଥିରତା, ସମାବେଶୀ ବିକାଶକୁ ଅଗ୍ରାଧିକାର ଦିଆଯିବ। ଜାତିସଂଘ ଦ୍ୱାରା ପ୍ରଣୀତ 'ପାରାବାର ନୀତି'କୁ ସମସ୍ତେ ସମ୍ମାନ ଜଣାଇବା ଉଚିତ। କିନ୍ତୁ ଏବେ 'କ୍ୱାଡ୍'ର ଅସ୍ତିତ୍ୱ ଓ ପ୍ରଭାବ ହ୍ରାସ ସହିତ ଏହା ମୂଳ ଲକ୍ଷ୍ୟଠାରୁ ଦୂରେଇ ଯାଇଥିବା ପରି ଅନୁଭୂତ ହେଉଛି।

୨୦୨୧ରେ 'କ୍ୱାଡ୍'ରାଷ୍ଟ୍ରୀୟ ଶୀର୍ଷ ନେତୃସ୍ତରୀୟ ବୈଠକରେ ଏସୀୟ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି, ସ୍ଥିରତା ଓ ସମୃଦ୍ଧି ପାଇଁ ଏହି ମେଣ୍ଟର ଗୁରୁତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା। ଇତିମଧ୍ୟରେ କ୍ୱାଡ୍‌ର ୬ଟି ଶୀର୍ଷସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ୨୦୨୪ରେ ଥିଲା ଏହାର ଶେଷ ଶୀର୍ଷବୈଠକ। ୨୦୨୫ ଶେଷ ଭାଗ କିମ୍ବା ୨୦୨୬ ଆଦ୍ୟଭାଗରେ ପରବର୍ତ୍ତୀ ବୈଠକ ପାଇଁ ଯୋଜନା ହୋଇଥିଲେ ମଧ୍ୟ ଆମେରିକାର ଅନାଗ୍ରହ ଯୋଗୁଁ ତାହା ସମ୍ଭବ ହୋଇପାରିନାହିଁ। ତେଣୁ ଆପାତତଃ କେବଳ ଏହାକୁ ଜୀବନ୍ତ ରଖିବା ପାଇଁ ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହେଉଛି। ପରବର୍ତ୍ତୀ ବୈଦେଶିକ ସଚିବସ୍ତରୀୟ ବୈଠକ ଆଗାମୀ ସପ୍ତାହରେ ଭାରତରେ ଅନୁଷ୍ଠିତ ହେବାକୁ ଯାଉଥିବାରୁ ଏ ସମ୍ପର୍କରେ କିଞ୍ଚିତ ଆଲୋଚନାର ଅବକାଶ ସୃଷ୍ଟି କରିଛି।

ଆମେରିକା ଏବେ ମଧ୍ୟପ୍ରାଚ୍ୟ ଭୂରାଜନୀତିରେ ଅଧିକ ଆଗ୍ରହ ପ୍ରକାଶ କରୁଥିବାରୁ ଏସୀୟ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ତା' ପାଇଁ ସେତେଟା ଗୁରୁତ୍ୱ ରଖେ ନାହିଁ। ଏହାଛଡ଼ା 'ଅପରେସନ୍ ସିନ୍ଦୂର' ପରେ ଆମେରିକାର ଏସୀୟ ରଣନୀତିରେ ବ୍ୟାପକ ପରିବର୍ତ୍ତନ ଘଟିଛି।। ଭାରତଠାରୁ ଦୂରେଇ ବିଶ୍ୱର ସେହି ସର୍ବଶକ୍ତିମାନ ରାଷ୍ଟ୍ର ପାକିସ୍ତାନ ଆଡ଼କୁ ଅଧିକ ଢଳୁଛି। ବିଶେଷକରି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ପାଳିରେ ଆମେରିକାର ଏହି ନୀତିଗତ ପରିବର୍ତ୍ତନ ଚୀନ୍‌କୁ ସୁହାଇଛି ଏବଂ ଭାରତର ସ୍ୱାର୍ଥ ବିପକ୍ଷରେ ଯାଉଛି। ଟ୍ରମ୍ପଙ୍କ ନିକଟରେ ଚୀନ୍ ଗସ୍ତ ଏ ଦିଗରେ ଏକ ସଙ୍କେତ ଦେଇଛି। ଇତିମଧ୍ୟରେ, ବିଶେଷକରି ମଧ୍ୟପ୍ରାଚ୍ୟ ଯୁଦ୍ଧ ପୃଷ୍ଠଭୂମିରେ, ନାଟୋ ପ୍ରାସଙ୍ଗିକତା ହରାଉଛି। ତେଣୁ ଆମେରିକା ଚୀନ୍ ସହିତ ଆଉ ଅଧିକ ମୁକାବିଲାମୂଳକ ସ୍ଥିତି ସୃଷ୍ଟି ନ କରି ବାଣିଜ୍ୟ ସହଯୋଗୀ ଭାବରେ ସମ୍ପର୍କର ପୁନର୍ଗଠନ ଚାହୁଁଛି। ଏହି କାରଣରୁ 'କ୍ୱାଡ୍' ଆଉ ଆମେରିକା ପାଇଁ ସେତେ ଅଧିକ ଗୁରୁତ୍ୱ ବହନ ନ କରିବା ସ୍ୱାଭାବିକ।

ଅପରପକ୍ଷରେ 'କ୍ୱାଡ୍' ସହିତ ସମାନ୍ତରାଳ ଭାବେ ଆମେରିକା ନେତୃତ୍ୱରେ ଅଷ୍ଟ୍ରେଲିଆ ଓ ବ୍ରିଟେନ୍‌କୁ ନେଇ 'ଆଉକୁସ୍' ନାମରେ ଏକ ତ୍ରିରାଷ୍ଟ୍ରୀୟ ମେଣ୍ଟ ଗଠନ ହୋଇସାରିଛି, ଯାହାର ମୁଖ୍ୟ ଉଦ୍ଦେଶ୍ୟ ରହିଛି ଏସୀୟ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସାମରିକ-ବାଣିଜ୍ୟ ବିକାଶ। ଏଥିସହିତ ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଚୀନ୍‌ର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବକୁ ପ୍ରତିହତ କରିବା ପାଇଁ ଆମେରିକା ନେତୃତ୍ୱରେ 'ଭାରତ-ପ୍ରଶାନ୍ତ ମହାସାଗରୀୟ ଅର୍ଥନୈତିକ ସମୃଦ୍ଧି ମଞ୍ଚ (ଆଇପିଇଏଫ୍)' ଗଠନ ପାଇଁ ଟୋକିଓରେ ଏକ ଐତିହାସିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ତେଣୁ ଆମେରିକା ପାଇଁ ଭାରତ କିମ୍ବା 'କ୍ୱାଡ୍' ଆଉ ଆଗଭଳି ଅଧିକ ପ୍ରାସଙ୍ଗିକ ହୋଇ ରହିନାହିଁ। ଅପରପକ୍ଷରେ 'କ୍ୱାଡ୍', 'ଆଉକସ୍' ଓ 'ଆଇପିଇଏଫ୍'କୁ ପ୍ରତିହତ କରିବା ପାଇଁ ଚୀନ୍ ଦକ୍ଷିଣ ସାଗରରୁ ତା'ର ବାଣିଜ୍ୟ କାରବାରକୁ ଆଫ୍ରିକା ମହାଦେଶ ବା ଆରବ ସାଗର ମୁହାଁ କରିଛି। ସମୟ ଓ ଫାଇଦା ଅନୁଯାୟୀ ଆମେରିକା ତା'ର ବୈଦେଶିକ କୂଟନୀତି ଓ ରଣନୀତିରେ ମଧ୍ୟ ପରିବର୍ତ୍ତନ କରିଚାଲିଛି। ରାଷ୍ଟ୍ରପତି ପରିବର୍ତ୍ତନ ସହିତ ଆମେରିକା ଏସିଆରେ ଶାନ୍ତି ବଦଳରେ ଯୁଦ୍ଧ ଚାହୁଁଛି।

ସମ୍ପ୍ରତି ବିଶ୍ୱ ଏଭଳି ଏକ ଅସ୍ଥିର ଓ ଅଶାନ୍ତ ପରିସ୍ଥିତି ଦେଇ ଗତିକରୁଛି, ଯେଉଁଠାରେ ଆଣବିକ ଅସ୍ତ୍ର ପ୍ରୟୋଗ ଓ ଧ୍ୱଂସର ଆଶଙ୍କା ପ୍ରତି ମୁହୂର୍ତ୍ତରେ ରହିଛି। ମାନବ ସଭ୍ୟତା ପ୍ରତି ବିପଦ ଘନେଇ ଆସୁଛି। ଏହି ପରିପ୍ରେକ୍ଷୀରେ ସାମରିକ ମେଣ୍ଟ ତୁଳନାରେ ବହୁପାକ୍ଷିକ ସୌହାର୍ଦ୍ଦ୍ୟର ମେଣ୍ଟ ଅଧିକ ଗୁରୁତ୍ୱପୂର୍ଣ୍ଣ। ତଟରକ୍ଷା ବ୍ୟବସ୍ଥାରେ ଉନ୍ନତି ପାଇଁ 'କ୍ୱାଡ୍ ଆଟ୍ ସି ସିପ୍ ଅବଜରଭର ମିଶନ୍', ସାମୁଦ୍ରିକ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଯୋଜନା, ସେମିକଣ୍ଡକ୍ଟର ଶିଳ୍ପର ବିକାଶ ପାଇଁ ସହମତି, ଜାତିସଂଘ ସୁରକ୍ଷା ପରିଷଦର ପୁନର୍ବିନ୍ୟାସ ପାଇଁ ମତୈକ, 'ଡିଜିଟାଲ୍ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକଚର'ର ନବଉନ୍ମେଷ, ନୌବାଣିଜ୍ୟରେ ସମୃଦ୍ଧି ଓ ନିରାପତ୍ତା ପାଇଁ ମୈତ୍ରୀ(ମାରିଟାଇମ୍ ଇନିଟିଏଟିଭ୍ ଫର ଟ୍ରେନିଂ ଇନ୍ ଦ ଇଣ୍ଡୋ-ପାସିଫିକ୍) ର ଯେଉଁ ପରିକଳ୍ପନା 'କ୍ୱାଡ୍'ରେ ଜନ୍ମ ନେଇଥିଲା ତାହା ବିଶ୍ୱର ଭବିଷ୍ୟତ ପାଇଁ ଅପରିହାର୍ଯ୍ୟ। କିନ୍ତୁ ଯୁଦ୍ଧଖୋର ଆମେରିକାକୁ ଏ କଥା ବୁଝାଇବ କିଏ?

## ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନର ଭିନ୍ନ ଦୃଷ୍ଟିକୋଣ

ରଞ୍ଜନ କୁମାର ରାୟ

ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାରେ ହେଉଥିବା ଲାଭ ଓ କ୍ଷତିକୁ ନେଇ କ୍ରୀଡ଼ାପ୍ରେମୀଙ୍କ ମନରେ ବିଭିନ୍ନ ପ୍ରଶ୍ନ ଉଙ୍କିମାରେ। ଉତ୍ତର ଆମେରିକା ୩ଟି ଦେଶ ଆମେରିକା, ମେକ୍ସିକୋ ଓ କାନାଡ଼ାରେ ଏଥର ଫିଫା ବିଶ୍ୱକପ୍‌ର ପରବର୍ତ୍ତୀ ସଂସ୍କରଣ ଆୟୋଜନ ହେବାକୁ ଯାଉଥିବା ବେଳେ ଏଭଳି ଆଲୋଚନାର ପ୍ରାସଙ୍ଗିକତା ରହିଛି। ଏଥିରେ କୌଣସି ସନ୍ଦେହ ନାହିଁ ଯେ ଖେଳ ସାରା ବିଶ୍ୱକୁ ଏକାଠି କରିବାରେ କେବେ ବି ବିଫଳ ହୁଏ ନାହିଁ। କ୍ରୀଡ଼ା ପ୍ରତିଯୋଗିତା ଜାତୀୟ ଏକତା ଓ ଅନନ୍ୟ ପରିଚୟ ସୃଷ୍ଟି ପାଇଁ ଏକ ମଞ୍ଚ ପ୍ରଦାନ କରେ। ଅଲିମ୍ପିକ୍ସ, ଫିଫା ବିଶ୍ୱକପ୍ ଆଦି ବିଭିନ୍ନ କ୍ରୀଡ଼ାର ଅନ୍ତର୍ଜାତୀୟ ଆୟୋଜନ ଅର୍ଥନୈତିକ ଦୃଷ୍ଟିରୁ ବ୍ୟୟବହୁଳ ହେଲେ ମଧ୍ୟ ସମ୍ପୃକ୍ତ ଦେଶର ସାମାଜିକ, ଭୌଗୋଳିକ ଓ ସାଂସ୍କୃତିକ ବିକାଶରେ ଉଲ୍ଲେଖନୀୟ ଅବଦାନ ରହିଥାଏ।

ଯେତେବେଳେ କୌଣସି ଏକ ଦେଶ ବୃହତ୍ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାକୁ ଇଚ୍ଛା ପ୍ରକାଶ କରେ, ସେତେବେଳେ ପ୍ରଥମେ ଦାୟିତ୍ୱରେ ଥିବା କମିଟି ନିକଟରେ ବିଡ୍ ମୂଲ୍ୟାଙ୍କନ, ପ୍ରସ୍ତୁତି ଓ ଦାଖଲ କରିବା ପାଇଁ ଲକ୍ଷ ଲକ୍ଷ ଡଲାର ନିବେଶ କରିବାକୁ ପଡ଼ିଥାଏ। ଅନୁମାନ କରାଯାଏ ଯେ ଦେଶଗୁଡ଼ିକ ଯୋଜନା, ପରାମର୍ଶଦାତା ନିଯୁକ୍ତି, କାର୍ଯ୍ୟକ୍ରମ ଆୟୋଜନ ଓ ଆବଶ୍ୟକୀୟ ଯାତ୍ରା ପାଇଁ ପ୍ରାୟ ୫୦ ନିୟୁତରୁ ୧୦୦ ନିୟୁତ ଡଲାର ଖର୍ଚ୍ଚ କରନ୍ତି। ଆୟୋଜକ ଭାବେ ମନୋନୀତ ହେବା ପରେ ଦେଶକୁ ସମସ୍ତ ଉତ୍ସବ ଆୟୋଜନ କରିବା ପାଇଁ ଏକ ବିରାଟ ସ୍ଥାନ ଖୋଜିବାକୁ ପଡ଼ିଥାଏ ଏବଂ ସାଇକେଲିଂ ଟ୍ରାକ୍, ସ୍କି-ଜମ୍ପିଂ ଏରିନା ଭଳି ସମସ୍ତ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତି ଓ ନବୀକରଣ କରିବାକୁ ପଡ଼ିଥାଏ। ଏଥିସହିତ ଅନ୍ୟାନ୍ୟ ସାଧାରଣ ଭିତ୍ତିଭୂମି ଯଥା ନୂତନ ହୋଟେଲ ନିର୍ମାଣ, ପରିବହନ ସେବା ଆୟୋଜନ, ଗମନାଗମନ ସୁବିଧା, ବିମାନବନ୍ଦର ନିର୍ମାଣ ଆଦିରେ ପ୍ରାୟ ୫ ବିଲିୟନରୁ ୫୦ ବିଲିୟନ ଡଲାର ଖର୍ଚ୍ଚ ହୁଏ। ଆଜି ମଧ୍ୟ ରିଓ ଡି ଜେନେରିଓ ୨୦୧୬ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଯୋଗୁଁ ସମ୍ମୁଖୀନ ହୋଇଥିବା ସମସ୍ତ ଅର୍ଥନୈତିକ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରୁଛି। ଏହି ବଡ଼ କାର୍ଯ୍ୟକ୍ରମର ଆୟୋଜନ ପାଇଁ ବ୍ରାଜିଲକୁ ୨୦ ବିଲିୟନ ଡଲାରରୁ ଅଧିକ ଖର୍ଚ୍ଚ କରିବାକୁ ପଡ଼ିଥିଲା। ଏହି ଖର୍ଚ୍ଚ ମଧ୍ୟରୁ ଅଧିକାଂଶ ବ୍ରାଜିଲର ଧାର୍ଯ୍ୟ ବଜେଟ୍‌ଠାରୁ ବହୁତ ଅଧିକ ଥିଲା। କିନ୍ତୁ ଜାପାନ, ଆମେରିକା ଭଳି ବିକଶିତ ଦେଶଗୁଡ଼ିକ ପାଇଁ ଆୟୋଜନ ସମ୍ପର୍କିତ ସମସ୍ୟାକୁ ସମ୍ମୁଖୀନ ହେବା ଅପେକ୍ଷାକୃତ ସହଜ ହୋଇଥାଏ।

କେହି କେହି ଯୁକ୍ତି କରନ୍ତି ଯେ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବା ଦେଶ ପାଇଁ ଲାଭଦାୟକ ହୋଇପାରେ। ବିଦେଶୀ ପୁଞ୍ଜି ପ୍ରବାହ ବୃଦ୍ଧି ପାଏ, ନିଯୁକ୍ତି ସୃଷ୍ଟି ହୁଏ। ୨୦୨୨ ଗ୍ରୀଷ୍ମ ଋତୁରେ ଦୋହାରେ ଅନୁଷ୍ଠିତ ଫିଫା ବିଶ୍ୱକପ୍ କାତାର ଓ ଏହାର ଆଞ୍ଚଳିକ ଅର୍ଥନୀତିକୁ ଆଗକୁ ବଢ଼ାଇ ନେବାରେ ବେଶ ସହାୟକ ହୋଇଥିଲା। ଷ୍ଟାଡିୟମର ଭିତ୍ତିଭୂମି, ମେଟ୍ରୋ ସିଷ୍ଟମ, ବିମାନବନ୍ଦର ନିର୍ମାଣରେ ବିଲିୟନ ବିଲିୟନ ଡଲାର ନିବେଶ କରାଯାଇଥିଲା। ଏହା କାତାର ଓ ଏହାର ପଡ଼ୋଶୀ ଦେଶଗୁଡ଼ିକ ପାଇଁ ନିଯୁକ୍ତି ବୃଦ୍ଧି କରିଥିଲା। ଏଥିସହ ବ୍ୟାଙ୍କିଙ୍ଗ ଓ ନିର୍ମାଣ କ୍ଷେତ୍ରରେ ସବୁଠାରୁ ବଡ଼ ସୁଯୋଗ ମିଳିଥିଲା। ଯେଉଁ ଦେଶ ଓ ସହରଗୁଡ଼ିକ ବିଶ୍ୱକୁ ଏକ ମଞ୍ଚ ପ୍ରଦାନ କରିବାକୁ ପଦକ୍ଷେପ ନେବାକୁ ଚାହୁଁଛନ୍ତି, ସେମାନେ ସବୁବେଳେ ସ୍ଥାୟୀ ରଣନୀତି ପ୍ରସ୍ତୁତ କରିବାର ବାଟ ଖୋଜିବା ଉଚିତ, ଯାହା ସେମାନଙ୍କୁ ଋଣରେ ବୁଡ଼ିବାରୁ ରକ୍ଷା କରିପାରିବ। କିନ୍ତୁ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ବିଭିନ୍ନ ଦୃଷ୍ଟିକୋଣରୁ ଗୋଟିଏ ରାଷ୍ଟ୍ରକୁ ସଫଳ କରିବାରେ ସହାୟ ହେବ।

ଏଠାରେ ଓଡ଼ିଶାର ଉଦାହରଣ ନିଆଯାଉ। ରାଜଧାନୀ ଭୁବନେଶ୍ୱର ଓ ରାଉରକେଲାଠାରେ ଦୁଇ ଦୁଇଟି ମେଗା ଅନ୍ତର୍ଜାତୀୟ ହକି ବିଶ୍ୱକପ୍ (୨୦୧୮ ଓ ୨୦୨୩) ସମେତ ଅନ୍ୟାନ୍ୟ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରି ରାଜ୍ୟ ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହି ମେଗା ପ୍ରତିଯୋଗିତାଗୁଡ଼ିକ କେବଳ କ୍ରୀଡ଼ାର ବିକାଶ କରିନାହିଁ, ବରଂ ରାଜ୍ୟର ଅର୍ଥନୀତି, ପର୍ଯ୍ୟଟନ ଓ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ସକାରାତ୍ମକ ପରିବର୍ତ୍ତନ ଆଣିଛି। ଏହି ସମସ୍ତ ବିଷୟକୁ ନେଇ ଏକ ବିସ୍ତୃତ ଆର୍ଥିକ ଏବଂ ଅଣ-ଆର୍ଥିକ ବିବରଣୀକୁ ନେଇ ଆଲୋଚନା କରିବାର ଆବଶ୍ୟକତା ରହିଛି।

ତତ୍କାଳୀନ ଓଡ଼ିଶା ସରକାର ଏହି ବିଶ୍ୱକପ୍ ଆୟୋଜନ ପାଇଁ ବଜେଟ୍‌ରେ ବ୍ୟାପକ ଅର୍ଥ ବ୍ୟବସ୍ଥା କରିଥିଲେ। ୨୦୧୮ ବିଶ୍ୱକପ୍ ତୁଳନାରେ ୨୦୨୩ ବିଶ୍ୱକପ୍‌ରେ ନିବେଶର ପରିମାଣ ପ୍ରାୟ ଷୋହଳ ଗୁଣ ବୃଦ୍ଧି ପାଇଥିଲା। ୨୦୧୮ ହକି ବିଶ୍ୱକପ୍ ପାଇଁ ରାଜ୍ୟ ସରକାର ପ୍ରାୟ ୬୭କୋଟି ଟଙ୍କା ବ୍ୟୟ କରିଥିଲେ। ଏଥିମଧ୍ୟରୁ ୨୫ କୋଟି ଟଙ୍କା ଆୟୋଜନ ଅଧିକାର ଫିସ୍ ବାବଦରେ ପ୍ରଦାନ କରାଯାଇଥିବା ବେଳେ ବାକି ଅର୍ଥ ଷ୍ଟାଡିୟମର ଆଧୁନିକୀକରଣ ଓ ପରିଚାଳନାରେ ଖର୍ଚ୍ଚ ହୋଇଥିଲା। ୨୦୨୩ ହକି ବିଶ୍ୱକପ୍‌କୁ ଅଧିକ ଆକର୍ଷଣୀୟ କରିବା ପାଇଁ ସରକାର ପ୍ରାୟ ୧୦୯୮କୋଟି ୪୦ ଲକ୍ଷ ଟଙ୍କାର ବଜେଟ୍ ବ୍ୟବସ୍ଥା କରିଥିଲେ। ଏଥିମଧ୍ୟରୁ ପ୍ରାୟ ୮୭୫ କୋଟି ୭୮ ଲକ୍ଷ ଟଙ୍କା କେବଳ ରାଉରକେଲାରେ ବିଶ୍ୱର ସର୍ବବୃହତ ଆସନ ବିଶିଷ୍ଟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ନିର୍ମାଣ ଏବଂ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମର ସମ୍ପ୍ରସାରଣ ପାଇଁ ବିନିଯୋଗ ହୋଇଥିଲା। ଖେଳାଳି ଓ ପ୍ରତିନିଧିମାନଙ୍କ ରହଣି ପାଇଁ ଆବାସିକ ଗୃହ ନିର୍ମାଣ ବାବଦରେ ୮୪ କୋଟି ଟଙ୍କା ଏବଂ ମଞ୍ଚ ପରିଚାଳନା, ପରିବହନ ଓ ପ୍ରଚାର ପାଇଁ ୭୫ କୋଟି ଟଙ୍କା ବ୍ୟୟ କରାଯାଇଥିଲା।

ଏହି ଅନ୍ତର୍ଜାତୀୟ ଆୟୋଜନଗୁଡ଼ିକ ଦ୍ୱାରା ରାଜ୍ୟର ଅର୍ଥନୀତି ବିଶେଷ ଭାବେ ଉପକୃତ ହୋଇଛି। ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇଛି। ବିଶ୍ୱକପ୍ ସମୟରେ ବିଦେଶୀ ଓ ଦେଶର ବିଭିନ୍ନ ପ୍ରାନ୍ତରୁ ଲକ୍ଷ ଲକ୍ଷ ପର୍ଯ୍ୟଟକ ଓ କ୍ରୀଡ଼ାପ୍ରେମୀ ଓଡ଼ିଶା ଆସିଥିଲେ। ଏହାଦ୍ୱାରା ହୋଟେଲ୍ ବ୍ୟବସାୟ, ବିମାନ ଓ ସ୍ଥାନୀୟ ପରିବହନ ସେବା, ରେସ୍ତୋରାଁ ବ୍ୟବସାୟରେ ଆୟ ବୃଦ୍ଧି ପାଇଥିଲା। ବିଦେଶୀ ପର୍ଯ୍ୟଟକମାନେ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ଓ ହସ୍ତଶିଳ୍ପ (ଯେପରିକି ସମ୍ବଲପୁରୀ ଶାଢ଼ି, ପଟ୍ଟଚିତ୍ର ଓ ରୁପା ତାରକସି କାରୁକାର୍ଯ୍ୟପୂର୍ଣ୍ଣ ସାମଗ୍ରୀ) କ୍ରୟ କରିବା ଫଳରେ ସ୍ଥାନୀୟ କାରିଗର ଏବଂ କ୍ଷୁଦ୍ର ବ୍ୟବସାୟୀମାନେ ଆର୍ଥିକ ଦୃଷ୍ଟିରୁ ବେଶ୍ ଲାଭବାନ୍ ହୋଇଥିଲେ। ଷ୍ଟାଡିୟମ ନିର୍ମାଣ, ସହରର ସୌନ୍ଦର୍ଯ୍ୟକରଣ ଓ ସେବା କ୍ଷେତ୍ରରେ ହଜାର ହଜାର ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ସ୍ଥାୟୀ ଓ ଅସ୍ଥାୟୀ କର୍ମସଂସ୍ଥାନ ସୃଷ୍ଟି ହୋଇଥିଲା।

ଆର୍ଥିକ ଲାଭ ବ୍ୟତୀତ ରାଜ୍ୟ ଦୀର୍ଘକାଳୀନ ଭିତ୍ତିଭୂମି ଓ ସାମାଜିକ ପ୍ରତିଷ୍ଠା କ୍ଷେତ୍ରରେ ଅନେକ ସଫଳତା ହାସଲ କରିଛି। ଓଡ଼ିଶା ବର୍ତ୍ତମାନ ବିଶ୍ୱର ଏକମାତ୍ର ରାଜ୍ୟ, ଯାହା ପାଖରେ ଦୁଇଟି ଅତ୍ୟାଧୁନିକ ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ରହିଛି। ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ ଅନୁଯାୟୀ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ ବିଶ୍ୱର ସର୍ବବୃହତ ଆସନ କ୍ଷମତା ବିଶିଷ୍ଟ ସମ୍ପୂର୍ଣ୍ଣ ଆସନଯୁକ୍ତ ହକି ଷ୍ଟାଡିୟମ। ବିଶ୍ୱକପ୍ ଯୋଗୁଁ ଭୁବନେଶ୍ୱର ଓ ରାଉରକେଲା ସହରର ସଡ଼କ ପଥ, ଆଲୋକୀକରଣ ଓ ପରିମଳ ବ୍ୟବସ୍ଥାରେ ବ୍ୟାପକ ବିକାଶ ହୋଇଥିଲା। ରାଉରକେଲାଠାରେ ନୂତନ ବିମାନ ବନ୍ଦର କାର୍ଯ୍ୟକ୍ଷମ ହେବା ଫଳରେ ଯୋଗାଯୋଗ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହେଲା।

ଓଡ଼ିଶା ସରକାର କେବଳ ଷ୍ଟାଡିୟମ ନିର୍ମାଣ କରିନାହାନ୍ତି, ବରଂ ବିଭିନ୍ନ ପ୍ରତିଷ୍ଠିତ କମ୍ପାନୀଗୁଡ଼ିକ ସହ ସହଯୋଗରେ ହକି, ବ୍ୟାଡମିଣ୍ଟନ, ଭାରୋତ୍ତୋଳନ ଓ ଆଥଲେଟିକ୍ସ ପାଇଁ ଉତ୍କର୍ଷ କେନ୍ଦ୍ରମାନ ସ୍ଥାପନ କରିଛନ୍ତି, ଯାହା ଆଗାମୀ ଦିନରେ ଓଡ଼ିଶାରୁ ଅନ୍ତର୍ଜାତୀୟ ସ୍ତରର ଖେଳାଳି ସୃଷ୍ଟି କରିବାରେ ସହାୟକ ହେବ। ଓଡ଼ିଶା ସରକାରଙ୍କ ଦ୍ୱାରା କରାଯାଇଥିବା ଏହି ବିପୁଳ ପୁଞ୍ଜିନିବେଶ କେବଳ କ୍ରୀଡ଼ା ଉତ୍ସବ ମଧ୍ୟରେ ସୀମିତ ନାହିଁ, ବରଂ ଏହା ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ବିଶ୍ୱ ଦରବାରରେ ଓଡ଼ିଶାକୁ ଏକ ସମୃଦ୍ଧ ଏବଂ କ୍ରୀଡ଼ା ପ୍ରତି ଅନୁରକ୍ତ ସନ୍ତୁଳିତ ରାଜ୍ୟ ଭାବେ ପ୍ରତିଷ୍ଠିତ କରିପାରିଛି।

ଭୁବନେଶ୍ୱର, ମୋ: ୯୬୯୨୦୮୩୯୦୪

## ଭାରତରେ ପ୍ଲି-ବାର୍ଗେନିଂ: ଆହୁରି ସଂସ୍କାର ଅପେକ୍ଷାରେ

ରାମକୃଷ୍ଣ ପ୍ରଧାନ

ଭାରତର ବର୍ଦ୍ଧିତ ନ୍ୟାୟିକ ମାମଲା ବୋଝ କମାଇବା ପାଇଁ ବିକଳ୍ପ ବ୍ୟବସ୍ଥା ଭାବେ ଗ୍ରହଣ କରାଯାଇଥିବା 'ପ୍ଲି-ବାର୍ଗେନିଂ'(ଦୋଷ ସ୍ୱୀକାର ପୂର୍ବକ ଦଣ୍ଡ କୋହଳ ବୁଝାମଣା) ବ୍ୟବସ୍ଥା ଦୁଇ ଦଶନ୍ଧି ପରେ ମଧ୍ୟ ଏକ କେବଳ ଏକ ଆଇନଗତ ପାଦଟୀକା ହୋଇ ରହିଯାଇଛି। ୨୦୦୬ ମସିହାରେ ଅପରାଧିକ ଆଇନ (ସଂଶୋଧନ) ଅଧିନିୟମ-୨୦୦୫ ମାଧ୍ୟମରେ ଭାରତୀୟ ଦଣ୍ଡବିଧି ସଂହିତା(ସିଆରପିସି)ରେ ଧାରା ୨୬୫-ଏ ରୁ ୨୬୫-ଏଲ୍ ଯୋଡ଼ା ଯାଇଥିଲା। ଏହାର ଲକ୍ଷ୍ୟ ଥିଲା ବିଚାର ପୂର୍ବରୁ ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରି ତୁଳନାତ୍ମକ ଭାବେ କମ୍ ଦଣ୍ଡ ଭୋଗିବ। କିନ୍ତୁ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ସାମ୍ପ୍ରତିକ ଆକଳନ ଅନୁଯାୟୀ, ୨୦୨୨ ମସିହାରେ ମାତ୍ର ୦.୧୧% ଅପରାଧିକ ମାମଲା ଏହି ପଦ୍ଧତିରେ ସମାଧାନ ହୋଇଥିଲା। ପରବର୍ତ୍ତୀ ବର୍ଷଗୁଡ଼ିକରେ ମଧ୍ୟ ଏଥିରେ ବିଶେଷ ଅଗ୍ରଗତି ଘଟିନାହିଁ।

ଧାରା ୨୬୫-ଏ ଅନୁଯାୟୀ, ଏହି ବ୍ୟବସ୍ଥା କେବଳ ସେହି ଅପରାଧ ପାଇଁ ପ୍ରଯୁଜ୍ୟ ଯେଉଁଥିରେ ମୃତ୍ୟୁଦଣ୍ଡ, ଆଜୀବନ କାରାଦଣ୍ଡ କିମ୍ବା ୭ ବର୍ଷରୁ ଅଧିକ ଜେଲ୍ ଦଣ୍ଡର ପ୍ରାବଧାନ ନାହିଁ। ଏଥିସହିତ ଦେଶର ଆର୍ଥିକ ଓ ସାମାଜିକ ସ୍ଥିତିକୁ ପ୍ରଭାବିତ କରୁଥିବା ଅପରାଧ ଏବଂ ମହିଳା ଓ ୧୪ ବର୍ଷରୁ କମ୍ ଶିଶୁଙ୍କ ବିରୋଧରେ ହୋଇଥିବା ଅପରାଧକୁ ଏହି ପରିସରରୁ ବାଦ୍ ଦିଆଯାଇଛି। ପାଶ୍ଚାତ୍ୟ ଦେଶଗୁଡ଼ିକ ପରି ଏଠାରେ ବୁଝାମଣା ଅନିୟନ୍ତ୍ରିତ ନୁହେଁ, ବରଂ ସମ୍ପୂର୍ଣ୍ଣ ରୂପେ ଅଦାଲତଙ୍କ ତତ୍ତ୍ୱାବଧାନରେ ହୋଇଥାଏ। ଅଭିଯୁକ୍ତଙ୍କୁ ବିଚାର ଆରମ୍ଭ ପୂର୍ବରୁ ଏକ ଆବେଦନ କରିବାକୁ ପଡ଼େ। ଅଦାଲତର ବନ୍ଦ କୋଠରିରେ ଅଭିଯୁକ୍ତଙ୍କୁ ପଚରାଉଚରା କରି ନିଶ୍ଚିତ କରାଯାଏ ଯେ ଏହି ନିଷ୍ପତ୍ତି ସ୍ୱେଚ୍ଛାକୃତ କି ନୁହେଁ। ଏହାପରେ ଓକିଲ, ପୀଡ଼ିତ ଓ ଅଭିଯୁକ୍ତ ମିଳିତ ଭାବେ ଏକ ସନ୍ତୋଷଜନକ ସମାଧାନରେ ପହଞ୍ଚନ୍ତି। ତଥ୍ୟ ଅନୁଯାୟୀ, ଦାଖଲ ହେଉଥିବା ଆବେଦନ ମଧ୍ୟରୁ ମାତ୍ର ୩୦-୩୫% ସଫଳ ହୋଇଥାଏ। ୨୦୨୨ରେ ମୋଟ ୧.୭ କୋଟି ମାମଲା ମଧ୍ୟରୁ ମାତ୍ର ୧୯, ୧୩୫ଟି ମାମଲାର ସମାଧାନ ପ୍ଲି-ବାର୍ଗେନିଂ ମାଧ୍ୟମରେ ହୋଇଥିଲା। ୨୦୨୩ରେ ଏହି ସଂଖ୍ୟା ସାମାନ୍ୟ ବୃଦ୍ଧି ପାଇ ୩୫, ୮୮୯ରେ ପହଞ୍ଚିଥିଲେ ହେଁ ତାହା ପର୍ଯ୍ୟାପ୍ତ ନୁହେଁ।

ଏହି ବ୍ୟବସ୍ଥାର ଏକ ବଡ଼ ଦୁର୍ବଳତା ହେଉଛି 'ସାମାଜିକ କଳଙ୍କ'। ପ୍ଲି-ବାର୍ଗେନିଂରେ ଦୋଷ ସ୍ୱୀକାର କଲେ ବ୍ୟକ୍ତିଙ୍କ ନାମରେ ଏକ ଆନୁଷ୍ଠାନିକ ଅପରାଧିକ ରେକର୍ଡ ରହିଯାଏ। ଅପରପକ୍ଷରେ, 'ଭାରତୀୟ ନାଗରିକ ସୁରକ୍ଷା ସଂହିତା'(ବିଏନ୍‌ଏସ୍‌ଏସ୍)ର ଧାରା ୩୫୯ ଅନୁଯାୟୀ 'ଆପୋସ ସମାଧାନ' କଲେ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ ହୋଇଥା'ନ୍ତି। ତେଣୁ ଅନେକ ଅଭିଯୁକ୍ତ ପ୍ଲି-ବାର୍ଗେନିଂ ଅପେକ୍ଷା ଆପୋସ ସମାଧାନକୁ ଅଧିକ ପସନ୍ଦ କରୁଛନ୍ତି।

ଭାରତୀୟ ନ୍ୟାୟିକ ବ୍ୟବସ୍ଥାରେ 'ପ୍ଲି-ବାର୍ଗେନିଂ'ର ସଫଳ ପ୍ରୟୋଗ ପାଇଁ କେବଳ ଆଇନଗତ ପ୍ରାବଧାନ ଯଥେଷ୍ଟ ନୁହେଁ, ବରଂ ଏକ ବ୍ୟାପକ ମାନସିକ ଓ ଆନୁଷ୍ଠାନିକ ପରିବର୍ତ୍ତନର ଆବଶ୍ୟକତା ରହିଛି। ପ୍ରଥମତଃ, ଅଭିଯୁକ୍ତ, ଆଇନଜୀବୀ ଓ ବିଚାରପତିମାନଙ୍କ ମଧ୍ୟରେ ଏହି ବିକଳ୍ପ ସମ୍ପର୍କରେ ସାମୂହିକ ସଚେତନତା ସୃଷ୍ଟି କରିବା ଅପରିହାର୍ଯ୍ୟ। ଅନେକ ସମୟରେ ଆଇନଗତ ଜଟିଳତା ଏବଂ ସାମାଜିକ ପ୍ରତିଷ୍ଠା କ୍ଷୁର୍ଣ୍ଣ ହେବାର ଆଶଙ୍କା ଯୋଗୁଁ ସମ୍ପୃକ୍ତ ପକ୍ଷ ଏହାକୁ ଆପଣାଇବାକୁ କୁଣ୍ଠାବୋଧ କରିଥା'ନ୍ତି। ଏହି ଅଭାବକୁ ଦୂର କରିବା ପାଇଁ ପ୍ରତ୍ୟେକ ଅଦାଲତ ପରିସରରେ ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ନିୟମିତ ପରାମର୍ଶ ଓ ସଚେତନତା ଶିବିର ଆୟୋଜନ କରାଯିବା ଆବଶ୍ୟକ।

ଦ୍ୱିତୀୟତଃ, ପୁଲିସ ପ୍ରଶାସନ ଓ ସରକାରୀ ଅଭିଯୋଜନ(ପ୍ରସିକ୍ୟୁସନ୍) ବିଭାଗକୁ ଏହି ପ୍ରକ୍ରିୟାରେ ଅଧିକ ସକ୍ରିୟ ଓ ସ୍ୱଚ୍ଛ ଭୂମିକା ନିର୍ବାହ କରିବାକୁ ହେବ। ମାମଲା ପଞ୍ଜୀକୃତ ହେବା ମାତ୍ରେ ହିଁ ଯଦି ଯୋଗ୍ୟ ମାମଲାଗୁଡ଼ିକୁ ଚିହ୍ନଟ କରାଯାଇ 'ପ୍ଲି-ବାର୍ଗେନିଂ' ପାଇଁ ପ୍ରୋତ୍ସାହିତ କରାଯାଏ, ତେବେ ନ୍ୟାୟପାଳିକାର ମୂଲ୍ୟବାନ ସମୟ ଓ ସମ୍ବଳର ଅପଚୟ ରୋକାଯାଇପାରିବ। ଏହାସହିତ ସାମାଜିକ କଳଙ୍କର ପ୍ରଭାବକୁ ହ୍ରାସ କରିବା ପାଇଁ ଆଇନରେ କେତେକ ଯୁଗୋପଯୋଗୀ ସଂଶୋଧନ କରାଯାଇପାରେ। ଯେପରିକି ଏହି ପ୍ରକ୍ରିୟା ଦ୍ୱାରା ସମାଧାନ ହୋଇଥିବା ମାମଲାର ଅପରାଧିକ ରେକର୍ଡକୁ ଏକ ନିର୍ଦ୍ଦିଷ୍ଟ ଅବଧି ପରେ ସୀମିତ କିମ୍ବା ଗୋପନୀୟ ରଖିବାର ବ୍ୟବସ୍ଥା କରାଯାଇପାରେ।

ପରିଶେଷରେ, କୋଟି କୋଟି ବିଚାରାଧୀନ ମାମଲାର ବିପୁଳ ବୋଝ ତଳେ ଅଣନିଃଶ୍ୱାସୀ ହେଉଥିବା ଆମ ନ୍ୟାୟିକ ସଂରଚନା ପାଇଁ 'ପ୍ଲି-ବାର୍ଗେନିଂ' ଏକ ସଞ୍ଜୀବନୀ ସାବ୍ୟସ୍ତ ହୋଇପାରେ। ମାତ୍ର ଏହାକୁ ମଲାଟବନ୍ଦ ଆଇନ ପୁସ୍ତକରୁ ବାହାର କରି ବାସ୍ତବତାରେ ରୂପାନ୍ତରିତ କରିବାକୁ ହେଲେ ଦୃଢ଼ ପ୍ରଶାସନିକ ଇଚ୍ଛାଶକ୍ତି ଓ ସାମଗ୍ରିକ ସଂସ୍କାରର ଜରୁରୀ ଆବଶ୍ୟକତା ରହିଛି। ତେବେ ଯାଇ ଭାରତୀୟ ସମ୍ବିଧାନର ମୂଳ ଲକ୍ଷ୍ୟ 'ଶୀଘ୍ର ନ୍ୟାୟ ଏବଂ ସମସ୍ତଙ୍କ ପାଇଁ ନ୍ୟାୟ'ର ସ୍ୱପ୍ନ ସାକାର ହୋଇପାରିବ।

ଦେଶର ବିଭିନ୍ନ ଅଦାଲତରେ ପ୍ରାୟ ୫.୮୮ କୋଟି ମାମଲା ବିଚାରାଧୀନ ଥିବା ବେଳେ କୋର୍ଟର ବୋଝ କମାଇବା ଜରୁରୀ ହୋଇପଡ଼ିଛି। ନୂତନ ବିଏନ୍‌ଏସ୍‌ଏସ୍ ଆଇନରେ ପ୍ରଥମ ଥର ଅପରାଧ କରିଥିବା ବ୍ୟକ୍ତିଙ୍କ ପାଇଁ ଦଣ୍ଡାଦେଶକୁ ଏକ-ଷଷ୍ଠାଂଶ (୧/୬) ପର୍ଯ୍ୟନ୍ତ କୋହଳ କରିବାକୁ ପ୍ରାବଧାନ ରଖାଯାଇଛି। ତଥାପି, ବିଶେଷଜ୍ଞଙ୍କ ମତରେ ସାମାଜିକ କଳଙ୍କରୁ ମୁକ୍ତି କିମ୍ବା ନିର୍ଦ୍ଦିଷ୍ଟ ଦଣ୍ଡାଦେଶ ନିୟମାବଳି ବିନା ଏହି ଆଇନ କେବଳ କାଗଜପତ୍ରରେ ସୀମିତ ରହିବ। ପ୍ରଶ୍ନ ଏହା ନୁହେଁ ଯେ ଭାରତକୁ 'ପ୍ଲି-ବାର୍ଗେନିଂ' ଆବଶ୍ୟକ କି ନାହିଁ, ବରଂ ପ୍ରଶ୍ନ ହେଉଛି କେବେ ଆମର ନ୍ୟାୟିକ ବ୍ୟବସ୍ଥା ଏହାକୁ ପ୍ରଭାବଶାଳୀ ଭାବେ ବ୍ୟବହାର କରିବାକୁ ଇଚ୍ଛାଶକ୍ତି ପ୍ରକାଶ କରିବ।

(ଆଇନଜୀବୀ)
ଛକଡ଼ିପୁର(ଖୋର୍ଦ୍ଧା), ମୋ: ୬୩୭୧୧୯୨୯୭୧

## ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

ପ୍ରବୀର କୁମାର ପଟ୍ଟନାୟକ

ଓଡ଼ିଶାର ବୌଦ୍ଧ ପରମ୍ପରା



*ପୂର୍ବପ୍ରକାଶିତ ଉତ୍ତାରୁ...*

**କ୍ଷୁଦ୍ର ଶିଳାଲେଖ:** ଅଶୋକଙ୍କ ସୁପରିଚିତ ତଥା ବିଖ୍ୟାତ ଚଉଦଟି ଶିଳାଲେଖ ବ୍ୟତୀତ ଅନ୍ୟ ଏକ ପର୍ଯ୍ୟାୟର ଏହି କ୍ଷୁଦ୍ର ଶିଳାଲେଖାଗୁଡ଼ିକୁ ବହୁସ୍ଥାନରେ ସର୍ବସାଧାରଣଙ୍କ ଦୃଷ୍ଟିକୁ ଆସିପାରିଛି। ସେହି ସ୍ଥାନଗୁଡ଼ିକ ହେଲା ଅହରୌରା (ମିର୍ଜାପୁର, ଉତ୍ତର ପ୍ରଦେଶ) ବାହାପୁରୁ (ନୂଆଦିଲ୍ଲୀର କୈଳାସ କଲୋନୀ ନିକଟ), ବଇରାତ (ରାଜସ୍ଥାନ), ଗୁଜରା (ଦାତିଆ, ମଧ୍ୟପ୍ରଦେଶ), ମାସ୍କି (ରାଇଚୁର, କର୍ଣ୍ଣାଟକ), ପାଲକୀଗୁଣ୍ଡ (ଗବୀମଠ ନିକଟ, କର୍ଣ୍ଣାଟକ) ରୂପ ନାଥ (ଜବଲପୁର, ମଧ୍ୟପ୍ରଦେଶ ) ଓ ସହସ୍ରାମ (ଶାହାବାଦ, ବିହାର)। ଏହି କ୍ଷୁଦ୍ର ଶିଳଲେଖଗୁଡ଼ିକର ଏକ ବିଶେଷତ୍ୱ ହେଉଛି ଏଗୁଡ଼ିକ ସବୁ ସମାନ ଧରଣର ନୁହେଁ।

**ଅଶୋକ ଶିଳାଲେଖ:** ପର୍ଯ୍ୟାୟକ୍ରମେ ଚଉଦଗୋଟି ଶିଳାଲିପି ଏହିସବୁ ସ୍ଥାନମାନଙ୍କରୁ ମିଳିଛି - ୟେରାଗୁଡ଼ି (କୁର୍ଣ୍ଣୁଲ, କର୍ଣ୍ଣାଟକ), ଗିରନାର (ଜୁନାଗଡ଼, ଗୁଜରାଟ), କାଲ୍‌ସୀ(ଡେରାଡୁନ୍, ଅବିଭକ୍ତ ଉତ୍ତର ପ୍ରଦେଶ), ପୁରାତନ କାନ୍ଦାହାର (ଆଫଗାନିସ୍ତାନ), ମାନସେହରା (ହଜାରା, ପାକିସ୍ତାନ), ଶାହବାଜଗଢି (ପେଶବାର, ପାକିସ୍ତାନ)ଓ ସୋପାରା (ମହାରାଷ୍ଟ୍ର)।

ଏହି ପର୍ଯ୍ୟାୟର ଦୁଇଗୋଟି ଶିଳାଲେଖ ପ୍ରାଚୀନ କଳିଙ୍ଗ ଅନ୍ତର୍ଗତ ତଥା ବର୍ତ୍ତମାନ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ସନ୍ନିକଟ ଅଞ୍ଚଳରୁ ମିଳିପାରିଛି। ଉତ୍ତର ଦିଗରେ ରହିଥିବା ଗୋଟିଏ ଶିଳାଲେଖ କିଟ୍ଟୋଙ୍କ ଦ୍ୱାରା ଖ୍ରୀ ୧୮୩୭ ରେ ଧଉଳି ଗ୍ରାମ ନିକଟରେ (ପ୍ରାଚୀନ ତୋଷାଳୀ ନଗର ଭାବେ ପରିଚିତ) ଅଶ୍ୱତ୍ଥାମା ପାହାଡ଼ରେ ସନ୍ଧାନ କରାଯାଇ ଲୋକଲୋଚନକୁ ଆସିପାରିଥିଲା। ଅଶୋକଙ୍କ ଶିଳାଲେଖଗୁଡ଼ିକ ତିନୋଟି ସମାନ୍ତରାଳ ସ୍ତମ୍ଭରେ ସଜ୍ଜିତ ହୋଇ ଖୋଦନ କରାଯାଇଛି। ଏଥିମଧ୍ୟରୁ ଦ୍ୱାଦଶ ଓ ତ୍ରୟୋଦଶ ଶିଳାଲେଖ ବ୍ୟତୀତ ଅନ୍ୟ ସମସ୍ତ ଶିଳାଲେଖ ମଝି ସ୍ତମ୍ଭର ସମଗ୍ର ଅଂଶ ଏବଂ ତାହାର ସ୍ତମ୍ଭର ଅର୍ଦ୍ଧେକ ଅଂଶ ଦଖଲ କରିଛନ୍ତି। ଏହାର ପରଅଂଶରେ ଦୁଇଗୋଟି ସ୍ଥାନୀୟ ଲେଖ ଯୁକ୍ତ କରାଯାଇଛି। ଏଥିରୁ ଗୋଟିଏ ଡାହାଣ ପାଖର ବାକି ଥିବା ସ୍ଥାନକୁ ପୂର୍ଣ୍ଣ କରିବା ସହ ଅନ୍ୟଟି ସଂପୂର୍ଣ୍ଣ ବାମ ପାଖ ସ୍ତମ୍ଭରେ ଖୋଦିତ ହୋଇଛି। ଏଣୁ ଏହି ପରବର୍ତ୍ତୀ ଶିଳାଲେଖଟି ହେଉଛି ଏହି ସ୍ଥାନରେ ରହିଥିବା ଦୁଇଗୋଟି ସ୍ୱତନ୍ତ୍ର ଶିଳାଲେଖ ମଧ୍ୟରୁ ଦ୍ୱିତୀୟ ଶିଳାଲେଖଟି। ଏହି ଶିଳାଲେଖଟିର ଉପରି ଭାଗକୁ ଲାଗି ରହିଥିବା ପଥର ଚଟାଣରେ ଡାହାଣ ପାଖରେ ଚାରି ଫୁଟ ଉଚ୍ଚ ବିଶିଷ୍ଟ ଗୋଟିଏ ହସ୍ତୀର ସମ୍ମୁଖ ଭାଗ ରହିଛି। ଏଇଟି ହେଉଛି ଚାରି ଫୁଟ ଉଚ୍ଚର ଏକ ଉତ୍କୃଷ୍ଟ କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି, ଯାହାକି ଏକ ଅଖଣ୍ଡ ପଥରରୁ ଖୋଦେଇ କରାଯାଇଛି। ଏଠାରେ ଚିହ୍ନଟ ହୋଇଥିବା ଖୋପରୁ ହାତୀଟି ପ୍ରକୃତରେ ପ୍ରଥମେ ଗୋଟିଏ କାଠର ଛାତ ଅଥବା ଛାଉଣୀ ଦ୍ୱାରା ସୁରକ୍ଷିତ ଥିଲା ଭଳି ମନେ ହୁଏ। ସେହିଭଳି ଦକ୍ଷିଣ ଭାଗରେ ରହିଥିବା ଦ୍ୱିତୀୟ ଶିଳାଲେଖଟିକୁ ଖ୍ରୀ ୧୮୫୦ ରେ ସାର୍ ୱାଲଟର ଏଲିଅଟ୍ ଖୋଜି ବାହାର କରିଥିଲେ। ଏହିଟି ସେହି ଓଡ଼ିଶାର ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଗଞ୍ଜାମ ସହରର ଉତ୍ତର-ପଶ୍ଚିମ ଦିଗରେ ଋଷିକୂଲ୍ୟା ନଦୀ ନିକଟରେ ଥିବା ଜଉଗଡ଼ ନାମକ ଏକ ବଡ଼ ପୁରୁଣା ଦୁର୍ଗର ଏକ ଚିତ୍ତାକର୍ଷକ ପଥର କାନ୍ଥରେ ଖୋଦିତ ହୋଇଛି।

ଜଉଗଡ଼ ଅଭିଲେଖଗୁଡ଼ିକ ଲମ୍ବ ଭାବରେ ରହିଥିବା ପଥରର ଉପରି ଭାଗରେ ତିନୋଟି ଭିନ୍ନ ଭିନ୍ନ ଫଳକରେ ଖୋଦିତ ହୋଇଛି। ପ୍ରଥମଟିରେ ପ୍ରଥମ ପାଞ୍ଚଟି ଅନୁଶାସନ ରହିଛି। କିନ୍ତୁ ପଥରର ଚଟାଣ ପରସ୍ତ ଖସିଯିବା ଫଳରେ ଏହାର ପ୍ରାୟ ଅର୍ଦ୍ଧେକ ଅଂଶ ନଷ୍ଟ ହୋଇଯାଇଛି। ଦ୍ୱିତୀୟ ଫଳକଟିରେ ପରବର୍ତ୍ତୀ ପାଞ୍ଚଗୋଟି ଅନୁଶାସନ ସହ ଚତୁର୍ଦ୍ଦଶ ଅନୁଶାସନ ମଧ୍ୟ ସାମିଲ ରହିଛି। ସେହିଭଳି ତୃତୀୟ ଫଳକଟିରେ ଧଉଳିରେ ଥିବା ଦୁଇଟି ପୃଥକ ଶିଳାଲେଖ ଖୋଦିତ ହୋଇଛି। ଏହି ତୃତୀୟଟିରେ ଅନ୍ୟ ଦୁଇଟି ଫଳକ ତୁଳନାରେ କମ୍ ସତର୍କତାର ସହିତ ଖୋଦିତ ହୋଇଛି।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୁନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଜାତୀୟ ରାଜପଥ ହମ୍ପ୍ ନେଉଛି ଜୀବନ

# ଦୁଇ ଗାଡ଼ି ମଧ୍ୟରେ ଧକ୍କା; ଚାଳକ ମୃତ

ବାଲିବନ୍ଧ, ୨୨।୫ (ସମିସ)



ଜାତୀୟ ରାଜପଥର ହମ୍ପସ ପାଇଁ ଜୀବନଯାତ୍ରା ଅସୁରକ୍ଷିତ ହୋଇ ପଡ଼ିଥିବା ଅଭିଯୋଗ ହେଉଛି । ଏଭଳି ଏକ ଘଟଣା ଶୁକ୍ରବାର ଚର୍ଚ୍ଚାକୁ ଆସିଛି । ୨୦ନମ୍ବର ଜାତୀୟ ରାଜପଥ ଝୁମ୍ପୁରା ବାଇପାସ ଝୁମ୍ପୁରା ଥାନା ନିକଟରେ ଭୋର ସମୟରେ ଏକ ହାଇୱା ଗାଡି ଅନ୍ୟ ଏକ ଗାଡ଼ି ପଛରେ ଧକ୍କା ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତ ଗାଡ଼ି ଚାଳକ ହେଲେ ଝାରଖଣ୍ଡ ରାଜ୍ୟ ପାକୁରା ଥାନା ଅଞ୍ଚଳ ମନିରାମପୁର ଗ୍ରାମର ମେହେବୁବ ଆଲ୍ଲାମ (୩୫) ।

ସୂଚନାନୁଯାୟୀ, ମେହେବୁବ ଆଲ୍ଲାମ ଓଡି୩୪ଏସ ୫୫୭୧ ନମ୍ବର ହାଇୱା ଗାଡି ନେଇ ଯୋଡ଼ା ଅଭିମୁଖେ ଯାଉଥିଲେ । ବିଷ୍ଣୁପୁର ଛକ ନିକଟରେ ଥିବା ହମ୍ପସଠାରେ ଆଗରେ ଯାଉଥିବା ଗାଡି ହଠାତ ବ୍ରେକ ଦେବାରୁ ଗାଡି ପଛରେ ମେହେବୁବଙ୍କ ଗାଡି ଧକ୍କା ହୋଇଥିଲା । ଫଳରେ ହାଇୱା ଗାଡି ସମ୍ମୁଖ ଭାଗ ଚାପି ହୋଇ ଚୂରମାର ହୋଇଯାଇଥିଲା । କ୍ୟାବିନ ଭିତରେ ଚାଳକ ମେହେବୁବ ଚାପି ହୋଇ ରହିଯାଇଥିଲେ । ପରେ ଝୁମ୍ପୁରା ଅଗ୍ନିଶମବାହିନୀ ତାଙ୍କୁ ଉଦ୍ଧାର କରି ଝୁମ୍ପୁରା ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ଯାଞ୍ଚ କରି ମୃତ ଘୋଷଣା କରିଥିଲେ । ଏନେଇ ଝୁମ୍ପୁରା ପୁଲିସ ଏକ ମାମଲା ରୁଜୁକରି କେନ୍ଦୁଝର ମୁଖ୍ୟଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇ ପଠାଇଥିବା ଜଣାପଡିଛି । ପ୍ରକାଶ ଥାଉକି, ୨୦ ନମ୍ବର ଜାତୀୟ ରାଜପଥ ଝୁମ୍ପୁରା ବାଇପାସ ଝୁମ୍ପୁରା ଥାନା (ବିଷ୍ଣୁପୁର) ଛକ ନିକଟରେ ନିର୍ମାଣ ହୋଇଥିବା ହମ୍ପସ ପୂର୍ବରୁ କୌଣସି ସଂକେତ ବା ଚିହ୍ନ ଦେଇ ନଥିବାରୁ ଗାଡି ଚାଳକମାନେ ହମ୍ପସ ବାବଦରେ କିଛି ଜାଣିପାରୁନାହାନ୍ତି । ଫଳରେ ଅସାବଧାନତା ବଶତଃ ହମ୍ପସ ନିକଟରେ ବ୍ରେକ ଦେବାରୁ ଏପରି ଅନେକ ଧନଜୀବନ ନଷ୍ଟ ହେଉଛି । ହମ୍ପସ ପୂର୍ବରୁ ଧଳା ଦାଗ ବା ଚିହ୍ନ ଦେବା ନେଇ ବାରମ୍ବାର ଗୁହାରି କଲେ ମଧ୍ୟ କର୍ଣ୍ଣପାତ କରୁ ନଥିବ ଯୋଗୁଁ ସେହି ହମ୍ପସ ନିର୍ମାଣ ସ୍ଥାନରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି । ଜିଲ୍ଲାପ୍ରଶାସନ ଦୃଷ୍ଟି ଦେବା ନେଇ ସାଧାରଣରେ ଦାବି ହେଉଛି ।

## ପ୍ରେମରେ ବିଫଳ; ଯୁବକଙ୍କ ଆତ୍ମହତ୍ୟା



ତୁରୁମୁଙ୍ଗା, ୨୨।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଭାଲିଆଡାଳ ଗ୍ରାମରେ ଶୁକ୍ରବାର ଘଟିଛି ଏଭଳି ଦୁଃଖଦ ଘଟଣା । ପ୍ରେମରେ ବିଫଳ ପରେ ଘର ଭିତରେ ଫ୍ୟାନରେ ଗାମୁଛା ବାନ୍ଧି ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି ଯୁବକ ଜିତେନ୍ଦ୍ର ସାହୁ (୨୫) । କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ମନମାଳିନ୍ୟ ସୃଷ୍ଟି ହୋଇଥିବା ବେଳେ ଜିତେନ୍ଦ୍ର ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିଲେ । ମୃତ ଯୁବକଙ୍କ ହାତରେ ଟାଟୁ ମାଧ୍ୟମରେ ପ୍ରେମିକାଙ୍କ ନାମ ଲେଖାଥିବା ଦେଖିବାକୁ ମିଳିଛି । ପାଟଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରୁଛି ।

## କୁଅ ଭିତରୁ ବୃଦ୍ଧା ଉଦ୍ଧାର



ତୁରୁମୁଙ୍ଗା, ୨୨।୫(ସମିସ): ୩୦ ଫୁଟ ଗଭୀର ପଥର କୂଅ ଭିତରେ ପଡ଼ି ଜୀବନ ସହ ସଂଘର୍ଷ କରୁଥିଲେ ବୃଦ୍ଧା । ପଥରକୁ ଧରି ଦୀର୍ଘ ସମୟ ଝୁଲି ରହିବା ପରେ ଅଗ୍ନିଶମ ବାହିନୀ କରିଛନ୍ତି । ବୃଦ୍ଧା ଜଣକ ହେଉଛନ୍ତି କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ଗ୍ରାମର ଶାସନ ସାହିର ବାମ ରାଉତଙ୍କ ପତ୍ନୀ ନିରୁପମା (୬୫) । ଶୁକ୍ରବାର ସକାଳେ ଅସାବଧାନତାବଶତଃ ପ୍ରାୟ୩୦ଫୁଟଗଭୀରପଥରକୂଅଭିତରେଖସିପଡ଼ିଥିଲେ । ପରେ ସେ ପଥରକୁ ଧରି ଜୀବନ ବଞ୍ଚାଇବା ପାଇଁ ଝୁଲି ରହିଥିଲେ । ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ଦୀର୍ଘ ସମୟର ଉଦ୍ଧାର କାର୍ଯ୍ୟ ପରେ ବୃଦ୍ଧାଙ୍କୁ ସୁରକ୍ଷିତ ଭାବେ କୁଅ ଭିତରୁ ବାହାର କରାଯାଇ ରାଜନଗର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଅଗ୍ନିଶମ ବାହିନୀର ଏହି ସାହସିକ ଉଦ୍ଧାର କାର୍ଯ୍ୟକୁ ଲୋକେ ପ୍ରଶଂସା କରିଛନ୍ତି ।

## ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

ଆନନ୍ଦପୁର, ୨୨।୫ (ସମିସ): ଜାଳକାଠ ସଂଗ୍ରହ କରିବାକୁ ସ୍ଥାନୀୟ ଜଙ୍ଗଲକୁ ଯାଇଥିବା କୁମୁଣିଆ ଗ୍ରାମର ଗଙ୍ଗାଧର ନାଇକ (୬୨)ଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଯାଇଛି । ମୃତ ଗଙ୍ଗାଧର ଗତ ଗୁରୁବାର ଦିନ ପ୍ରାୟ ୧୦ଟା ସମୟରେ ପଥରକୁଣ୍ଡିର ବାଘଦଫା ଜଙ୍ଗଲକୁ ଜାଳ କାଠ ସଂଗ୍ରହ କରିବାକୁ ଯାଇ ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନଥିଲେ । ପରିବାର ଲୋକେ ଆଜି ଖୋଜାଖୋଜି କରୁଥିବା ବେଳେ ସ୍ଥାନୀୟ ମାଝୀ ସାହି ନିକଟରେ ମୃତଦେହ ଠାବ ହୋଇଥିଲା । ଖବର ପାଇ ଘସିପୁରା ପୁଲିସ ମୃତଦେହକୁ ଜବତ କରି ଆନନ୍ଦପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ଘଟଣାର ତଦନ୍ତ ଆରମ୍ଭ କରୁଥିବା ଜଣାଯାଇଛି ।

## ଅବସରପ୍ରାପ୍ତ ଜିପିଓଙ୍କ ପରଲୋକ



ଆନନ୍ଦପୁର, ୨୨।୫ (ସମିସ): ଘସିପୁରା ବ୍ଲକ ଦେଓଗାଁ ପଞ୍ଚାୟତ ପଡ଼ିଆପାଳ ଗ୍ରାମର ଅବସରପ୍ରାପ୍ତ ଜିପିଓ ଦୁର୍ଯ୍ୟୋଧନ ରାଉତ (୯୬)ଙ୍କର ପରଲୋକ ହୋଇଯାଇଛି । ଆଜି ସକାଳେ ସେ ହଠାତ ଅସୁସ୍ଥ ହୋଇପଡିବା ପରେ ନିଜ ବାସଭବନରେ ଦେହାନ୍ତ ହୋଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁଅ ପ୍ରଦୀପ ରାଉତ, ପୂର୍ଣ୍ଣଚନ୍ଦ୍ର ରାଉତ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ଖବର ପାଇ ଆଖପାଖରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବାସଭବନରେ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ପୁତ୍ର ପୂର୍ଣ୍ଣଚନ୍ଦ୍ର ମୁଖାଗ୍ନି ଦେଇଥିଲେ । ତାଙ୍କ ପରଲୋକ ରେ ଗ୍ରାମ ରେ ଶୋକ ପ୍ରକାଶ ପାଇଛି ।

## ପାଠାଗାର ଲୋକାର୍ପିତ



ତେଲକୋଇ, ୨୨।୫(ସମିସ): ତେଲକୋଇସ୍ଥିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ନବନିର୍ମିତ ପାଠାଗାର କେନ୍ଦ୍ରର ଲୋକାର୍ପଣ ହୋଇଯାଇଛି । ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ଡ଼ ଫକିର ମୋହନ ନାଏକ ଯୋଗ ଦେଇଥିଲେ । ଏହି ଅବସରରେ ଶ୍ରୀ ନାଏକ ସାମ୍ବାଦିକଙ୍କ ସହିତ ତେଲକୋଇ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା କରିଥିଲେ । ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତ ସ୍ୱାସ୍ଥ୍ୟସେବା, ଗମନା ଗମନର ସୁବ୍ୟବସ୍ଥା, ସବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକ୍ଷମ ଓ ଅଘୋଷିତ ବିଦ୍ୟୁତ୍ କାଟ ଆଦି ସମସ୍ୟା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ପ୍ରେସ କ୍ଲବ୍ ସଭାପତି କୈଳାଶଚନ୍ଦ୍ର ପ୍ରଧାନଙ୍କ ସମେତ ସମସ୍ତ ସାମ୍ବାଦିକ ଉପସ୍ଥିତ ଥିଲେ ।

## ପ୍ରସ୍ତାବିତ ମେଗା ଷ୍ଟିଲପ୍ଲାଣ୍ଟ ପାଇଁ ଗୋଡ଼ିପୋଖରୀ ଗ୍ରାମସଭା

# ଏକର ପ୍ରତି ୩୦ କୋଟି ଟଙ୍କା ଦାବିକଲେ ଗ୍ରାମବାସୀ



ତୁରୁମୁଙ୍ଗା, ୨୨।୫(ସମିସ): କେନ୍ଦୁଝର ଜିଲ୍ଲାରେ ପ୍ରସ୍ତାବିତ ମେଗାଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଶୁକ୍ରବାର ସକାଳ ୮.୩୦ ମିନିଟରେ ଯମୁନାପଶି ଗ୍ରାମପଞ୍ଚାୟତ ଗୋଡିପୋଖରୀ ଗ୍ରାମର ଶିବ ମନ୍ଦିର ପଡ଼ିଆରେ ୮ମ ଗ୍ରାମସଭା ସଫଳତାର ସହ ଶେଷ ହୋଇଛି । ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଗାଁର ୧୪୫.୬୯୦ ଏକର ଘରୋଇ ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଆୟୋଜିତ ଗ୍ରାମସଭାରେ ଜନସାଧାରଣଙ୍କଠାରୁ ମତାମତ ଗ୍ରହଣ କରାଯାଇଥିଲା । ଗ୍ରାମବାସୀଙ୍କ ପକ୍ଷରୁ ୫୧ ସର୍ତ୍ତ ସମ୍ବଳିତ ଦାବିପତ୍ର ପ୍ରଶାସନ ନିକଟରେ ଉପସ୍ଥାପନ କରିବା ସହ ଏକର ପ୍ରତି ୩୦ କୋଟି ଟଙ୍କା ଦାବି କରାଯାଇଥିଲା । ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଗୋଡିପୋଖରୀ ଗ୍ରାମର ୧୪୫.୬୯୦ ଏକର ଘରୋଇ ଜମି ଅଧିଗ୍ରହଣ ହେବାର ଯୋଜନା ରହିଛି । ଯମୁନାପଶି ସରପଞ୍ଚ ଶଶିଭୂଷଣ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଗ୍ରାମସଭାରେ ଅତିରିକ୍ତ ଜିଲ୍ଲାପାଳ ତଥା ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ କୁମାର ନାଏକ, ଇଡ଼କୋର ଜମି ଅଧିଗ୍ରହଣ ଅଧିକାରୀ ଜୟକୃଷ୍ଣ ପାତ୍ର, ୱାର୍ଡସଭ୍ୟ ବେଣୁଧର ନାଏକ, ମଞ୍ଜୁଲତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଶାନ୍ତିଶୃଙ୍ଖଳା ପାଇଁ ଅତିରିକ୍ତ ଏସ୍‌ପି ସ୍ନେହାଶିଷ ସାହୁ, ପ୍ରତ୍ୟୁଷ ମହାପାତ୍ର, ଜ୍ୟୋତିର୍ମୟ ଭୁକ୍ତା, ଶୁଭସ୍ମିଗ୍ଧା ସେଠୀ, ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ଘଟଗାଁ ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ପ୍ରଶାନ୍ତ ବେହେରା, ବିଜୟ ବିହାରୀ, ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁଙ୍କ ସମେତ ବ୍ୟାପକ ପୁଲିସ ଫୋର୍ସ ମୁତୟନ ହୋଇଥିଲେ । ବ୍ଲକସ୍ତରୀୟ ସମସ୍ତ ଅଧିକାରୀ ସହଯୋଗ କରିଥିଲେ ।

## ଜିନ୍ଦଲ-ପୋସ୍କୋ ପ୍ରତିରୋଧ ମଞ୍ଚର ବିରୋଧ

ତୁରୁମୁଙ୍ଗା, ୨୨।୫(ସମିସ): ପ୍ରସ୍ତାବିତ ମେଗାଷ୍ଟିଲ ପ୍ଲାଣ୍ଟ ପାଇଁ ଶୁକ୍ରବାର କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ଜମି ଅଧିଗ୍ରହଣ ପାଇଁ ଯମୁନାପଶି ପଞ୍ଚାୟତ ଗୋଡ଼ିପୋଖରୀ ଗ୍ରାମସଭା କରାଯାଇଥିଲା । ଏହି ଗ୍ରାମସଭାକୁ ଗୋଡ଼ିପୋଖରୀ ଗ୍ରାମ ସମେତ ଜିନ୍ଦଲ-ପୋସ୍କୋ ପ୍ରତିରୋଧ ମଞ୍ଚର ଯମୁନାପଶି, କୋଡଖମଣ, ବରୁଡ଼ିପଶି, ଚିଲିଦା, ଚେମଣା, ଧନୁର୍ଜୟପୁର, କୋଡ଼ଖମଣ, ବାରଡାଙ୍ଗୁଆ ଆଦି ବିଭିନ୍ନ ଗ୍ରାମ କମିଟି ପକ୍ଷରୁ ପ୍ରତିବାଦ କରାଯାଇ ବିରୋଧ କରଯାଇଥିଲା । ସରକାର ପୁଲିସ ଲଗାଇ ମଞ୍ଚର କର୍ମକର୍ତ୍ତା ମାନଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରିବା ସହିତ ରାତି ଅଧରେ ଗିରଫ କରି ଜେଲରେ ପୁରାଇବା, ଗୁରୁବାର ରାତିଠାରୁ ଗୋଡ଼ିପୋଖରୀ ଗ୍ରାମରେ ପୁଲିସ ଲଗାଇ ଗ୍ରାମକୁ ଘେରି ରଖିବା, ପ୍ରତିବାଦକାରୀ ଗୋଡ଼ିପୋଖରୀ ଗ୍ରାମର ଲୋକଙ୍କୁ ଘରୁ ବାହାର କରିବାକୁ ନଦେବା, ଯମୁନାପୋଷି ଗ୍ରାମ ସମେତ ବିଭିନ୍ନ ଗ୍ରାମରେ ବହୁ ସଂଖ୍ୟାରେ ପୁଲିସ ସାଇରନ ବଜାଇ ଲୋକଙ୍କୁ ଭୟଭୀତ କରିବା, ଗ୍ରାମସଭାକୁ ବିରୋଧ କଲେ ଜେଲରେ ଭର୍ତ୍ତି କରିବା ଆଦି ଘଟଣାକୁ ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚ ତରଫରୁ ତୀବ୍ର ନିନ୍ଦା କରିବା ସହିତ ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ କୌଣସି ପରିସ୍ଥିତିରେ ଉର୍ବର ଦୋଫସଲ ଚାଷ ଜମି କମ୍ପାନୀକୁ ହସ୍ତାନ୍ତର କରାଯିବ ନାହିଁ ବୋଲି ମଞ୍ଚ ପକ୍ଷରୁ ସଭାପତି ଘନଶ୍ୟାମ ମହାନ୍ତ ଓ ସମ୍ପାଦକ ବେଣୁଧର ସର୍ଦ୍ଦାର କହିଛନ୍ତି ।

■ ରାଇକଳା ପ୍ରିମିୟର ଲିଗ୍ କ୍ରିକେଟ

## ମା’ ରଞ୍ଜେଇସୁଣି ଟାଙ୍ଗରାଣୀ ଚାମ୍ପିଅନ

କେନ୍ଦୁଝର,୨୨।୫(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ରାଇକଳା ଗ୍ରାମର ଖେଳ ପଡ଼ିଆରେ ଚାଲିଥିବା ରାଇକଳା ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି । ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ୍ ମା’ ରଞ୍ଜେଇସୁଣି ଟାଙ୍ଗରାଣୀ ଏବଂ ମହାକାଳ ଦଳ ମଧ୍ୟରେ ଖେଳାଯାଇଥିଲା । ପ୍ରଥମେ ମହାକାଳ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ୭ ୱିକେଟ ହରାଇ ୯୦ ରନ୍ କରିଥିଲା । ରନ୍ ପିଛା କରି ମା’ ରଞ୍ଜେଇସୁଣୀ ଟାଙ୍ଗରାଣୀ ଦଳ ୭ ୱିକେଟ ହରାଇ ଶେଷ ଓଭରରେ ୯୦ ରନ୍ କରି ବିଜୟୀ ହୋଇଛି । ସୌମ୍ୟରଞ୍ଜନ ରଣା ଓ ସୁଶାନ୍ତ ପଣ୍ଡା ଖେଳ ପରିଚାଳନା କରିଥିଲେ । ଧାରାବିବରଣୀ ବୁବୁ ସିଂହ ଦେଇଥିଲେ । ଅଜିତ୍ କୁମାର ମହାନ୍ତ ଓ ବିଗୁଲ୍ ମହାନ୍ତ ସ୍କୋରର ଥିଲେ । ବାପି ଦେଓଗାମ୍ ମ୍ୟାନ ଅଫ ଦ ମ୍ୟାଚ୍ ଓ ମ୍ୟାନ୍ ଅଫଦ ସିରିଜ ବିବେଜିତ ହୋଇଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେପି ପୂର୍ବତନ ଉପସଭାପତି ଗଣେଶ୍ୱର ମହାନ୍ତ, ମୁଖ୍ୟବକ୍ତା ବରିଷ୍ଠ ବିଜେପି ନେତା ଦ୍ରୁବଚରଣ ବାରିକ୍, ସମ୍ମାନିତ ଅତିଥି ପଳାସପଙ୍ଗା ମଣ୍ଡଳର ସାଧାରଣ ସମ୍ପାଦକ ବଳଭଦ୍ର ମହାନ୍ତ, ରାଇକଳା ପଞ୍ଚାୟତର ବିଜେପି ସଭାପତି ଭରତ ମହାନ୍ତ, ନାଏବ ସରପଞ୍ଚ ହେମଲତା ନାଏକ, ସମାଜସେବୀ ଭରତଚନ୍ଦ୍ର ମାହନ୍ତ ପ୍ରମୁଖ




ଚାମ୍ପିଅନ ଦଳକୁ ୧୫ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ଟୁର୍ଣ୍ଣାମେଣ୍ଟ ସଭାପତି ହୃଦୟ ରଞ୍ଜନ ମହାନ୍ତ, ସମ୍ପାଦକ ଜଗଦୀଶ ବାରିକ, ସଦସ୍ୟ ସୁଶୀଲ ନାଏକ, ଅଜିତ ବାରିକ, ଶୁଭ୍ରଜିତ ମହାନ୍ତ, ଅଲେଖ ବାରିକ, ସଞ୍ଜୀବ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ମଦନପୁର ସଂରକ୍ଷିତ ଜଙ୍ଗଲରୁ ମୋରମ୍ ଚାଲାଣ



ଆନନ୍ଦପୁର, ୨୨।୫ (ସମିସ): ଆନନ୍ଦପୁର ବନବିଭାଗର ମଦନପୁର ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ପ୍ରତିଦିନ ମୋରମ ଚୋରା ଚାଲାଣ ହେଉଥିଲେ ମଧ୍ୟ ଖଣି ଓ ରାଜସ୍ୱ ବିଭାଗ ନିରବ ରହିବା ଘଟଣାରେ ସନ୍ଦେହ ପ୍ରକଟ ହୋଇଛି । ରେଙ୍ଗାଲି କେନାଲ ନିର୍ମାଣ ପାଇଁ ଆଜିକୁ ପ୍ରାୟ ୩ ସପ୍ତାହ ହେବ ପ୍ରତିଦିନ ସନ୍ଧ୍ୟା ପରେ ରାତିସାରା ହାଇୱା ଯୋଗେ ଗାଁ ରାସ୍ତାରେ ମୋରମ ଚାଲାଣ ହେଉଥିବାରୁ ଅଞ୍ଚଳବାସୀ ଅତିଷ୍ଠ ହୋଇପଡିଲେଣି । ରାତିସାରା ମେସିନର ଗର୍ଜନ ଏବଂ ଗାଡ଼ିର ଶବ୍ଦ ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି । ରେଙ୍ଗାଲି ପ୍ରକଳ୍ପର ଅଧିକାରୀମାନେ ଖଣି ବିଭାଗ କିମ୍ବା ରାଜସ୍ୱ ବିଭାଗ ଅନୁମତି ନ ଆଣି ମୋରମ ଉଠାଇ ଅନ୍ୟତ୍ର ଚାଲାଣ କରିବା ନେଇ ଗ୍ରାମର କେତେକ ସଚେତନ ଯୁବକ ଏନେଇ ଆନନ୍ଦପୁର ଡିଏଫଓଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଜଙ୍ଗଲ ବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସରକାରୀ ଅନୁମତି ତଦାରଖ କରିବା ସହ ମୋରମ ଚାଲାଣ ବନ୍ଦ କରିବାକୁ ତାଗିଦ କରିଥିବା ଜଣାଯାଇଛି । ଏହାକୁ ଠିକାସଂସ୍ଥା ଭ୍ରୂକ୍ଷେପ କରୁ ନଥିବା ଅଭିଯୋଗ ହେଉଛି । ଫଳରେ ମୋରମ ଚାଲାଣ ବଢୁଥିବା ସହ ପାରିପାର୍ଶ୍ୱିକ ଅଶାନ୍ତି ବୃଦ୍ଧି ପାଉଛି ।

# ଦିନ ଦ୍ୱିପହରରେ ଲୁଟିଲେ ସୁନାରୁପା ସହ ଅଢ଼େଇ ଲକ୍ଷ ଟଙ୍କା

ବାଲିବନ୍ଧ, ୨୨।୫ (ସମିସ)

ଝୁମ୍ପୁରା ଥାନାଞ୍ଚଳରେ ଦିନ ଦ୍ୱିପହରରେ ଚୋରି ହେଉଛି । ଘରର ତାଲା ଭାଙ୍ଗି ୨୦ ଭରି ସୁନା, ୪ ଶହ ଗ୍ରାମ ରୁପା ସହ ନଗଦ ଅଢେଇ ଲକ୍ଷ ଟଙ୍କା ଲୁଟି ନେଇଥିବା ଝୁମ୍ପୁରା ଥାନାରେ ଲିଖିତ ଅଭିଯୋଗ ହୋଇଛି । ଝୁମ୍ପୁରା ଥାନାଞ୍ଚଳ ଅର୍ଶଳା ପଞ୍ଚାୟତ ଅର୍ଶଳା ଗ୍ରାମର ରୁଦ୍ରଚରଣ ମହାନ୍ତଙ୍କ ଘରୁ ଚୋରି ହୋଇଥିବା ସୂଚନା ମିଳିଛି । ଘରେ ତାଲା ଲଗାଇ ରୁଦ୍ରଚରଣ ମହାନ୍ତ ସ୍ତ୍ରୀଙ୍କ ସହ ରାଇସୁଆଁସ୍ଥିତ ଶନି ମନ୍ଦିରକୁ ପୂଜା କରିବା ପାଇଁ ଯାଇଥିଲେ । ଦିନ ୧ଟା ସମୟରେ ଘରକୁ ଫେରିଥିଲେ । ଘରର ପଛ ପଟ ଗେଟର ତାଲା ଭାଙ୍ଗିବା ସହିତ ଘରଗୁଡିକର ତାଲା ଭାଙ୍ଗି ପଡିଛି । ଜିନିଷପତ୍ର ଏଣେତେଣେ ପଡିଛି । ଏହାସହିତ ଦୁଇଟି ଆଲମାରୀର ଲକର ଭାଙ୍ଗି ଭିତରେ ଥିବା ୨୦ ଭରି ସୁନା, ୪ ଶହ ଗ୍ରାମ ରୁପା ଏବଂ ଅଢେଇ ଲକ୍ଷ ଟଙ୍କା ଦୁର୍ବୃତ୍ତ ନେଇ ଯାଇଥିବା ଜାଣିବାକୁ ପାଇଥିଲେ ରୁଦ୍ରଚରଣ ମହାନ୍ତ । ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିବା ଭାରପ୍ରାପ୍ତ ଥାନାଧିକାରୀ ମାନସ ମହାକୁଳ ସୂଚନା ଦେଇଛନ୍ତି ।

## ଫକୀରପୁର ନଦୀପଠାରୁ ବାଲି ଚୋରାଚାଲାଣ



ଆନନ୍ଦପୁର, ୨୨।୫(ସମିସ): ଆନନ୍ଦପୁର ପୌରାଞ୍ଚଳର ଫକୀରପୁରଠାରେ ବୈତରଣୀ ନଦୀ ପଠାରୁ ରାତିତମାମ ବେଧଡକ ବାଲି ଟ୍ରାକ୍ଟର ଯୋଗେ ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ପ୍ରଶାସନର ନିରବତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ସୂଚନା ଅନୁଯାୟୀ, ବୈତରଣୀ ନଦୀର ଫକୀରପୁରର ବିଭିନ୍ନ ଘାଟର ନଦୀପଠାରୁ ବାଲି ଉତ୍ତୋଳନ କରି ନଦୀବନ୍ଧ କଡରେ ଗଚ୍ଛିତ ରଖୁଛନ୍ତି । ପରେ ନିଜ ସୁବିଧାରେ ମଧ୍ୟରାତ୍ରରେ ଏହି ବାଲିକୁ ଟ୍ରାକ୍ଟର ଯୋଗେ ଚାଲାଣ କରୁଛନ୍ତି । ଏହି ପ୍ରକ୍ରିୟା ବର୍ଷ ବର୍ଷ ଧରି ଚାଲି ଆସୁଥିବା ବେଳେ ଖଣି ବିଭାଗ କିମ୍ବା ସ୍ଥାନୀୟ ପୁଲିସ ସକ୍ରିୟ ନଥିବାରୁ ଏହା ମାଫିଆଙ୍କୁ ସୁହାଉଛି । ସମ୍ପୃକ୍ତ ବାଲି ଚୋରା ଚାଲାଣ ଘଟଣା ବିଷୟରେ ଖଣି ଅଧିକାରୀ ତାରିଣୀ ସିଂଙ୍କୁ ପଚାରିବାରୁ ସେ ଅବଗତ ନଥିବା ପ୍ରକାଶ କରିଛନ୍ତି । କିଛି ଦିନ ହେବ ଉପଖଣ୍ଡର ବିଭିନ୍ନ ଚୋରା ବାଲି ଘାଟରେ ମାଫିଆଙ୍କ ଉପରେ ଆତଙ୍କିତ ଚଢ଼଼ଉ ସେମାନଙ୍କ ଭିତରେ କୋକୁଆ ଭୟ ସୃଷ୍ଟି କରିଥିବା ବେଳେ ଫକୀରପୁରଠାରେ ବାଲି କାରବାର ପ୍ରତି ପ୍ରଶାସନର ଏଭଳି ନିଷ୍କ୍ରିୟତାକୁ ନେଇ ସାଧାରଣରେ ବେଶ୍ ଚର୍ଚ୍ଚା ହେଉଛି ।

## ବିଜେଡି ପକ୍ଷରୁ ନାରୀ ଅଧିକାର ଅଭିଯାନ

# ‘ଅପାରଗ ସରକାର’ ଉପରେ ବର୍ଷିଲେ ବରିଷ୍ଠ ନେତାନେତ୍ରୀ

ହାଟଡ଼ିହୀ,୨୨।୫(ସମିସ)




ବିଜେପି ସରକାର ମହିଳାଙ୍କୁ ୩୩% ସଂରକ୍ଷଣ ଦେବାରେ ବିଫଳ, ନାରୀ ନିର୍ଯାତନାକୁ ନିୟନ୍ତ୍ରଣ କରିବାରେ ଅସମର୍ଥ । ଏଭଳି ଅଭିଯୋଗ ଆଣି ବିଜେଡି ପକ୍ଷରୁ ଏକ ପ୍ରତିବାଦ ସମାବେଶ ଏବଂ ନାରୀ ଅଧିକାରୀ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ହାଟଡ଼ିହୀ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀଙ୍କ ନେତୃତ୍ୱରେ ପ୍ରାୟ ୧୦ ହଜାର ମହିଳା ଏକ ବିଶାଳ ପଦଯାତ୍ରାରେ ସାମିଲ ହୋଇଥିଲେ । ଛେନାପଦିସ୍ଥିତ ବିଶ୍ୱତାରିଣୀ ମନ୍ଦିର ନିକଟରୁ ବାହାରି ହାଟଡ଼ିହୀ ବ୍ଲକ ନିକଟରେ ପହଞ୍ଚିଲା ପରେ। ଏକ ସଭାରେ ନାରୀନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, ଜିଲ୍ଲା ବିଜେଡ଼ି ମହିଳା ସଭାନେତ୍ରୀ କମଳିନୀ ପାତ୍ର, ବରିଷ୍ଠ ନେତ୍ରୀ ମୀନା ମାଝୀ, ଆନନ୍ଦପୁର ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, ଆନନ୍ଦପୁର ବ୍ଲକ ଅଧ୍ୟକ୍ଷା ଅଞ୍ଜନା ବାରିକ, ଜିଲ୍ଲାପରିଷଦ ସଭ୍ୟା କୌଶଲ୍ୟା ସେଠୀ, ସୁକାନ୍ତି ଜେନା, ସରପଞ୍ଚ ମନୀଷା ରାଣୀ ସା, ସସ୍ମିତା ମହାପାତ୍ର, ମହିଳା ଗୋଷ୍ଠୀ ସଂଯୋଜିକା ସାବିତ୍ରୀ ସା, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପୂର୍ବତନ ଆନନ୍ଦପୁର ବିଧାୟକ ମାୟାଧର ଜେନା, ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ଜିଲ୍ଲା ବିଜେଡ଼ି ସଭାପତି ଆଶିଷ ଚକ୍ରବର୍ତ୍ତୀ, ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ରାକେଶ ରାମ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ପୂର୍ବତନ ଜିଲ୍ଲା ବିଜେଡ଼ି ସଭାପତି ବିମ୍ବାଧର ବିଶ୍ୱାଳ, ଜିଲ୍ଲା ଛାତ୍ର ବିଜେଡ଼ି ସଭାପତି ଅମରେନ୍ଦ୍ର ଧଳ, ଯୁବ ବିଜେଡ଼ି ଜିଲ୍ଲା ସମ୍ପାଦକ ଦୀପ୍ତିରଞ୍ଜନ ଦାସ, ଜିଲ୍ଲା ବିଜେଡ଼ି ସମ୍ପାଦକ ବୀରେନ୍ଦ୍ର ବିଶ୍ୱାଳ, ଗୌରାଙ୍ଗ ରଣା, ବରିଷ୍ଠ ବିଜେଡ଼ି ନେତା ଗୋପାଳ ନାୟକ, ମାର୍କଣ୍ଡ ଓଝା, ଯୁବ ବିଜେଡ଼ି ନେତା ଦେବପ୍ରିୟ ପାତ୍ର, ଚିନ୍ମୟ ନାୟକଙ୍କ ସମେତ ବିମଳ ଜେନା, ସରପଞ୍ଚ ଅଜିତ ରାଉତ, ଜଗବନ୍ଧୁ କାଣ୍ଡି, ବ୍ଲକ ବିଜେଡ଼ି ସଭାପତି ସୁରେନ୍ଦ୍ର ଜେନା, ଆନନ୍ଦପୁର ବ୍ଲକ ସଭାପତି ରାମଚନ୍ଦ୍ର ପଲେଇ, ମହିଳା ପ୍ରଭାରୀ କାମପାଳ ନାୟକ, ବିଶ୍ୱନାଥ ନାୟକ, ରୁଦ୍ରନାରାୟଣ ଜେନା ପ୍ରମୁଖ ସାମିଲ ଥିଲେ । ବିଜେପି ସରକାର ରାଜ୍ୟରେ ଆଇନଶୃଙ୍ଖଳା ନିୟନ୍ତ୍ରଣ କରିବା ଦିଗରେ ଅପରାଗ ବୋଲି ନେତୃବୃନ୍ଦ ବର୍ଷିଥିଲେ । ବିଜେପି ସରକାର ଏଥିପ୍ରତି ତୁରନ୍ତ ଗୁରୁତ୍ୱ ନଦେଲେ ଆଗାମୀ ଦିନରେ ବିକ୍ଷୋଭ ତୀବ୍ରତର ହେବ ବୋଲି ନାରୀନେତ୍ରୀ ଲେଖାଶ୍ରୀ କଡ଼ା ଚେତାବନୀ ଦେଇଛନ୍ତି । ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ମହିଳାଙ୍କ ଉପସ୍ଥିତି ପାଇଁ ଧନ୍ୟବାଦ ଦେଇଥିଲେ । ନାରୀମାନଙ୍କ ପ୍ରତି ବିଜେପି ସରକାରର ବୈମାତୃକ ମନୋଭାବକୁ ନେଇ ହାଟଡ଼ିହୀ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ ଅସନ୍ତୋଷ ବ୍ୟକ୍ତ କରିଥିଲେ । ସୁଭଦ୍ରା ଯୋଜନା ସହ ହାଣ୍ଡିଶାଳ କଷ୍ଟକୁ ନେଇ ନାରୀମାନେ ନାନାଦି ପ୍ରକାରର ନିର୍ଯାତିତ ହେଉଥିବା ନେଇ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ ଅସନ୍ତୋଷ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ପ୍ରାୟ ୧୫ ହଜାର ମହିଳା ଓ ପୁରୁଷ ସାମିଲ ହୋଇଥିଲେ । ଶତ୍ରୁଘ୍ନ ପାତ୍ର, ନରହରି ପାତ୍ର, ବିକ୍ରମ ବିଶ୍ୱାଳ, ପ୍ରଭାତ ବିଶ୍ୱାଳ, ଅଜୟ ସା, ଉଦୟନାଥ ସା, ବିଶ୍ୱନାଥ ଖଟୁଆ, ଜୀବନ ଜେନା, ନିରଞ୍ଜନ ମହାପାତ୍ର, ସୁଶାନ୍ତ ମହାପାତ୍ର, ବସନ୍ତ ପଡ଼ିଆରୀ, ଅତୁଲ ବେହେରା, ପ୍ରଶାନ୍ତ ନାୟକ, ସୁଧାଂଶୁ ନାୟକ, ସ୍ନେହାଂଶୁ ନାୟକ ତ୍ରୈଲୋକ୍ୟ ସାହୁ, ଅଭିଜିତ ସେନାପତି, ଦିଲ୍ଲୀପ ମଲ୍ଲିକ, ରବିନ୍ଦ୍ର ପାଢ଼ୀ, ମନୋରଞ୍ଜନ ପଣ୍ଡା, ଅରୂପ ସା, ନିର୍ମଳ ସେଠୀ ପ୍ରମୁଖ ପରିଚାଳନା କରିଥିଲେ ।

## ବିପୁଳ ପରିମାଣରେ ଗଚ୍ଛିତ ବାଲି ଓ ଜେସିବି ଜବତ

ଉଦଳା, ୨୨।୫(ସମିସ): ଉଦଳା ଅଞ୍ଚଳରେ ଦିନକୁ ଦିନ ବେଆଇନ ବାଲି ଚୋରା ଚାଲାଣ ବଢ଼ିବାରେ ଲାଗିଛି। ବେଆଇନ ଭାବେ ଲଘୁ ଖଣିଜ ପଦାର୍ଥ ଉତ୍ତୋଳନ କରାଯାଉଥିବାବେଳେ ଖବର ପାଇ ଘଟଣାସ୍ଥଳରେ ଖଣି ବିଭାଗ, ତହସିଲ, ପୁଲିସ ପକ୍ଷରୁ ମିଳିତ ଚଢ଼ଉ କରାଯାଇଥିଲା। ଚଢ଼ଉ ସମୟରେ ଟ୍ରାକ୍ଟର ଖସି ଯାଇଥିବାବେଳେ ଜେସିବି ଓ ଗଚ୍ଛିତ ଥିବା ବାଲି ଜବତ କରାଯାଇଛି। ଆଶ୍ଚର୍ଯ୍ୟର କଥା ଚଢ଼ଉ ସମୟରେ ବାଲି ମାଫିଆ କାଗଜପତ୍ର ଦେବେ ବୋଲି କହି ୫ ଘଣ୍ଟା ବିତାଇ ଦେଇଥିଲେ ଓ ମାଫିଆଙ୍କ କଥାକୁ ଭରସା କରି କାଗଜପତ୍ର ଅପେକ୍ଷାରେ ସେଠାରେ ପ୍ରଶାସନ ଜଗି ବସିଥିଲା। ଶେଷରେ ଜେସିବି ଓ ଗଚ୍ଛିତ ବାଲିକୁ ଜବତ କରାଯାଇଥିବା ଜଣାପଡ଼ିଛି।

### ରାଜ୍ୟ ସରକାରଙ୍କ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଘୋଷଣା ହେଉନି କାର୍ଯ୍ୟକାରୀ

# ତାତିକୁ ତାଳ ଦେଇ ବୃଦ୍ଧି ପାଉଛି ଅଘୋଷିତ ବିଦ୍ୟୁତ୍ କାଟ୍

■ ବୟାନବାଜିରେ ସୀମିତ ନିରବଚ୍ଛିନ୍ନ ବିଦ୍ୟୁତ ସେବା
■ ଅସହ୍ୟ ଗୁଳୁଗୁଳିରେ ଅତିଷ୍ଠ କରୁଛି ଅଘୋଷିତ ବିଦ୍ୟୁତ କାଟ୍

ରାଇରଙ୍ଗପୁର, ୨୨।୫(ସମିସ): ରୌଦ୍ରତାପର ମାତ୍ରା ବୃଦ୍ଧି ପାଇବା ସହ ତାହାକୁ ତାଳ ଦେଇ ଅଘୋଷିତ ବିଦ୍ୟୁତ୍ କାଟ୍ ମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଯାହାକି ରାଇରଙ୍ଗପୁର ସହର ସମେତ ବାମନଘାଟି ଉପଖଣ୍ଡର ଅନେକ ସ୍ଥାନରେ ପରିଲକ୍ଷିତ ହୋଇଛି। ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳିରେ ସାଧାରଣ ଜନଜୀବନ ତତଲା କରେଇରେ ଭାଜି ହେଉଛନ୍ତି। ଆଗକୁ ତାପମାତ୍ରା ବୃଦ୍ଧି ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଏ ସମୟରେ ଅଘୋଷିତ ବିଦ୍ୟୁତ କାଟ ଆହୁରି ଅତିଷ୍ଠ କରୁଛି। ଗ୍ରୀଷ୍ମ ପ୍ରବାହ ପୂର୍ବରୁ ଚଳିତ ବର୍ଷ ବିଜୁଳି କାଟ ହେବ ନାହିଁ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। ବିଦ୍ୟୁତ କାଟ ହେଲେ ଗିରଫ କରାଯିବ ବୋଲି କୁହାଯାଇଥିଲା। ତାହା ଏବେ କେବଳ ବୟାନ ବାଜିରେ ସୀମିତ ହୋଇ ରହିଯାଇଛି। ଲୋକେ ଗରମ ଝାଞ୍ଜିରେ ଲୋ-ଭୋଲଟେଜ ସହ ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ଅତିଷ୍ଠ ହେଉଛନ୍ତି। ଯାହାକୁ ନେଇ ରାଜ୍ୟ ସରକାରଙ୍କୁ ସିଧାସଳଖ ଦାୟୀ କରିଛନ୍ତି।

ଗ୍ରୀଷ୍ମ ପ୍ରବାହ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା ପାଇଁ ବିଦ୍ୟୁତ ବିତରଣ ସଂସ୍ଥା ପକ୍ଷରୁ ବିଦ୍ୟୁତ କାଟ କରି ମରାମତି କରାଯାଇଥିଲା। ଏହାପରେ ମଧ ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଲୋକେ ଛଟପଟ ହେଉଛନ୍ତି। ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ବିଜୁଳି ବିତରଣ କମ୍ପାନୀ ପାଇଁ ସାଧାରଣ ଉପଭୋକ୍ତା ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି। ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ସାମାନ୍ୟ ବର୍ଷା, ପବନରେ ମଧ ମନଇଚ୍ଛା ବିଦ୍ୟୁତ କାଟ କରାଯାଉଛି। ଘଣ୍ଟା ଘଣ୍ଟା ବିତିଯାଉଥିଲେ ସୁଦ୍ଧା ବିଦ୍ୟୁତ ସଂଯୋଗ ହେଉ ନ ଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଖରାରେ ଲୋକେ ହନ୍ତସନ୍ତ ହେଉଛନ୍ତି। ବିଜୁଳି କାଟ୍ ପ୍ରତିବାଦରେ ସ୍ୱର ଉତ୍ତୋଳନ କଲେ ବି କୋଣସି ଜବାବ୍ ମିଳୁନାହିଁ। ନିରବଚ୍ଛିନ୍ନ ବିଦ୍ୟୁତ ସେବା ପାଇଁ ରାଜ୍ୟ ସରକାର ଭିତ୍ତିଭୂମିର ବିକାଶ ନ କରିବାରୁ ଲୋକେ ଧନ୍ଦୀ ହେଉଛନ୍ତି। ଫଳରେ ଆଜି ଏଭଳି ସମସ୍ୟା ଉପୁଜୁଥିବା କହିଛନ୍ତି। ସରକାର ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବାର ପ୍ରତିଶ୍ରୁତି ଦେଇଥିବାବେଳେ ବିଭାଗ ତାହାକୁ ତିଳେ ହେଲେ ଭ୍ରୂକ୍ଷେପ କରୁନାହିଁ। ଅଧିକାଂଶ ସମୟରେ ସନ୍ଧ୍ୟା କିମ୍ବା ରାତିରେ ବାରମ୍ବାର ବିଦ୍ୟୁତ କାଟ ହେଉଛି। ତେବେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ରାଜ୍ୟ ସରକାର ଦେବାକୁ ସାଧାରଣରେ ଦାବି ହୋଇଛି।

## ଆନ୍ତଃରାଜ୍ୟ ଗୋତସ୍କର ଗ୍ୟାଙ୍ଗ ଗିରଫ; ୫୮ ଗୋରୁ ଉଦ୍ଧାର



ରାଇରଙ୍ଗପୁର, ୨୨।୫(ସମିସ): ବାରମ୍ବାର ଚଢ଼ଉ ହେଉଥିଲେ ହେଁ ଗୋତସ୍କରୀ ମାତ୍ରା ଥମିବା ବଦଳରେ ବଢ଼ିବାରେ ଲାଗିଛି। ପୁଣି ଗୋଚାଲାଣ ବେଳେ ଆନ୍ତଃରାଜ୍ୟ ଗୋତସ୍କର ଗ୍ୟାଙ୍ଗ ଗିରଫ ହୋଇଛନ୍ତି। ଗୋ ଚାଲାଣ ସମୟରେ ୫୮ଟି ଗୋରୁ ଉଦ୍ଧାର ହୋଇଥିବାବେଳେ ୩ ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ବହଳଦା ଥାନା ଅନ୍ତର୍ଗତ ବଡ଼ଦୁନ୍ଦୁ ଗ୍ରାମର ଏମଡି ଗୁଫରାନ, ସେକ ଇରଫାନ ଓ ଏମଡି ସୋହେଲ। ଜାମଦା ଥାନା ପୁଲିସ ପକ୍ଷରୁ ପାଟ୍ରୋଲିଂ ଜାରି ରହିଥିବାବେଳେ ବେଆଇନ ଗୋ ଚାଲାଣ ନେଇ ବିଶ୍ୱସ୍ତସୂତ୍ରରୁ ଖବର ମିଳିଥିଲା। କେତେକ ଗାଡ଼ିରେ ଝାଡ଼ଖଣ୍ଡକୁ ଗୋଚାଲାଣ ବେଳେ ଜାମଦା ଥାନା ଅନ୍ତର୍ଗତ ତାଳଗାଁ ନିକଟରେ ନାକା କରି ଗାଡ଼ି ଯାଞ୍ଚ କରାଯାଇଥିଲେ। ତସ୍କରମାନେ ପୁଲିସକୁ ଚକ୍‌ମା ଦେଇ ଚମ୍ପଟ ମାରିଥିଲେ। ପୁଲିସ ପିଛା କରି ଗାଡ଼ି ଅଟକାଇ ଥିଲେ। ଉକ୍ତ ଗାଡ଼ିରେ ଗୋରୁଗୁଡ଼ିକୁ ଅତି ଅମାନବୀୟ ଭାବେ ବାନ୍ଧି ଚାଲାଣ କରୁଥିଲେ। ବେଆଇନ୍ ଚାଲାଣ ବେଳେ ୫୮ ଟି ଗୋରୁ ଉଦ୍ଧାର କରିଛନ୍ତି। ବିଭିନ୍ନ ସ୍ଥାନରୁ ଗୋରୁ ଚୋରି କରି ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ରାଜ୍ୟକୁ ଚାଲାଣ କରୁଥିବା ଜଣାପଡ଼ିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ସଦସ୍ୟ ଓ ମାଷ୍ଟର ମାଇଣ୍ଡକୁ ଗିରଫ କରିବାକୁ ପ୍ରୟାସ ଜାରି ରହିଛି। ଏ ନେଇ ଜାମଦା ଥାନାରେ ମାମଲା ରୁଜୁ କରାଯାଇ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଉଦ୍ଧାର ହୋଇଥିବା ଗୋରୁଗୁଡ଼ିକୁ ଗୋଶାଳା ପଠାଯାଇଛି।

## ବ୍ଲକ୍ ପରିସରରେ ଅସ୍ଥାୟୀ ଭାବେ ଖୋଲିବ ଜେଏମ୍ଏଫ୍ସି କୋର୍ଟ

● ଘର ଯୋଗାଇ ଦେବେ ବିଡିଓ



ବଡ଼ସାହି, ୨୨।୫ (ସମିସ): ବଡ଼ସାହି ବ୍ଲକରେ ଜେଏମଏଫସି କୋର୍ଟ ଖୋଲିବା ନିମନ୍ତେ ୨୦୨୩ରୁ ସରକାରୀ ଘୋଷଣା ହୋଇଥିଲା। ଅଦ୍ୟାବଧି ଏ ଦିଗରେ ପ୍ରଶାସନିକ କିମ୍ବା ରାଜନୈତିକ ତତ୍ପରତା ପ୍ରକାଶ ନ ପାଇବାରୁ ବଡ଼ସାହି ପ୍ରେସ କ୍ଲବ୍ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ସ୍ଥାୟୀ କୋର୍ଟ କାର୍ଯ୍ୟାଳୟ ଖୋଲିବା ପୂର୍ବରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ଅସ୍ଥାୟୀ ଭାବେ ଖୋଲାଯିବା ଦାବିକୁ ହୃଦୟଙ୍ଗମ କରି ୧ ମାସ ମଧ୍ୟରେ କୋର୍ଟ ଖୋଲାଯିବାକୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ପ୍ରେସ କ୍ଲବ୍‌ର ସମସ୍ତ ସଦସ୍ୟ ବ୍ଲକ ଉପାଧ୍ୟକ୍ଷ କାଞ୍ଚନ କୁମାର ପ୍ରଧାନଙ୍କ ନେତୃତ୍ୱରେ ବଡ଼ସାହି ବିଡିଓ ବନଜା ଦାସଙ୍କୁ ସାକ୍ଷାତ କରି ଘର ଯୋଗାଇବା ପାଇଁ ଅନୁରୋଧ କରିଥିଲେ। ବିଡିଓ ଏହାକୁ ସମ୍ମାନ ଜଣାଇ ସହକାରୀ ନିର୍ବାହୀ ଯନ୍ତ୍ରୀ ଦଶରଥ ମହାନ୍ତଙ୍କୁ ସଙ୍ଗରେ ନେଇ ବ୍ୟବହାର ଉପଯୋଗୀ କୋଠରୀ ଦେଖି ଖୁବ୍‌ଶୀଘ୍ର ଏହାର ମରାମତି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ନୂତନ କରି ନିର୍ମାଣ ଚାଲୁଥିବା ଏକ କ୍ୱାଟର ମଧ ବିଚାରପତିଙ୍କ ନିମନ୍ତେ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏ ଅବସରରେ ବରିଷ୍ଠ ସାମ୍ବାଦିକ ଅମୀୟ କୁମାର ବଳ, ନିହାର ରଞ୍ଜନ ମହାପାତ୍ର, ଅଜିତ କୁମାର ସେନାପତି, ନିରଞ୍ଜନ ମହାନ୍ତ, ଦୀପକ କୁମାର ବୁଗୁଡେଇ ପ୍ରମୁଖ ଉପସ୍ଥିତ ଥିଲେ।

## ଭଞ୍ଜଦୂତ ପ୍ରତିଷ୍ଠାତା ବିତନୁ ନାୟକଙ୍କ ଜୟନ୍ତୀ

ବାରିପଦା, ୨୨।୫(ସମିସ):ଭଞ୍ଜଦୂତ ସମ୍ବାଦପତ୍ରର ପ୍ରତିଷ୍ଠାତା ତଥା ଏକଦା ମୟୂରଭଞ୍ଜର ସ୍ୱାଭିମାନ ରକ୍ଷା ପାଇଁ ଲଢୁଥିବା ବ୍ୟକ୍ତିତ୍ୱ ସ୍ୱର୍ଗତ ବିତନୁ ନାୟକଙ୍କ ୫୦ତମ ଜୟନ୍ତୀ ବିତନୁ ସ୍ମୃତି ନ୍ୟାସ ପକ୍ଷରୁ ମୟୂରଭଞ୍ଜ ସାହିତ୍ୟ ପରିଷଦ ସଭାଗୃହରେ ପାଳିତ ହୋଇଯାଇଛି। ପରିଷଦର ଉପସଭାପତି କାବେରୀ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବରିଷ୍ଠ କବୟିତ୍ରୀ ବିରଜା ଦେବୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିତନୁ ନାୟକଙ୍କ ଆଦର୍ଶ ଦ୍ୱାରା ଆଜିର ଯୁବ ସମାଜ ଅନୁପ୍ରାଣିତ ହୁଅନ୍ତୁ ବୋଲି ମତ ରଖିଥିଲେ। ପ୍ରାରମ୍ଭରେ ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ସ୍ୱାଗତ ଭାଷଣ ପରେ ସ୍ୱର୍ଗତ ବିତନୁ ନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଓଡ଼ିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ଶରତ ନାୟକ ମୁଖ୍ୟବକ୍ତା, ଯୁବକବି ଶିଉଲାଲ ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ବିତନୁଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। ପ୍ରତିଶ୍ରୁତିର ସମ୍ପାଦକ ଭାଗବତ ପଣ୍ଡା, ମୟୂରଭଞ୍ଜ ସାହିତ୍ୟ ପରିଷଦର ସମ୍ପାଦକ ଇଂ ମନୋଜ ଦଳବେହେରା, ଭଞ୍ଜଦୂତ ସମ୍ବାଦପତ୍ରର ପ୍ରକାଶକ ତଥା ବିତନୁଙ୍କ ମାତା ହାରାମଣି ଦଳେଇ, ନବମ ଶ୍ରେଣୀର ବାଳକ ସୁତନୁ ନାୟକ ମାଆ, ମାଟି ଓ କର୍ତ୍ତବ୍ୟ କ୍ଷେତ୍ରରେ ସ୍ୱର୍ଗତ ବିତନୁଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। କବି ଗୋପାଳ ସାଓଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠ କାର୍ଯ୍ୟକ୍ରମରେ ଡ. ସଞ୍ଜୀବ ପାଣିଗ୍ରାହୀ, ଗୋପାଳ ସାଓ, ହାରାମଣି ଦଳେଇ, ମିନତୀ ଦାଶ, ଜୟରାମ ସିଂ, ଦ୍ୱିଜକିଶୋର ପରିଡ଼ା ପ୍ରମୁଖ କବିତା ପାଠ କରିଥିଲେ। ଶେଷରେ ବିତନୁ ନାୟକଙ୍କ ସ୍ମୃତିରେ ଏକ ସ୍ମରଣିକା ଲୋକାର୍ପିତ ହୋଇଥିଲା।

## ଡନ୍ ବସ୍କୋ ଟେକ୍‌ରେ ହାଉସକିପିଂ ଆସିଷ୍ଟାଣ୍ଟ ପ୍ରଥମ ବ୍ୟାଚ୍ ଆରମ୍ଭ

ମହୁଲଡିହା, ୨୨।୫(ସମିସ): ଡନ୍ ବସ୍କୋ ଟେକ୍ ଠାକୁରମୁଣ୍ଡାରେ ହାଉସକିପିଂ ଆସିଷ୍ଟାଣ୍ଟ ପ୍ରଥମ ବ୍ୟାଚ୍ ଆରମ୍ଭ ହୋଇଛି। ସମାଜସେବୀ ରାଧାଶ୍ୟାମ ମହାନ୍ତ ଯୋଗଦେଇ କୌଶଳ ବିକାଶ ହିଁ ରୋଜଗାରର ଦ୍ୱାର ଉନ୍ମୁକ୍ତ କରେ ବୋଲି କହିଥିଲେ। ସାମର୍ଥ୍ୟ ବିକାଶ ସବୁ ତାଲିମର ଉଦ୍ଦେଶ୍ୟ। ଡନ ବସ୍କୋ ଟେକ ସୋସାଇଟି ନିରବଚ୍ଛିନ୍ନ ଭାବେ ଯୁବଶକ୍ତିଙ୍କୁ ତାଲିମ ଓ ନିଯୁକ୍ତି ସୁଯୋଗ ଯୋଗାଇ ଆସୁଛି। ସେଥିପାଇଁ ସେ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ଏ ଅବସରରେ ଅନୁଷ୍ଠାନର ତାଲିମଦାତା ଅଭିମନ୍ୟୁ ବେହେରା, ଗୋଲାପ ବେହେରା ଓ ଡୋମେନ୍ ଟ୍ରେନର ସତ୍ୟଜିତ ଦାସ ଉପସ୍ଥିତ ଥିଲେ। ଅତିଥିମାନେ ହାଉସକିପିଂ କ୍ଷେତ୍ରର ଗୁରୁତ୍ୱ, ଶୃଙ୍ଖଳା, ସୁରକ୍ଷା ଓ ରୋଜଗାର ସୁଯୋଗ ସମ୍ପର୍କରେ ପ୍ରଶିକ୍ଷାର୍ଥୀଙ୍କୁ ଅବଗତ କରାଇଥିଲେ।

## ରାଜୀବ ଗାନ୍ଧୀଙ୍କ ପୁଣ୍ୟତିଥି ପାଳିତ

ରାଇରଙ୍ଗପୁର, ୨୨।୫(ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପୁଣ୍ୟତିଥି ପଶ୍ଚିମ ମୟୂରଭଞ୍ଜ ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ରାଇରଙ୍ଗପୁରସ୍ଥ କାର୍ଯ୍ୟାଳୟରେ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ରାଜୀବ ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କର ସ୍ମୃତିଚାରଣ କରିଥିଲେ। ଜଣେ ଦୂରଦର୍ଶୀ ଜନନେତା ଭାବେ ରାଜୀବ ଗାନ୍ଧୀଙ୍କ ନୀତି ଆଜି ବି ଭାରତକୁ ବିକାଶ ପଥରେ ଆଗେଇ ନେଉଛି। ୧୮ ବର୍ଷ ବୟସରେ ଜନତାଙ୍କୁ ଭୋଟ ଅଧିକାର ପ୍ରଦାନ, ଭାରତକୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଅଗ୍ରଣୀ କରିବା, ପଞ୍ଚାୟତିରାଜ ବ୍ୟବସ୍ଥାରେ ସଂସ୍କାର ଆଦି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି ମତ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ଜିଲ୍ଲା କାର୍ଯ୍ୟାଳୟ ସମ୍ପାଦକ ରୂପକ ମହାନ୍ତି, କୃଷକ ମୋର୍ଚ୍ଚା ସଭାପତି କିଶୋର ମହାନ୍ତ, ଟାଉନ ସଭାପତି ଅମର ପ୍ରଧାନ ଦାଉ ହେମ୍ବ୍ରମ, କୋଷାଧ୍ୟକ୍ଷ କୌଶିକ ମହାନ୍ତିଙ୍କ ସମେତ ଅନ୍ୟ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### କନିଷ୍ଠ ଯନ୍ତ୍ରୀଙ୍କୁ ଆକ୍ରମଣ ଘଟଣା

## ରାସଗୋବିନ୍ଦପୁର ବ୍ଲକ୍‌ରେ କଲମ ଛାଡ଼ ଆନ୍ଦୋଳନ

ରାସଗୋବିନ୍ଦପୁର, ୨୨।୫(ସମିସ): ଖୁଣ୍ଟାପାଳ ପଞ୍ଚାୟତରେ ଚାଲିଥିବା ଏକ କଂକ୍ରିଟ ରାସ୍ତା କାର୍ଯ୍ୟକୁ ନେଇ କନିଷ୍ଠ ଯନ୍ତ୍ରୀଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ କରାଯାଇଥିବା ଅଭିଯୋଗ ଉଠିଛି। ଏହି ଘଟଣାକୁ ନିନ୍ଦା କରି ରାସଗୋବିନ୍ଦପୁର ବ୍ଲକରେ କାର୍ଯ୍ୟରତ ସମସ୍ତ ଯନ୍ତ୍ରୀ କଲମ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିବା ଜଣାପଡ଼ିଛି। ଖୁଣ୍ଟାପାଳ ପଞ୍ଚାୟତ ପକ୍ଷରୁ ପ୍ରାୟ ୧ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ଏକ କଂକ୍ରିଟ ରାସ୍ତା କାର୍ଯ୍ୟ ଚାଲିଥିଲା। କାମ ସମୟରେ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ନିୟମ ଉଲ୍ଲଂଘନ କରି ଠିକା କାମ ହେଉଥିବା ସହିତ ନିର୍ଦ୍ଧାରିତ ୪ ଇଞ୍ଚ ପରିବର୍ତ୍ତେ ୨ ଇଞ୍ଚ କଂକ୍ରିଟ ଢଳେଇ କରାଯାଉଥିବା ନେଇ ଅଭିଯୋଗ ଆସିଥିଲା। ଏ ଖବର ପାଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ପବିତ୍ର କୁମାର ସ୍ୱାଇଁ ପହଞ୍ଚି କାମ ଯାଞ୍ଚ କରିଥିଲେ। ନିୟମବହିର୍ଭୁତ କାର୍ଯ୍ୟକୁ ବନ୍ଦ କରିବାକୁ କହିବାରୁ ସେଠାରେ ଉପସ୍ଥିତ ଠିକାଦାର ସୋମରେଶ ଗିରି ଓ ତାଙ୍କ ସହଯୋଗୀ ଅକ୍ଷୟ ଦେ କନିଷ୍ଠ ଯନ୍ତ୍ରୀଙ୍କୁ ଦୁର୍ବ୍ୟବହାର କରିବା ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଘଟଣା ପରେ କନିଷ୍ଠ ଯନ୍ତ୍ରୀ ଶ୍ରୀ ସ୍ୱାଇଁ ରାସଗୋବିନ୍ଦପୁର ବିଡିଓ ଅନନ୍ତ ହାଁସଦାଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସ୍ଥାନୀୟ ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ଲିଖିତ ଅଭିଯୋଗ ଦାଖଲ କରିଥିବା ଜଣାପଡ଼ିଛି। ଏହି ଘଟଣାକୁ ନିନ୍ଦା କରି ରାସଗୋବିନ୍ଦପୁର ବ୍ଲକରେ କାର୍ଯ୍ୟରତ ସମସ୍ତ ଯନ୍ତ୍ରୀ କାର୍ଯ୍ୟ ବନ୍ଦ କରିବା ସହ କଲମ ଛାଡ଼ ଆନ୍ଦୋଳନ ଆରମ୍ଭ କରିଥିଲେ। ଯନ୍ତ୍ରୀମାନେ ଅଭିଯୁକ୍ତଙ୍କ ବିରୋଧରେ ଶୀଘ୍ର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅଭିଯୁକ୍ତମାନେ ଶାସକ ଦଳର ସମର୍ଥକ ହୋଇଥିବାରୁ ପ୍ରଶାସନ ନିରବ ରହିଥିବା ଅଭିଯୋଗ ହେଉଛି।

## କମ୍ପାନୀର ମାଟି ଡମ୍ପ୍‌କୁ ଗ୍ରାମବାସୀଙ୍କ ବିରୋଧ

ଗୋରୁମହିଷାଣୀ, ୨୨।୫(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଅବସ୍ଥିତ ଗୋରୁମହିଷାଣୀ ଲୌହ ଖଣିରେ ମାଟି ଡମ୍ପ୍‌କୁ ନେଇ ଗ୍ରାମବାସୀ ଓ ମେସସ୍ ଘନଶ୍ୟାମ ମିଶ୍ର ଏଣ୍ଡ ସନ୍ସ ପ୍ରାଇଭେଟ୍ ଲିମିଟେଡ ମଧ୍ୟରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଗତକାଲି ନୋଧବଣୀ ଗ୍ରାମର ଶତାଧିକ ଗ୍ରାମବାସୀ ଗୋରୁମହିଷାଣୀ ଲୌହ ଖଣି ପାହାଡ କାଦପାଣିକୁ ଆସି କମ୍ପାନୀ ଲୌହ ପଥର ଉତ୍ତୋଳନ କରୁଥିବା ସମସ୍ତ ଗାଡ଼ି ଓ ମେସିନ୍‌କୁ ବନ୍ଦ କରିଥିଲେ। ମାଟି ଡମ୍ପିଂକୁ ନେଇ ଗ୍ରାମବାସୀଙ୍କ ବାରମ୍ବାର ବିରୋଧ ସତ୍ତ୍ୱେ କମ୍ପାନୀ ମନଇଚ୍ଛା ମାଟି ଡମ୍ପିଂ କରୁଛି। ଫଳରେ ତଳିଆ ଅଞ୍ଚଳରେ ଥିବା ଭେସ୍ରାକାଚ, ବେତପାଣି, ଗଣେଶଡାହି, ନୋଧବଣୀ,



କୁଲୁସାହି, ନୂଆଁଡିହି ଆଦି ଗ୍ରାମରେ ସମସ୍ୟା ସୃଷ୍ଟି କରୁଛି। କମ୍ପାନୀ ସେଫ୍ଟି ୱାଲ୍ ନ କରି କେବଳ ପଥର ପିଚିଂ କରି ଛାଡ଼ି ଦେଉଛି। ଏହା ମାଟି ଅତଡ଼ାକୁ ସୁରକ୍ଷା ଦେଇପାରୁନାହିଁ। ବର୍ଷାଦିନେ ମାଟି ନାଳରେ ବୋହି ଆସି ଚାଷଜମିରେ ବାଲି ଓ ନାଳରେ ନାଲି ପାଣି ଆସୁଛି। ତେଲ, ମୋବିଲ ପାଣିରେ ଭାସି ଆସି ଚାଷ ଜମିରେ ପଶୁଛି। ଫଳରେ ଧାନ ଉତ୍ପାଦନରେ ବାଧା ସୃଷ୍ଟି ହେଉଛି। ଏମିତି ସମସ୍ୟା ଖଣିରେ ଲାଗି ରହୁଛି। ଖଣି ତଳି ଅଞ୍ଚଳ କଟୁପିଟ, ବାଲିଖଣି, ହିକେଇସାହି, ଶୁଣ୍ଡଲ, ସାନମୌଦା ଗ୍ରାମର ଲୋକ ମଧ ଅନେକ ସମୟରେ ପାହାଡ ଉପରକୁ ଯାଇ କମ୍ପାନୀ କାମ ବନ୍ଦ କରନ୍ତି। କମ୍ପାନୀ ମାଇନିଂ ପ୍ଲାନିଂ ଅନୁଯାୟୀ କାମ ନ କରି ନିଜ ସୁବିଧା ଅନୁଯାୟୀ ଖଣି ଖନନ କରୁଥିବାରୁ ଚିରସ୍ରୋତା ଝରଣା ଶୁଷ୍କ ହୋଇଯାଇଛି। ଏହାକୁ ନୋଧବଣୀ ଗ୍ରାମର ଲୋକେ ବିରୋଧ କରିଥିଲେ। ଗୋରୁମହିଷାଣୀ ଥାନା ଅଧିକାରୀ ଜଗନ୍ନାଥ ମୁଣ୍ଡା ଏଏସଆଇ ବିକାଶ ନାୟକଙ୍କୁ ଘଟଣାସ୍ଥଳକୁ ପଠାଇ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ପରେ କମ୍ପାନୀ ପ୍ରବନ୍ଧକ ପହଞ୍ଚିଥିବାବେଳେ ଦୁଇଦିନ କାମ ବନ୍ଦ କରିବା ପ୍ରତିଶ୍ରୁତି ଦେବା ସହିତ ମାଲିକ ସହିତ କଥା ହୋଇ ମାଟି ଅନ୍ୟତ୍ର ପକାଇବାକୁ କହିଥିବାରୁ ଗ୍ରାମବାସି କମ୍ପାନୀ ଗାଡ଼ି ଛାଡ଼ିଥିଲେ।

## କୁଷ୍ଠ ରୋଗୀଙ୍କୁ ସହାୟତା

ରାଇରଙ୍ଗପୁର, ୨୨।୫(ସମିସ): ଇଣ୍ଡିଆନ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ଶାଖା ଓ ଲେପ୍ରା ମ୍ୟାନକାଇଣ୍ଡର ମିଳିତ ସହଯୋଗରେ ରାଇରଙ୍ଗପୁର ବ୍ଲକ ପରିସରର ୫ଟି ବ୍ଲକର କୁଷ୍ଠ ରୋଗୀଙ୍କୁ ଚପଲ ଜୋତା ଓ ସ୍ୱ-ପ୍ରାଥମିକ ଚିକିତ୍ସା ବାକ୍ସ ବଣ୍ଟନ କରାଯାଇଛି। ଓଡ଼ିଶା ରେଡ୍‌କ୍ରସ୍‌ର ଅବୈତନିକ ସଚିବ ଗଣେଶ ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଜୁନିୟର ରେଡ୍‌କ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣିଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନରଞ୍ଜନ ହେମ୍ବ୍ରମ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରାଇ ମାର୍ଣ୍ଡି, ସ୍ୱତନ୍ତ୍ର ଅତିଥି ଜୟ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ (ପୁନେ)ର ସଭାପତି ବିଜୟ ପାଣି, ଲଞ୍ଚ ଉଇଣ୍ଡୋଜ ଟ୍ରଷ୍ଟର ଅଧ୍ୟକ୍ଷ ତଥା ଯୁବ ସାମ୍ବାଦିକ ଦୀପକ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ମତବ୍ୟକ୍ତ କରିଥିଲେ। ଏଥିରେ ୫ଟି ବ୍ଲକ ରାଇରଙ୍ଗପୁର, କୁସୁମୀ, ବିଜାତଳା, ବହଳଦା ଓ ଜାମଦା ବ୍ଲକର ୫୦ରୁ ଅଧିକ ରୋଗୀଙ୍କୁ ଚପଲ ବଣ୍ଟନ କରାଯାଇଥିଲା। ଲେପ୍ରା ସୋସାଇଟିର ପ୍ରକଳ୍ପ ସହାୟକ ପ୍ରହ୍ଲାଦ ମଙ୍ଗରାଜ, ଏମଆଇଏସ ସୁଭଦ୍ରା ମହାକୁଡ଼, ରାଇରଙ୍ଗପୁର ଓ କୁସୁମୀ ବ୍ଲକର ସହାୟକ ଅମ୍ବୁବତୀ ଦଳେଇ, ରାଇରଙ୍ଗପୁର ଏନଏସି ପ୍ରଶାନ୍ତ ସେଠୀ, ଗୋରୁମହିଷାଣୀର ଲିଟାରାମ ବାସ୍କେ, ଓଆରଡବ୍ଲ୍ୟୁ ଶୁକମତି ହେମ୍ବ୍ରମ, ଚପଲ ଟେକ୍ନିସିଆନ ମଧୁସୂଦନ ହେମ୍ବ୍ରମ, ଜଗତବନ୍ଧୁ ସେଠୀ, ପୁଷ୍ପା ମାଝୀ, ରବିନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଯୁବକଙ୍କୁ ଠକେଇ ଉଦ୍ୟମ

ଉଦଳା, ୨୨।୫(ସମିସ): ପ୍ରଥମେ ଯୁବକଙ୍କୁ କଲ୍ ଓ ପରେ ୟୁପିଆଇ ସ୍କାନର ପଠାଇ ଟଙ୍କା ମାଗିବାର ଅଭିନବ ପ୍ରୟାସ କରାଯାଇଥିବା ଅଭିଯୋଗ ହୋଇଛି। ଭୀମତାଳି ଗ୍ରାମର ସତ୍ୟବାନ ନାୟକଙ୍କ ପାଖକୁ ଏକ ଅଜଣା କଲ୍ ଆସିଥିଲା। ଯାହାକି ଉଦଳା ଥାନା ଅଧିକାରୀଙ୍କ ପରିଚୟ ଦେଇ ଜଣେ କନଷ୍ଟେବଲଙ୍କ ଦୁର୍ଘଟଣା ହୋଇଛି। ପାଞ୍ଚ ହଜାର ଟଙ୍କା ସ୍କାନରରେ ପଠାଇବା ପାଇଁ କହିଥିଲେ। ଯୁବକ ଜଣଙ୍କ ଅଜଣା ଫୋନ କଲକୁ ସନ୍ଦେହ କରିବାରୁ ସେ ଏ ନେଇ ଉଦଳା ଥାନା ଅଧିକାରୀଙ୍କ ପାଖରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଥାନା ଅଧିକାରୀ ଯୁବକଙ୍କ ପାଖକୁ ଆସିଥିବା ଅଜଣା ନମ୍ବରକୁ ନେଇ ତଦନ୍ତ କରୁଥିବା ଜଣାପଡ଼ିଛି।

## କଂଗ୍ରେସର ଜିଲ୍ଲା ପରିଷଦ ଜୋନ୍‌ସ୍ତରୀୟ ବୈଠକ

ରାଇରଙ୍ଗପୁର, ୨୨।୫(ସମିସ): ରାଇରଙ୍ଗପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବହଳଦା ବ୍ଲକ କଂଗ୍ରେସ କମିଟି ସଭାପତି ଆଲୋକ ବରାଳଙ୍କ ସଭାପତିତ୍ୱରେ ବାସିଙ୍ଗୀ ପଞ୍ଚାୟତରେ ଜିଲ୍ଲା ପରିଷଦ ୨୬ନଂ ଜୋନର କଂଗ୍ରେସ କର୍ମକର୍ତ୍ତାଙ୍କ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଗ୍ରାମୀଣ ବୁଥ୍ ଏଜେଣ୍ଟ ନିଯୁକ୍ତି ଓ ପଞ୍ଚାୟତ କମିଟିର ପୁନର୍ଗଠନକୁ ମଜବୁତି ଓ ସୁଦୃଢ଼ୀକରଣ କରିବାକୁ ଆଲୋଚନା କରାଯାଇଥିଲା। ଏ ଅବସରରେ ବିଭିନ୍ନ ପଞ୍ଚାୟତର ସଭାପତିଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ବୈଠକରେ ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ଓଡ଼ିଶା ଆଦିବାସୀ କଂଗ୍ରେସ ଉପାଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, ଜିଲ୍ଲା ସମ୍ପାଦକ ଶଙ୍କରଲାଲ କ୍ଷତ୍ରୀ, ବହଳଦା ବ୍ଲକ ପର୍ଯ୍ୟବେକ୍ଷକ ତଥା ଜିଲ୍ଲା ସଚିବ ରୂପକ ମହାନ୍ତି, ବରିଷ୍ଠ କଂଗ୍ରେସ ନେତା କସ୍ତୁରୀ ଟୁଡୁ, ସୁଗଦା ମାଝୀ, ଜଗନ୍ନାଥ ମହାନ୍ତ, ପିଥ ଚରଣ ସୋରେନ, ଦୀପକ ବେହେରା, ଅସିତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ପାନୀୟଜଳ ଓ ଭତ୍ତା ସମସ୍ୟାକୁ ନେଇ ଜେଏମ୍ଏମ୍‌ର ଦାବିପତ୍ର

ବାରିପଦା/ବିଶୋଇ/ଉଦଳା/କୁଳିଅଣା/ମୋରଡ଼ା/ରାଇରଙ୍ଗପୁର, ୨୨।୫(ସମିସ): ବିଶୁଦ୍ଧ ପାନୀୟଜଳ ଓ ଭତ୍ତା ସମସ୍ୟାକୁ ନେଇ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ପକ୍ଷରୁ



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ବାରିପଦା ବିଡିଓଙ୍କୁ ପ୍ରଦାନ କରାଯାଇଛି। ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ବାରିପଦା ବ୍ଲକର କର୍ମୀ ସରକାରଙ୍କ ପାଖରେ ରଖିଥିବା ଦାବି ଅନୁସାରେ ସ୍ୱାଧୀନତାକୁ ୭୮ ବର୍ଷ ବିତିଯାଇଥିଲେ ଏବେ ଗ୍ରାମାଞ୍ଚଳରେ ଭତ୍ତା ପାଇବା ପାଇଁ ମାସ ମାସ ଅପେକ୍ଷା କରିବାକୁ ପଡୁଛି। ବିଶୁଦ୍ଧ ପିଇବା ପାଣି ପାଇବାରୁ ଜନସାଧାରଣ ବଞ୍ଚିତ ରହୁଛନ୍ତି। ୧୧ ବର୍ଷ ପୁରୁଣା ଅଟକଳ ମୂଲ୍ୟରେ ଆବାସ ଗୃହ ପାଇଁ ପ୍ରଦତ୍ତ ସହାୟତା ରାଶିରେ ଘର ନିର୍ମାଣ ସମ୍ଭବ ନୁହେଁ। ଏଣୁ ଅନୁଦାନ ରାଶି ବୃଦ୍ଧି କରାଯାଉ। ଅପେକ୍ଷାରେ ଥିବା ବାରିପଦା ବ୍ଲକର ୮୨୫ ଜଣ ହିତାଧିକାରୀଙ୍କୁ ଭତ୍ତା ଦିଆଯାଉ ଓ ଭତ୍ତା ରାଶିକୁ ବୃଦ୍ଧି କରି ୩୫୦୦ ଟଙ୍କା କରାଯାଉ। ବିଶୁଦ୍ଧ ପିଇବା ପାଣି ଯୁଦ୍ଧକାଳୀନ ଭିତ୍ତିରେ ଯୋଗାଇ ଦିଆଯାଉ। ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ୩୦୦ ୟୁନିଟ ବିଜୁଳି ବିଲ ଛାଡ କରାଯାଉ। ଏସବୁ ଦାବି ଶୀଘ୍ର ପୂରଣ ନ ହେଲେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ଜନଆନ୍ଦୋଳନ ପାଇଁ ବାଧ ହେବ ବୋଲି ଜିଲ୍ଲା ସଭାପତି ଶ୍ରୀ ଦାସଙ୍କ ସମେତ ସ୍ଥାନୀୟ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା କର୍ମୀ ଦାବି ରଖିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ତାରେନ ସେନାପତି, ଭଗରଥୀ ମାରାଣ୍ଡି, ପରେଶ ବେଶ୍ରା, ଲକ୍ଷ୍ମଣ ମାରାଣ୍ଡି, ଫୁଲମଣି ମୁର୍ମୁ, ସୁକାନ୍ତି ବେଶ୍ରା ଓ ମିଳନ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ।

ସେହିପରି ଜେଏମ୍ଏମ୍ ବିଶୋଇ ବ୍ଲକ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଶୋଇ ବିଡିଓଙ୍କୁ ପ୍ରଦାନ କରାଯାଇଛି। ବ୍ଲକ ସଭାପତି ଶ୍ୟାମସୁନ୍ଦର ହାଁସଦାଙ୍କ ନେତୃତ୍ୱରେ ଦଳର ବହୁ ବରିଷ୍ଠ କର୍ମୀ ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପହଞ୍ଚି ଦାବିପତ୍ର ପ୍ରଦାନ କରିଛନ୍ତି। ଏନ.ବି ପୋଖରିଆ ପଞ୍ଚାୟତ ସଭାପତି ଠାକୁରା ଟୁଡୁ, ନୂଆଗାଁ ପଞ୍ଚାୟତ ସଭାପତି ସ୍ୱରୂପ ସୋରେନ, ରାମଦାସ ବାସ୍କେ, ସୁନାରାମ ହେମ୍ବ୍ରମ, ଶାମଚରଣ ମାଝୀ, ସୁପାଇ ମାଝୀ, ସାମନ୍ତ ମାଝୀ ପ୍ରମୁଖ ସାମିଲ ଥିଲେ।



ଉଦଳା ବ୍ଲକର ବିଭିନ୍ନ ସମସ୍ୟାକୁ ନେଇ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ପକ୍ଷରୁ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜେଏମ୍ଏମ୍‌ର ଜିଲ୍ଲା ଉପସଭାପତି ରାଜା ହେମ୍ବ୍ରମ, ଶିରିଶ ଟୁଡୁ, ସିଙ୍ଗରାୟ ଟୁଡୁ, ରାମଚନ୍ଦ୍ର ସିଂ, ଯୋଗେନ୍ଦ୍ର କର, ନାରାୟଣ ବାସ୍କେ ପ୍ରମୁଖ ଯୋଗ ଦେଇଥିଲେ।

ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ମୟୂରଭଞ୍ଜ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନିର୍ଦ୍ଦେଶକ୍ରମେ କୁଳିଅଣା ବ୍ଲକ ସଭାପତି ଭାଗୀରଥି ସୋରେନଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୁଳିଅଣା ବିଡିଓଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ଜିଲ୍ଲା ପରିଷଦ ପ୍ରାର୍ଥୀ ରାଇସେନ ମୁର୍ମୁ, ରମେଶ ହାଁସଦା, କାରୁ ହାଁସଦା, ଗୋବିନ୍ଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ମୋରଡ଼ା ଓ ଶୁଳିଆପଦା ବ୍ଲକର ଜେଏମ୍ଏମ୍ କର୍ମୀ ଲୋକଙ୍କ ସମସ୍ୟାକୁ ନେଇ ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱରେ ମୋରଡା ବ୍ଲକର ୩୮ନଂ ଜୋନ୍ ପୂର୍ବତନ ଜିଲ୍ଲା ପରିଷଦ ଗଣେଶ୍ୱର ମହାନ୍ତ, ଅମୀର ଖାନ, ସିପୁ ମୁହୁଲି, ଶ୍ରବଣ ମହାନ୍ତ, ଭାଗବତୀ ଚାପିଆର, ସଲମା ମାରଣ୍ଡୀ, ଶୁଳିଆପଡ଼ା ସଭାପତି ମନୋଜ ଦାନ, ପ୍ରମୋଦ ଦାସ, ଆଶିଷ ସାତୁଆ ପ୍ରମୁଖ ଉପସ୍ଥିତ ଥିଲେ।

ତିରିଂ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମର ଲୋକେ ଆଜି ବି ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ଯାହାକୁ ନେଇ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ତିରିଂ ବ୍ଲକ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ଭଗବତ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ତିରିଂ ବ୍ଲକ କମିଟି ସଭାପତି ଫାଗୁ ଚରଣ ସୋରେନ, ଉପସଭାପତି ଅଜେନ ହେମ୍ବ୍ରମ, ଜିଲ୍ଲା ସଂଗଠନ ସମ୍ପାଦକ ଶାଙ୍ଗ ଚରଣ ମାଝୀ, ବ୍ଲକ ସମ୍ପାଦକ ମହେନ୍ଦ୍ର ଗଡ଼ସରା, କୋଷାଧ୍ୟକ୍ଷ ଗୁରୁଚରଣ ସୋରେନ, ମଙ୍ଗଲା ମାର୍ଣ୍ଡି, ଲଛମନ ମୁର୍ମୁ, ଈଶ୍ୱର ହେମ୍ବ୍ରମ, ଲକ୍ଷ୍ମଣ ଟୁଡୁ ପ୍ରମୁଖଙ୍କ ସହିତ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ବହୁ ସଦସ୍ୟ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଯୁକ୍ତ ଦୁଇ ପରୀକ୍ଷାରେ କଳିଙ୍ଗ ଟ୍ୟୁଟୋରିଆଲର ସଫଳତା



ବାଲେଶ୍ୱର,୨୨।୫ (ସମିସ): କଳିଙ୍ଗ ଟ୍ୟୁଟୋରିଆଲରେ ଯୁକ୍ତ ଦୁଇ ବିଜ୍ଞାନ ଏବଂ କଳାର ସମସ୍ତ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନ ବିଭାଗରେ ୫୪ ଜଣଙ୍କ ପିଲାଙ୍କ ମଧ୍ୟରେ ୫୩ ଜଣ ପ୍ରଥମ ଶ୍ରେଣୀରେ, ଜଣେ ଦ୍ୱିତୀୟ ଶ୍ରେଣୀରେ , ତନ୍ମଧ୍ୟରୁ ୧୨ ଜଣ ପିଲା ୯୦ ପ୍ରତିଶତରୁ ଅଧିକ ଏବଂ ୨୭ ଜଣ ପିଲା ୮୦ ପ୍ରତିଶତରୁ ଅଧିକ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ସେହିଭଳି କଳା ବିଭାଗରେ ୩୯ ପିଲାଙ୍କ ମଧ୍ୟରୁ ୩୭ ଜଣ ପ୍ରଥମ ଶ୍ରେଣୀରେ, ୨ ଜଣ ତନ୍ମଧ୍ୟରୁ ଦ୍ୱିତୀୟ ଶ୍ରେଣୀରେ ୬ ଜଣ ୯୦ ପ୍ରତିଶତରୁ ଅଧିକ, ୨୨ ଜଣ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଯୁକ୍ତ ଦୁଇ ବିଜ୍ଞାନରେ ଏହି ଅନୁଷ୍ଠାନର ଛାତ୍ର ନିହାର ରଞ୍ଜନ ବେହେରା (୫୮୯)(୯୮.୨୭%), ପ୍ରଜ୍ଞା ପାରମିତା ସାହୁ (୫୮୮) (୯୮ପ୍ରତିଶତ) ନମ୍ବର ରଖି ସମଗ୍ର ରାଜ୍ୟରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିଛନ୍ତି। ସେହିପରି ଅନନ୍ୟା ପାଲ ୫୮୧(୯୬.୮୩ଧ) ମାର୍କ ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ପ୍ରଭାତୀ ପରିଡା ୫୮୦ (୯୬ଧ) ନମ୍ବର ରଖି ଚତୁର୍ଥ, କ୍ରୀଷ୍ଣା ପ୍ରସାଦ ବେହେରା ୫୬୬(୯୪.୩୩%) ମାର୍କ ରଖି ପଞ୍ଚମ, ଆକାଂକ୍ଷା ସାହୁ ୫୬୫(୯୪.୧୫ଧ) ମାର୍କ ରଖି ଷଷ୍ଠ, ରାଜଶ୍ରୀ ଦାସ ୫୬୨(୯୩.୬୬%) ମାର୍କ ରଖି ସପ୍ତମ, ଦିବ୍ୟାଂଶୁ ଦାସ ୫୫୭(୯୨.୮୩%) ରଖି ଅଷ୍ଟମ, ଅନିଶା ଦାସ ୫୫୩(୯୨.୧୬ଧ) ନବମ, ରାଜେଶ କୁମାର ଦାସ ୫୫୨(୯୨%) ରଖିଦଶମ, ପ୍ରିୟଙ୍କା ନାୟକ ୫୫୦(୯୧.୬୬%) ରଖି ଏକାଦଶ, କିରଣ ରଙ୍ଗ ୫୪୪(୯୦.୬୬ଧ) ରଖି ଦ୍ୱାଦଶ ସ୍ଥାନ ହାସଲ କରିଛନ୍ତି। ସେହିପରି ଯୁକ୍ତ ଦୁଇ କଳା ବିଭାଗରେ ଛାତ୍ରୀ ଜସ୍ମିନ ମହାକୁଡ଼ ୫୬୯(୯୪.୮୩%) ନମ୍ବର ରଖି ଫକୀରମୋହନ ମହାବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ସିପ୍ରା ସୁମନ ପରିଡ଼ା ୫୬୭(୯୪.୫ଧ) ଓ ଦୀପ୍ତି ରେଖା ବାରିକ ୫୬୫(୯୪ଧ) ନମ୍ବର ରଖି ସମଗ୍ର ରାଜ୍ୟରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିଛନ୍ତି। କ୍ଷୀରାବ୍ଠଧ ତନୟା ଖଟୁଆ ୫୬୦(୯୩.୩୩%) ରଖି ଚତୁର୍ଥ ସ୍ଥାନ, କାବ୍ୟ ପ୍ରଭା ପୃଷ୍ଟି ୫୫୧(୯୧.୮୩%) ନମ୍ବର ରଖି ପଞ୍ଚମ ସ୍ଥାନ, ପ୍ରାଚୀ ପରମିତା ଦାସ ୫୪୯(୯୧.୫ଧ) ରଖି ଷଷ୍ଠ ସ୍ଥାନ ହାସଲ କରିଛନ୍ତି। ଜିଲ୍ଲାର ସର୍ବାଧିକ ସଂଖ୍ୟକ ଫାଷ୍ଟ କ୍ଲାସ ଏବଂ ସର୍ବାଧିକ ପିଲା ୯୦ ପ୍ରତିଶତ ନମ୍ବର ରଖି ଏହି ଅନୁଷ୍ଠାନର ଗୌରବ ଆଣିଛନ୍ତି। ଅନୁଷ୍ଠାନର ନିର୍ଦ୍ଦେଶକ ଓମ୍ ପ୍ରକାଶ ମହାପାତ୍ର ସମସ୍ତଙ୍କୁ ପ୍ରଶଂସା କରିଛନ୍ତି।

### ବ୍ୟବସାୟିକ ଗ୍ୟାସ ଦର ବୃଦ୍ଧି; ଦୋହଲିଯାଇଛି ସହରର ଖାଦ୍ୟ ବ୍ୟବସାୟ

# ୪୦ ପ୍ରତିଶତ ହୋଟେଲ ଓ ୧୫୦ ଉଠାଦୋକାନ ବନ୍ଦ

ବାଲେଶ୍ୱର,୨୨।୫ (ସମିସ)



ବ୍ୟବସାୟିକ ଏଲପିଜି ସିଲିଣ୍ଡରର ଅସ୍ୱାଭାବିକ ଦର ବୃଦ୍ଧି ଯୋଗୁଁ ବାଲେଶ୍ୱର ସହରର ଖାଦ୍ୟ ବ୍ୟବସାୟ ସମ୍ପୂର୍ଣ୍ଣ ଦୋହଲିଯାଇଛି। ବ୍ୟବସାୟିକ ସିଲିଣ୍ଡର ଦରରେ ଚଳିତ ମାସରେ ବଡ଼ ଧରଣର ବୃଦ୍ଧି ହୋଇଛି, ଯାହା ଦ୍ୱାରା ଏହା ବାଲେଶ୍ୱର ସହରରେ ୩,୦୦୦ ଟଙ୍କାରୁ ଅଧିକ ଅତିକ୍ରମ କରିଛି। ଫଳରେ ଏତେ ଟଙ୍କା ଦେଇ ସିଲିଣ୍ଡର କିଣିବାକୁ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଅନ୍ୟପଟେ ବାଲେଶ୍ୱର ସହରରେ ହୋଟେଲ, ରେଷ୍ଟୁରାଣ୍ଟ, ଢାବା ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ଗତ ୪୫ ଦିନରେ ବନ୍ଦ ହୋଇଥିବା ସୂଚନା ମିଳିଛି। ଛୋଟ ଦୋକାନ ଯଥା ଷ୍ଟେସନ, ବସଷ୍ଟାଣ୍ଡ, କଲେଜ ରୋଡ଼ର ଚା' ଦୋକାନ, ଜଳଖିଆ, ଗୁପଚୁପ୍, ଦହିବରା ଠେଲା ଦୋକାନ ପ୍ରାୟ ୧୫୦ଟି ବନ୍ଦ ହୋଇଥିବା ବେଳେ କିଛି ଦର ବୃଦ୍ଧି କରି ଖାଦ୍ୟ ବିକ୍ରି କରୁଥିବା ଜଣାପଡିଛି। ଆକଳନ ଅନୁଯାୟୀ ଖାଦ୍ୟ ବ୍ୟବସାୟରେ ଦୈନିକ ପ୍ରାୟ ୨ରୁ ୨.୮ କୋଟି ଟଙ୍କାର କାରବାର ଠପ୍ ହୋଇଛି। ବ୍ୟବସାୟିକ ସିଲିଣ୍ଡର ୨୨୫୩ ଟଙ୍କା ଥିଲା। ଏବେ ତାହା ୩୨୪୭ ଟଙ୍କା ସରକାରଙ୍କ ଦର ହୋଇଯାଇଛି। ଏକାଥରେ ଏତେ ଦରବୃଦ୍ଧି ହେବା ଦ୍ୱାରା ଲୋକମାନେ ସିଲିଣ୍ଡର ନେବାକୁ ଅସନ୍ତୋଷ ପ୍ରକାଶ ବି କରୁଛନ୍ତି। ଏହାବ୍ୟତୀତ କଳାବଜାରୀ ବୃଦ୍ଧି ପାଇଛି। ବିଶେଷକରି ଗାଁରୁ ଆସି ଲୋକମାନେ ନିଜ ଘରର ବୁକିଂ ସିଲିଣ୍ଡର ସହରରେ ଅଧିକ ଦରରେ ବିକ୍ରି ପାଇଁ ଦେଉଛନ୍ତି। ଏବେ

### ଏଜେନ୍ସି ପାଖରେ ଷ୍ଟକ୍ ପଡୁଛି ସିଲିଣ୍ଡର

ଘରୋଇ ଗ୍ୟାସ୍ କଳାବଜାରରେ ବିକ୍ରି ହେଉଛି। ଫଳରେ ବ୍ୟବସାୟିକ ସିଲିଣ୍ଡର ଉପରେ ମାଡ଼ ହେଉଛି। ବର୍ତ୍ତମାନ ଗ୍ୟାସ ଉପଲବ୍ଧ ଅଛି। କେବଳ ଦର ବୃଦ୍ଧି ପାଇଁ ନେଇପାରୁନାହାନ୍ତି। ବୁକିଂ କମିଯାଇଛି। ଆମ ପାଖରେ ପ୍ରତିଦିନ ୫୦-୬୦ ଷ୍ଟକ ରହିଯାଉଛି ବୋଲି ଜନୈକ ଗ୍ୟାସ୍ ଏଜେନ୍ସି ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ଥାଉ କି, ବାଲେଶ୍ୱର ଭଳି ବ୍ୟବସାୟିକ ସହରରେ ଗ୍ୟାସ ଦର ବୃଦ୍ଧି କେବଳ ହୋଟେଲ ନୁହେଁ, ପରିବହନ, ପର୍ଯ୍ୟଟନ, ଛାତ୍ରଛାତ୍ରୀଙ୍କ ଜୀବନକୁ ପ୍ରଭାବିତ କରୁଛି। ସପ୍ଲାଏ ଚେନ୍ ଠିକ୍ ନହେଲେ ଦଶହରା-ଦୀପାବଳି ବେଳକୁ ସ୍ଥିତି ବିସ୍ଫୋରକ ହେବା ନେଇ ଆଶଙ୍କା କରାଯାଇଛି।

### ମତାମତ

- ବ୍ୟବସାୟିକ ସିଲିଣ୍ଡର ଦର ବୃଦ୍ଧି ପରେ ଆମକୁ ପୂର୍ବ ଅପେକ୍ଷା ସପ୍ଲାଏ ମିଳୁନାହିଁ। ଆମ ପାଇଁ ପ୍ରତିବନ୍ଧକ ରହିଛି। ଏପଟେ ବାଲେଶ୍ୱରରେ ୩୦-୪୦ ପ୍ରତିଶତ ହୋଟେଲ, ରେଷ୍ଟୁରାଣ୍ଟ ଆଦି ବନ୍ଦ ହୋଇଯାଇଛି। ପ୍ରଥମେ ସପ୍ଲାଏ ପାଇଁ ବନ୍ଦ ହୋଇଥିଲା, ଏବେ ଦର ବୃଦ୍ଧି ପାଇଁ ବି କିଛି ହୋଟେଲ, ରେଷ୍ଟୁରାଣ୍ଟ ବନ୍ଦ ହୋଇଛି। ଗ୍ୟାସ ସହ କ୍ଷୀର, ଛେନା ଆଦିର ଦର ବୃଦ୍ଧି ହୋଇଛି। ତେଣୁ ଏହାକୁ ଦୃଷ୍ଟିରେ ରଖିଲେ ଆମେ ହଠାତ୍ ବି ଖାଦ୍ୟର ଦର ବୃଦ୍ଧି କରିପାରିବାନି।
  **ସରୋଜ ବୋଧନବାଲା, ବାଲେଶ୍ୱର ହୋଟେଲ ଆସୋସିଏସନ୍ ସଭାପତି**
- ଗ୍ୟାସ ସଙ୍କଟ କିଛି ନାହିଁ। ଆମର ୪୩ଟି ପଏଣ୍ଟରେ ସବୁ ଜାଗାରେ ଗ୍ୟାସ୍ ଷ୍ଟକ୍ ରହିଛି। କଳାବଜାର ତ ନାହିଁ। କଳାବଜାରୀ ହିସାବରେ ଓଡ଼ିଶାରେ ସର୍ବାଧିକ ଆମେ ୧୨୫୨ ସିଲିଣ୍ଡର ସିଜ୍ କରିଛୁ। ଆମ ପାଖରେ ଖବର ଥିଲେ ଆମେ ଚଢ଼ଉ କରୁଛୁ। ବ୍ୟବସାୟିକ ସିଲିଣ୍ଡର ସଙ୍କଟ ନେଇ ଆମ ପାଖରେ ଖବର ନାହିଁ।
  **ନରସିଂହ ପଣ୍ଡା, ସିଏସଓ, ବାଲେଶ୍ୱର**
- ମୋ ହୋଟେଲରେ ଦିନକୁ ୩ଟା ସିଲିଣ୍ଡର ସରେ। ଏବେ ଦର ବୃଦ୍ଧି ପରେ ସିଲିଣ୍ଡର କଣିବା ସମ୍ଭବପର ହେଉନାହିଁ। ମାସକୁ ଅଧିକ ଟଙ୍କା କେବଳ ଗ୍ୟାସରେ ଯାଉଛି। କର୍ମଚାରୀ ଦରମା, ଭଡା, ରାସନ ମିଶାଇଲେ ଲାଭ ଶୂନ। ବାଧ୍ୟହୋଇ ଦୋକାନ ବନ୍ଦ କରିବାକୁ ହେଲା। ୮ ଜଣ ପିଲାଙ୍କ ଚାକିରି ଗଲା।
  **ପ୍ରଦୀପ ଦାସ, ହୋଟେଲ ମାଲିକ, ଷ୍ଟେସନ ରୋଡ୍**
- ଘରୋଇ ସିଲିଣ୍ଡର ଦର ବୃଦ୍ଧି ହୋଇଯାଇଛି। ଫଳରେ ତାହା କିଣିବା ଆମ ପାଇଁ କଷ୍ଟକର ହୋଇ ପଡୁଛି। ବାଧ୍ୟହୋଇ ଗୁପଚୁପ୍ ଦର ବୃଦ୍ଧି କଲି, ଗ୍ରାହକ ଗାଳି ଦେଇ ଚାଲିଯାଉଛନ୍ତି।
  **ଗୀତା ମହାନ୍ତି, କଲେଜ ଛକ, ଠେଲା ଦୋକାନୀ**
- ଯେଉଁମାନେ ବରା, ପିଆଜି ଜଳଖିଆ ରାସ୍ତା କଡ଼ରେ ବିକ୍ରି କରୁଥିଲେ ପ୍ରାୟ ୧୫୦ ଦୋକାନ ବନ୍ଦ ହୋଇଯାଇଛି। ଆଉ ଯେଉଁମାନଙ୍କର ଦୋକାନ ଚାଲିଛି ସେମାନେ ଖାଦ୍ୟର ଦର ବୃଦ୍ଧି କରି ବିକ୍ରି କରୁଛନ୍ତି। ଯେଉଁ ବରା ଆମେ ୫ ଟଙ୍କାରେ କିଣୁଥିଲୁ ତାହା ଏବେ ୧୦ ଟଙ୍କା ହୋଇଗଲାଣି। ଅର୍ଥାତ୍ ଦରବୃଦ୍ଧି ପରେ ବ୍ୟବସାୟୀଙ୍କ ସହ ସାଧାରଣ ଲୋକଙ୍କ ଉପରେ ଚାପ ପଡିବା ଆରମ୍ଭ ହୋଇଗଲା।
  **ଜୟନ୍ତ ଦାସ, ସଭାପତି, ବାଲେଶ୍ୱର ପଥବିକ୍ରେତା ସଙ୍ଘ**

## ମାସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ଜଳେଶ୍ୱର, ୨୨।୫ (ସମିସ) : ମାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କୃତି ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ପକ୍ଷରୁ ଆଜି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭଂଜ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ତହସିଲଦାର ସତ୍ୟଜିତ୍ ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀମାନେ ପାଠପଢା ସହିତ ଜ୍ଞାନ ଓ ପ୍ରଜ୍ଞାର ସଦ୍‌ଉପଯୋଗ କରିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ କମଳା ଚକ୍ରବର୍ତ୍ତୀ, ପ୍ରାକ୍ତନ ଅଧକ୍ଷ ଡ. ରମାକାନ୍ତ ଭଂଜ, ପ୍ରାକ୍ତନ ଏବିଇଓ ବନମାଳୀ ଧଳ, ଶିକ୍ଷକ ଗୌରୀଶଂକର ଗିରି ଯୋଗଦେଇ ଭଲ ମଣିଷ ହେବାକୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟର ସଭାପତି ପ୍ରାକ୍ତନ ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦାସ ଅଧିକାରୀ ସଭାପତିତ୍ୱ କରିଥିବାବେଳେ ସଂପାଦକ ଆଦିକନ୍ଦ ଦାସ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ମୋଟ ୬୪ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୬ଜଣ ପ୍ରଥମ ଶ୍ରେଣୀରେ, ୮ ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ କରି ଶତ ପ୍ରତିଶତ କୃତକାର୍ଯ୍ୟ ହୋଇଥିବାରୁ ସମସ୍ତ ଶିକ୍ଷକ, ଶିକ୍ଷାକର୍ମଚାରୀ ଓ ଉପଦେଷ୍ଟାଙ୍କୁ ଶ୍ରେୟ ଦେଇଥିଲେ।

## ଗୌରବ ଆଣିଲେ ତନ୍ମୟୀ



ଖଇରା, ୨୨।୫ (ସମିସ): ଚଳିତ ବର୍ଷ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ୫୭୧ନଂ ରଖି ଗ୍ରାମ ଓ ପଞ୍ଚାୟତ ପାଇଁ ଗୌରବ ଆଣିଛନ୍ତି। ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅନ୍ତର୍ଗତ ସାରଡାଙ୍ଗ ପଂଚାୟତ ର ଅରଖପଦା ଗ୍ରାମର ବାପା ଲକ୍ଷ୍ମୀକାନ୍ତ ବାରିକ, ମା ମଧୁସ୍ମିତା ଖିଲାରଙ୍କ ଝିଅ ତନ୍ମୟୀ ବାରିକ ଯାଜପୁର ରୋଡ଼ ସ୍ଥିତ କଲେଜରେ ବିଜ୍ଞାନ ବିଭାଗ ଛାତ୍ରୀ ଭାବେ ଅଧ୍ୟୟନ କରୁଥିଲେ। ଚଳିତ ବର୍ଷ ପରୀକ୍ଷାରେ ୬୦୦ ନଂ ରୁ ୫୭୧ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ତାଙ୍କର ସଫଳତା ପରେ ଗ୍ରାମ ଓ ପଂଚାୟତ ରୁ ଲୋକ ମାନଙ୍କର ସୁଅ ଛୁଟିଥିଲା। ଏହି ସଫଳତା ପଛ ରେ ପରିବାର ଲୋକ ମାନଙ୍କ ସହ ଅଂଚଳବାସୀଙ୍କ ଆର୍ଶୀବାଦ ଥିଲା ବୋଲି ତନ୍ମୟୀ ପ୍ରକାଶ କରିଥିଲେ। ଆଗକୁ ଡାକ୍ତର ହୋଇ ଅଞ୍ଚଳରେ ସେବା କରିବା ନେଇ ପ୍ରକାଶ କରିଥିଲେ।

## ନେତୁଆ ପଞ୍ଚାୟତ ପାଇଁ ସୁନାମ ଆଣିଲେ ଦୀପିକା, ଗୁରୁକୃଷ୍ଣ

ଜଳେଶ୍ୱର,୨୨।୫ (ସମିସ) : ମନୋରଞ୍ଜନ ସୀମାନ୍ତ ଉଚ୍ଚ ବିଦ୍ୟାଳୟ କମାରଶାଳିଆ ପରିସର ମଧ୍ୟରେ ଚଳିତ ବର୍ଷ ୨୦୨୬ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ଜଳେଶ୍ୱର ବ୍ଲକ ସ୍ଥିତ ନେତୁଆ ପଞ୍ଚାୟତର ଦୀପିକା ରାଉଳ ଜଳେଶ୍ୱର ଦୀନକୃଷ୍ଣ ମହାବିଦ୍ୟାଳୟରେ ୫୪୭ ମାର୍କ ତଥା ୯୨% ରଖି କଲେଜରେ ଟପର୍ ହୋଇଥିଲେ ଏବଂ ସେହି ପଞ୍ଚାୟତ ଆଡ଼ିନଗା ଗ୍ରାମର +୨ ବିଜ୍ଞାନ ବିଭାଗର ଗୁରୁକୃଷ୍ଣ ମହାପାତ୍ର ବାଲେଶ୍ୱର ଜିଲ୍ଲା ଫକୀର ମୋହନ ମହାବିଦ୍ୟାଳୟରୁ ୫୭୧,୯୫ଧ ମାର୍କରଖି କୃତିତ୍ୱ ଅର୍ଜନ କରିଥିବାରୁ ଆଜି



ମନୋରଞ୍ଜନ ସୀମାନ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତୀଶ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ସଂଯୋଜକ ଶିକ୍ଷକ ରଣଜିତ କୁମାର ହୁଇ ସେମାନଙ୍କର ଉଜ୍ୱଳ ଭବିଷ୍ୟତ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟଶିକ୍ଷକ ମଧ୍ୟରେ ବିଜ୍ଞାନ ଶିକ୍ଷକ ଅରବିନ୍ଦ ସାମଲ,ଗଣିତ ଶିକ୍ଷକ ବିଷ୍ଣୁପଦ ଦାସ,ହିନ୍ଦୀ ଶିକ୍ଷକ ରଣଜିତ ହୁଇ, କ୍ରୀଡ଼ା ଶିକ୍ଷକ ହେମନ୍ତ କୁମାର କର, ପୂର୍ବତନ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଦତ୍ତ, ଅଣଶିକ୍ଷକ କର୍ମଚାରୀ ଧନଞ୍ଜୟ ସିଂହ,ଅନନ୍ତ କୁମାର ପରିଡ଼ା, ସନାତନ ହୁଇ, ରବୀନ୍ଦ୍ର ନାଥ ହୁଇ, ମାନସ ଗୋଛାୟତ,ଗୌରୀ ଶଙ୍କର ଦାସ ପ୍ରମୁଖ ଯୋଗଦେଇ ଶିକ୍ଷାର୍ଥୀଙ୍କ ମଙ୍ଗଳ କାମନା କରିଥିଲେ। ସେହିପରି ଚଳିତ ମାଟ୍ରିକ ପରୀକ୍ଷାରେ ଏ୧ରେ ୫୪୦ ମାର୍କରଖି ଉତ୍ତୀର୍ଣ୍ଣ ଛାତ୍ର ବିଷ୍ଣୁପଦ ଶତପଥି ,ଓପିଏସସି ରେ ଉକ୍ତ ପଞ୍ଚାୟତର ମିନାକ୍ଷୀ ହୁଇ ୫୬ ରେଙ୍କ୍ ରଖି ଏବଂ ଅମିର କୁମାର ରାଉଳ ୭୬ ରେଙ୍କ୍ ରଖି ସରକାରୀ କଲେଜରେ ଅଧ୍ୟାପକ ପାଇଥିବାରୁ ପରିଚାଳନା କମିଟିର ସଦସ୍ୟ ଶରତ କୁମାର ପରିଡ଼ା, ବିଜୟ କୁମାର ମହାନ୍ତି, ସୁଧୀର କର, ବସନ୍ତ ପରିଡ଼ା, ପ୍ରବୀର ରାଉଳ, ବୈରାଗୀ ଚରଣ ସେଠୀ, ପୂର୍ବତନ ସରପଞ୍ଚ ମମତା ରାଣୀ ହୁଇ ଅଭିନନ୍ଦନ ଜଣାଇଥିଲେ।

## ଚାଉଳ ହେରଫେର ଅଭିଯୋଗ ପରେ ହେଲା ଯାଞ୍ଚ

କାଳିପଦା, ୨୨।୫ (ସମିସ): ପିଡିଏସ୍ ଚାଉଳ ହେରଫେର ହୋଇଥିବା ଅଭିଯୋଗର ଆଜି ଯାଞ୍ଚ ହୋଇଛି। ଯାଞ୍ଚରୁ ସମସ୍ତ ୪୨୪ କୁଇଣ୍ଟାଲ ଚାଉଳ ବ୍ୟାଗ ଠିକ ଥିବା ଜଣା ପଡିଛି। ଫଳରେ ରିଟେଲରଙ୍କୁ କ୍ଲିନ ଚିଟ ମିଳିଛି। ଏହି ମିଳିତ ଯାଞ୍ଚ ଟିମରେ ବିଡ଼ିଓ ରାଧା ରଞ୍ଜନ ଦାସ, ପଞ୍ଚାୟତ ପିଇଓ କରୁଣାକର ଜେନା, ଡ଼ବ୍ଲ୍ୟୁ ଇ ଓ ଉଦିତ ମହାପାତ୍ର, ଯୋଗାଣ ଅଧିକାରୀ ବିଷ୍ଣୁ ମୋହନ ମହାରଣା ପ୍ରମୁଖ ସାମିଲ ହୋଇଥିଲେ। ପ୍ରକାଶ ଥାଉ କି ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତର ରିଟେଲର ହିମାଂଶୁ ଭୂୟାଁ ଦୀର୍ଘ ଦିନ ହେବ ତାଙ୍କ ଘରେ ଏକ ସରକାରୀ ରିଟେଲର ଡେଲିଭରି ପଏଣ୍ଟ କରିଥିଲେ। କେତେକ ମୁଷ୍ଟିମେୟ ଲୋକ ତାଙ୍କୁ ଚାନ୍ଦା ମାଗି ନିରାଶ ହେବାରୁ ପିଡିଏସ୍ ଚାଉଳ ରିଟେଲର ହେରଫେର କରୁଥିବା ନେଇ ବିଡ଼ିଓ, ଯୋଗାଣ ଅଧିକାରୀ, ଜିଲ୍ଲାପାଳ ପ୍ରମୁଖଙ୍କ ଠାରେ ଅଭିଯୋଗ କରିଥିଲେ। ରିଟେଲର ହିମାଂଶୁ ତାଙ୍କ ଘରେ ଥିବା ଗୋଦାମ ଘର ଏହି ଅବସରରେ ମରାମତି କରୁଥିବାରୁ ଚାଉଳ ସମସ୍ତ ଅସ୍ଥାୟୀ ଭାବେ ନିକଟବର୍ତ୍ତୀ ଖାଲପାଖ ଜଗନ୍ନାଥ ଭୋଗ ମଣ୍ଡପରେ ରଖିଥିଲେ। ଅଭିଯୋଗ ପରେ ହିମାଂଶୁ ସମସ୍ତ ଚାଉଳ ନିଜ ଘର ଗୋଦାମ ଘରକୁ ଫେରାଇ ଆଣିଥିଲେ। ଏହି ମିଥ୍ୟା ଆରୋପ ଆଣିଥିବା ମୁଷ୍ଟିମେୟଙ୍କ ବିରୋଧରେ ହିମାଂଶୁ କୋର୍ଟରେ ମାନହାନୀ ମାମଲା କରିବେ ବୋଲି ପ୍ରକାଶ କରିଛନ୍ତି।

## ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ




ବାଲେଶ୍ୱର,୨୨।୫ (ସମିସ): ସାମାଜିକ ସଂଗଠନ ମୁନ କମ୍ୟୁନିକେସନ ତରଫରୁ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳିତ ହୋଇଯାଇଛି। ସମ୍ପାଦକ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ଏକ ମହିଳା ସାଇକେଲ ରାଲି ରଣସାହି, ଗୁଡୁ, ହିଡିଗାଁ ପରିକ୍ରମା କରିଥିଲା। ଅତିଥି ଭାବେ ପଙ୍କଜିନୀ ଦାସ, ମମତା ବେହେରା, ଶିକ୍ଷୟିତ୍ରୀ ସବିତା ନାୟକ ମହିଁଷାଳୀ ମୁହାଁଣରେ ନୀଳରକ୍ତ କଙ୍କଡା ସୁରକ୍ଷା ପାଇଁ ବିଭିନ୍ନ ଉପାୟ ସମ୍ପର୍କରେ ସଚେତନ କରାଇଥିଲେ। ଶେଷରେ ସର୍ବିଙ୍କୁ ବିଶ୍ୱବ୍ୟାପି ପ୍ରଭାବ ପାଇଁ ସ୍ଥାନୀୟ ସ୍ତରରେ କାର୍ଯ୍ୟ ଚାଲୁ ରଖିବା ସହ କେବଳ ମନୁଷ୍ୟ ପାଇଁ ଜୈବ ବିବିଧତା ନଷ୍ଟ ହେଉଥିବାରୁ ସେମାନଙ୍କ ମଧ୍ୟରେ ଜୈବ ବିବିଧତା ସୁରକ୍ଷା ପାଇଁ ଶପଥ ପାଠ କରାଯାଇଥିଲା। ବିଭିନ୍ନ ପଂଚାୟତରୁ ପୁଷ୍ପିତା ମଲ୍ଲିକ, ସୌମ୍ୟ ଶଭନା ନାୟକ, ନନ୍ଦିନୀ ମଲ୍ଲିକ, ଶ୍ରଦ୍ଧା ଦାସ, ସୁଲୋଚନା ଦାସ, ସୁସ୍ମିତା ସିଂହ, ନିରୁପମା ବେହେରା ସ୍ମୃତିରେଖା ମଲ୍ଲିକ, ସସ୍ମିତା ମଲ୍ଲିକ, ରେଖା ମଲ୍ଲିକ, ମମତା ବେହେରା, ପ୍ରମିଳା ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜମିବାଡ଼ି ବିବାଦରୁ ବାପାକୁ ହାଣିଲା ପୁଅ

ସୋର, ୨୨।୫ (ସମିସ): ସୋର କୋର୍ଟ ସମ୍ମୁଖରେ ଜମିବାଡ଼ି ବିବାଦକୁ ନେଇ ବାପାକୁ ଗୋଡେଇ ଗୋଡେଇ ତେଲେଙ୍ଗା କଟୁରିରେ ଦୁଇ ପୁଅ ହାଣିଥିବା ବେଳେ ବାପା ଗୁରୁତର ଆହତ ହୋଇ ଡ଼ାକ୍ତରଖାନାରେ ଭର୍ତି ହୋଇଥିବା ଜଣାପଡିଛି। ସୋର ପୌର ପାଳିକା ଅନ୍ତର୍ଗତ ତୁଣ୍ଡପଡା ଗ୍ରାମର ଗଣେଶ ବାରିକ (୪୫) ତାଙ୍କ ଜମିରୁ ଭାଗ ନଦେବାରୁ ଦୀର୍ଘଦିନ ଧରି ବାପା ଓ ଦୁଇ ପୁଅଙ୍କ ମଧ୍ୟରେ ବିବାଦ ଲାଗିରହିଥିଲା। ଆଜି ମଧ୍ୟାହ୍ନରେ ବଡ଼ପୁଅ କିରଣ କୁମାର ବାରିକ (୨୩) ଓ ସାନପୁଅ କ୍ଷୀରୋଦ କୁମାର ବାରିକ (୧୯) ଗଣେଶଙ୍କୁ ସୋର କୋର୍ଟ ନିକଟକୁ ଡକାଇଥିଲେ। ସେଠାରେ ଜମିବାଡ଼ି ବିବାଦରୁ ବଚସା ହେବା ପରେ ଦୁଇ ପୁଅ ବାପା ଗଣେଶଙ୍କୁ ଏକ ତେଲେଙ୍ଗା କଟୁରିରେ ଆକ୍ରମଣ କରିଥିଲେ। ଏଥିରେ ଗଣେଶ ଗୁରୁତର ଆହତ ହୋଇ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଛନ୍ତି। ସାନପୁଅ କ୍ଷୀରୋଦକୁ ସ୍ଥାନୀୟ ଲୋକେ କାବୁ କରି ସୋର ପୁଲିସକୁ ହସ୍ତାନ୍ତର କରିଥିବାବେଳେ ବଡ଼ପୁଅ କିରଣ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି।

## ବିଜ୍ଞାନରେ ଅଭିଜିତ, କଳାରେ ସୁସ୍ମିତା ଓ ବାଣିଜ୍ୟରେ ସତ୍ୟବ୍ରତ ଭୋଗରାଇ ଟପ୍ପର

**ଯୁକ୍ତ ଦୁଇ ପରୀକ୍ଷା ଫଳ**

ଚନ୍ଦନେଶ୍ୱର, ୨୨।୫ (ସମିସ): ଚଳିତ ୨୦୨୬ ମସିହାର ଯୁକ୍ତଦୁଇ ବାର୍ଷିକ ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ଭୋଗରାଇ ଅଞ୍ଚଳର ବିଭିନ୍ନ ଉଚ୍ଚ ମାଧ୍ୟମିକ ଶିକ୍ଷା ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ବିଜ୍ଞାନ, କଳା ଓ ବାଣିଜ୍ୟ ତିନୋଟି ବିଭାଗରେ ଛାତ୍ରଛାତ୍ରୀମାନଙ୍କ ଚମତ୍କାର ପ୍ରଦର୍ଶନ ଦେଖିବାକୁ ମିଳିଛି। ଭୋଗରାଇ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ବିଜ୍ଞାନ ବିଭାଗର ଛାତ୍ର ଅଭିଜିତ ଜେନା ୬୦୦ରୁ ୫୬୭ ନମ୍ବର ରଖି ଭୋଗରାଇ ବ୍ଲକ ଟପ୍ପର ହୋଇଛନ୍ତି। ସେ ମାହାଦିଆ ଗ୍ରାମର ସୁଜିତ ଜେନା ଓ ବନ୍ଦନା ଜେନାଙ୍କ ପୁଅ। ତାଙ୍କର ଏହି ସଫଳତାରେ ପରିବାର ସହ ଗ୍ରାମବାସୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ସେହିପରି ସେହି ପ୍ରତିଷ୍ଠାନର ସୁଦର୍ଶନ ବେହେରା ୫୫୮ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଓ ଅଜିତ କୁମାର ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଜ୍ଞାନ ବିଭାଗର ଏହି ସଫଳତା ପଛରେ ଶିକ୍ଷକମାନଙ୍କ ନିଷ୍ଠା ଓ ଛାତ୍ରଛାତ୍ରୀଙ୍କ ଅନୁଶାସିତ ପରିଶ୍ରମ ମୁଖ୍ୟ କାରଣ ବୋଲି ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ବାଣିଜ୍ୟ ବିଭାଗରେ ସତ୍ୟବ୍ରତ ପ୍ରଧାନ ୪୭୨ ନମ୍ବର ରଖି ଟପ୍ପର ହୋଇଛନ୍ତି। ସେ ନିମାତପୁର ପଞ୍ଚାୟତର ମିର୍ଜାପୁର ଗ୍ରାମର ସୁଶାନ୍ତ ପ୍ରଧାନ ଓ ସରସ୍ୱତୀ ପ୍ରଧାନଙ୍କ ପୁଅ। ତାଙ୍କ ସଫଳତାରେ ପରିବାର ସହ ସମଗ୍ର ଅଞ୍ଚଳରେ ଖୁସିର ପରିବେଶ ସୃଷ୍ଟି ହୋଇଛି। ସେହିପରି ସଞ୍ଜୀବ ଦାସ ୪୬୫ ନମ୍ବର ସହ ଦ୍ୱିତୀୟ ଏବଂ ବର୍ଷା ରାଣୀ ଦତ୍ତ ୪୫୭ ନମ୍ବର ସହ ତୃତୀୟ ସ୍ଥାନରେ ରହିଛନ୍ତି। କଳା ବିଭାଗରେ ଭୋଗରାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସୁସ୍ମିତା ପ୍ରଧାନ ୫୬୭ ନମ୍ବର ରଖି ଭୋଗରାଇ ଅଞ୍ଚଳର କଳା ବିଭାଗ ଟପ୍ପର ହୋଇଛନ୍ତି। ସେ ମାଟିଖିନା ଗ୍ରାମର ପ୍ରଶାନ୍ତ ପ୍ରଧାନ ଓ ରଞ୍ଜିତା ପ୍ରଧାନଙ୍କ ଝିଅ। ସେହି ବିଦ୍ୟାଳୟର ମୌସୁମୀ କର ଓ ମୋହେଦ୍ଦ ଖାତୁନ ଉଭୟେ ୫୬୨ ନମ୍ବର ରଖି ସଂଯୁକ୍ତ ଭାବେ ଦ୍ୱିତୀୟ ସ୍ଥାନରେ ଥିବାବେଳେ ସାଇରାତୁନ ଖାତୁନ ୫୫୩ ନମ୍ବର ସହ ତୃତୀୟ ସ୍ଥାନ ହାସଲ କରିଛନ୍ତି।






## ସନ୍‌ରାଇଜର୍ସ ହାଇଦରାବାଦ୍ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ

# କିଶାନ, କ୍ଲାସେନ ଓ ଅଭିଷେକଙ୍କ ଅର୍ଦ୍ଧଶତକ

ହାଇଦରାବାଦ୍,୨୨।୫(ଏଜେନ୍ସି): ଇଶାନ କିଶାନ, ହେନ୍‌ରିକ୍ କ୍ଲାସେନ ଓ ଅଭିଷେକ ଶର୍ମାଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ଏଠାରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ଆଇପିଏଲ୍‌ର ୬୭ତମ ଲିଗ୍ ମ୍ୟାଚ୍‌ର ୧୬ ଓଭର ଖେଳ ଶେଷସୁଦ୍ଧା ସନ୍‌ରାଇଜର୍ସ ହାଇଦରାବାଦ୍ ୨ ୱିକେଟ ବିନିମୟରେ ୨୦୯ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ଇଶାନ କିଶାନ ୩୫ବଲ୍‌ରେ ୬୫ ଓ ହେନ୍‌ରିକ୍ କ୍ଲାସେନ ୨୩ ବଲ୍‌ରେ ୫୧ ରନ୍ କରି ବ୍ୟାଟିଂ କରୁଥିଲେ। ଏମାନେ ତୃତୀୟ ୱିକେଟ ଭାଗୀଦାରିରେ ୪୬ ବଲ୍‌ରୁ ୧୧୨ରନ୍ ଉଠାଇ ଦଳକୁ ଏକ ବିଶାଳ ସ୍କୋର ଅଭିମୁଖେ ନେଇଯାଇଥିଲେ। ପୂର୍ବରୁ ଦଳର ଦୁଇ ଓପନର ଅଭିଷେକ ଶର୍ମା ୨୨ ବଲ୍‌ରେ ୫୬ ଓ ଟ୍ରାଭିସ ହେଡ୍ ୧୬ ବଲ୍‌ରେ ୨୬ ରନ୍ କରି ଆଉଟ ହୋଇଥିଲେ।

| ଆଜିର ଆଇପିଏଲ୍ ମ୍ୟାଚ୍ |
| --- |
| ଲକ୍ଷ୍ନୌ ବନାମ ପଞ୍ଜାବ |
| ଭେନ୍ୟୁ - ଲକ୍ଷ୍ନୌ |
| ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର |



ଅଭିଷେକ ଓ ହେଡ୍ ପ୍ରଥମ ୱିକେଟରେ ୪ ଓଭରରେ ୪୫, ଅଭିଷେକ ଓ ଇଶାନ ଦ୍ୱିତୀୟ ୱିକେଟରେ ୨୬ ବଲ୍‌ରୁ ୫୨ରନ୍ ଉଠାଇ ଦଳକୁ ଭଲ ଆରମ୍ଭ ଦେଇଥିଲେ। ବେଙ୍ଗାଲୁରୁ ପକ୍ଷରୁ ସୂୟାଶ ଶର୍ମା ଓ ରସିକ୍ ସଲାମ ଦାର୍ ଗୋଟିଏ ଲେଖାଏଁ ୱିକେଟ୍ ନେବାରେ ସଫଳ ହୋଇଥିଲେ।

ଉଭୟ ଦଳର ଏହା ଶେଷ ମ୍ୟାଚ୍ ହୋଇଥିଲାବେଳେ ବେଙ୍ଗାଲୁରୁ ୧୮ ପଏଣ୍ଟ ପାଇ ପ୍ରଥମ ଓ ହାଇଦରାବାଦ୍ ୧୬ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ଗୁଜରାଟ ୧୮ ପଏଣ୍ଟ ପାଇବା ସହ ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଏହି ମ୍ୟାଚ୍‌ର ଫଳାଫଳ ପରେ ପ୍ରଥମ ଦୁଇଟି ସ୍ଥାନରେ କେଉଁ ଦୁଇ ଦଳ ରହିବେ ତାହା ନିଶ୍ଚିତ ହୋଇଯିବ। ବେଙ୍ଗାଲୁରୁ ଓ ଗୁଜରାଟ ମଧ୍ୟରେ ପ୍ରଥମ କ୍ୱାଲିଫାୟର ମୁକାବିଲା ହେବାର ଯଥେଷ୍ଟ ସମ୍ଭାବନା ରହିଛି।

### ■ ପରାଜୟରେ ସିଏସକେ'ର ଅଭିଯାନ ଶେଷ

ଅହମ୍ମଦାବାଦ: ରେକର୍ଡ ପାଞ୍ଚଥରର ଚାମ୍ପିଅନ ଚେନ୍ନଇ ସୁପର୍ କିଙ୍ଗ୍‌ସ (ସିଏସକେ) ପରାଜୟ ସହ ଚଳିତ ଆଇପିଏଲ୍‌ରେ ଅଭିଯାନ ଶେଷ କରିଛି। ସିଏସକେ ଏହାର ଅନ୍ତିମ ତଥା ୧୪ତମ ଲିଗ୍ ମ୍ୟାଚରେ ଗୁରୁବାର ୮୯ ରନରେ ଘରୋଇ ଗୁଜରାଟ ଟାଇଟାନ୍ସ ନିକଟରୁ ପରାସ୍ତ ହୋଇଥିଲା। ଏଥିସହ ଋତୁରାଜ ଗାଏକୱାଡଙ୍କ ନେତୃତ୍ୱାଧୀନ ଚେନ୍ନଇ ୮ଟି ପରାଜୟ ଓ ୬ ବିଜୟ ସହ ୧୪ ମ୍ୟାଚରୁ ୧୨ ପଏଣ୍ଟ ପାଇ ଟେବୁଲର ୭ମ ସ୍ଥାନରେ ରହି ପ୍ଲେ-ଅଫ୍ ଦୌଡ଼ରୁ ବାଦ୍ ପଡ଼ିବା ସହ ବିଦାୟ ନେଇଛି। ଅପରପକ୍ଷରେ ପୂର୍ବରୁ ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିସାରିଥିବା ଗୁଜରାଟ ୧୪ ମ୍ୟାଚରୁ ୯ମ ବିଜୟ ସହ ୧୮ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି।

ସ୍ଥାନୀୟ ମୋଟେରା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଗୁଜରାଟ ପ୍ରଦତ୍ତ ୨୩୦ ରନର ବିଶାଳ ଲକ୍ଷ୍ୟକୁ ପିଛା କରିଥିବା ଚେନ୍ନଇ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଇନଫର୍ମ ବ୍ୟାଟର୍ ସଞ୍ଜୁ ସାମସନ ଇନିଂସର ପ୍ରଥମ ବଲରେ ମହମ୍ମଦ ସିରାଜଙ୍କ ଶିକାର ବନିଥିଲେ। ପରେ ଦଳ ନିୟମିତ ବ୍ୟବଧାନରେ ୱିକେଟ ହରାଇ ୭ ଓଭର ବେଳକୁ ୬୩ ରନରେ ଅଧା ବ୍ୟାଟରଙ୍କୁ ହରାଇଥିଲା। ତେବେ ମଧ୍ୟକ୍ରମରେ ଶିଭବ ଦୁବେ ୪ଟି ଲେଖାଏ ଚୌକା ଓ ଛକା ବଳରେ ୧୭ ବଲରୁ ୪୭ ରନର ଦ୍ରୁତ ପାଳି ଖେଳି କିଛିଟା ଲଢ଼େଇ କରିଥିଲେ। କିନ୍ତୁ ଏହା ଯଥେଷ୍ଟ ହୋଇ ନ ଥିଲା। ୧୩.୪ ଓଭରବେଳକୁ ଚେନ୍ନଇ ୧୪୦ ରନରେ ସମସ୍ତ ୱିକେଟ୍ ହରାଇ ଶୋଚନୀୟ ପରାଜୟବରଣ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଓପନର ମାଥ୍ୟୁ ସର୍ଟ ୨୪, ଅଧିନାୟକ ଋତୁରାଜ ଗାଏକୱାଡ଼ ୧୬, କାର୍ତ୍ତିକ ଶର୍ମା ୧୯, ଅଂଶୁଲ କାମ୍ବୋଜ ୧୯ ରନ କରିଥିବାବେଳେ ଉର୍ଭିଲ ପଟେଲ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ଗୁଜରାଟ ପକ୍ଷରୁ ରଶିଦ ଖାନ (୩/୧୮), ମହମ୍ମଦ ସିରାଜ (୩/୨୬) ଓ କାଗିସୋ ରାବାଡା (୩/୩୨) ମିଳିତ ଭାବେ ୯ଟି ୱିକେଟ ବାଣ୍ଟି ନେଇଥିଲେ। କାର୍ତ୍ତିକ ରନ ଆଉଟ୍ ହୋଇଥିଲେ।

### ଆଇପିଏଲ୍ ପଏଣ୍ଟ ଟେବୁଲ୍

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
| --- | --- | --- | --- | --- | --- | --- |
| ବେଙ୍ଗାଲୁରୁ | ୧୩ | ୯ | ୪ | ୦ | ୧୮ | +୧.୦୬୫ |
| ଗୁଜରାଟ | ୧୪ | ୯ | ୫ | ୦ | ୧୮ | +୦.୬୯୫ |
| ହାଇଦରାବାଦ | ୧୩ | ୮ | ୫ | ୦ | ୧୬ | +୦.୩୫୦ |
| ରାଜସ୍ଥାନ | ୧୩ | ୭ | ୬ | ୦ | ୧୪ | +୦.୦୮୩ |
| ପଞ୍ଜାବ | ୧୩ | ୬ | ୬ | ୧ | ୧୩ | +୦.୨୨୭ |
| କୋଲକାତା | ୧୩ | ୬ | ୬ | ୧ | ୧୩ | +୦ .୦୧୧ |
| ଚେନ୍ନଇ (ଏ) | ୧୪ | ୬ | ୮ | ୦ | ୧୨ | -୦.୩୪୫ |
| ଦିଲ୍ଲୀ | ୧୩ | ୬ | ୭ | ୦ | ୧୨ | -୦.୮୭୧ |
| ମୁମ୍ବଇ (ଏ) | ୧୩ | ୪ | ୯ | ୦ | ୮ | -୦.୫୧୦ |
| ଲକ୍ଷ୍ନୌ (ଏ) | ୧୨ | ୪ | ୮ | ୦ | ୮ | -୦.୭୦୧ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

### ■ ଫେଡେରେସନ୍ କପ୍ ଆଥଲେଟିକ୍ସ

## ପ୍ରଥମ ସ୍ୱର୍ଣ୍ଣ ଜିତିଲେ ଦୀପକ

ରାଞ୍ଚି,୨୨।୫(ଏଜେନ୍ସି): ଯେଉଁ ସମୟରେ ଦୌଡାଳିମାନେ ରେସ ପୂରଣ କରିବା କଷ୍ଟକର ହେଉଛି, ସେହି ଅସହ୍ୟ ଗରମରେ ଉତ୍ତରାଖଣ୍ଡର ଦୀପକ ଭଟ୍ଟ ଏଠାରେ ଚାଲିଥିବା ଫେଡେରେସନ କପ୍ ଆଥଲେଟିକ୍ସର ୧୦,୦୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଏହି ଇଭେଣ୍ଟରେ ୧୭ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। କିନ୍ତୁ ମାତ୍ର ୮ଜଣ ରେସ୍ ପୂରଣ କରିବାରେ ସମର୍ଥ ହୋଇଥିଲେ। ଦୀପକ ଏଠାରେ ୨୯ ମିନିଟ୍ ୪୨.୯୩ ସେକେଣ୍ଡ ସମୟନେଇ ପ୍ରଥମ ସ୍ଥାନ ଅଧିକାର କରିବା ସହ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ପ୍ରଦର୍ଶନ କରିଥିଲେ। ୪ ବର୍ଷ ତଳେ ସେନାରେ ଚାକିରି କରିବା ପରେ ସେ ଆଦୌ ପ୍ରଥମ ସ୍ଥାନ ଅଧିକାର କରି ନ ଥିଲେ। ଯାହା ଫଳରେ ଏହି ସ୍ୱର୍ଣ୍ଣପଦକ ତାଙ୍କ ଲାଗି ଯଥେଷ୍ଟ ଗୁରୁତ୍ୱ ରଖୁଛି। ଏଭଳି ସମୟରେ ସେ ଦେଶର ନଂ-୧ ରେସର ହେବାକୁ ଯୋଜନା କରିଛନ୍ତି।



### ● ମାଇକେଲ କିଣ୍ଡୋ ସ୍ମାରକୀ ମହିଳା ହକି

## ରାଉରକେଲା କ୍ରୀଡ଼ା ଛାତ୍ରାବାସର ବୃହତ୍ ବିଜୟ

ଭୁବନେଶ୍ୱର,୨୨।୫(ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟ ଆନୁକୂଲ୍ୟରେ ଆରମ୍ଭ ହୋଇଛି ଦ୍ୱିତୀୟ ମାଇକେଲ କିଣ୍ଡୋ ସ୍ମାରକୀ ମହିଳା ହକି ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ଦିନରେ ଆୟୋଜକ ଭୁବନେଶ୍ୱର ହକି କ୍ଲବ୍ ଟ୍ରଷ୍ଟକୁ ୬-୩ ଗୋଲରେ ପରାସ୍ତ କରି ରାଉରକେଲା କ୍ରୀଡ଼ା ଛାତ୍ରାବାସ ଓ ଦ୍ୱିତୀୟ ମ୍ୟାଚ୍‌ରେ ସାଇ କୋଲକାତାକୁ ୪-୧ ଗୋଲରେ ପରାସ୍ତ କରି ଦକ୍ଷିଣ ପୂର୍ବ ରେଳବାଇ ବୃହତ୍ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚ୍‌ରେ ବିଜୟୀ ରାଉରକେଲା ପକ୍ଷରୁ ଅଲିଭା ଜାଟେ ଓ ଦିପ୍ତୀ ମୋନିକା ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ଆରତି ଖାଲକୋଙ୍କ ନେତୃତ୍ୱରେ ଗଠିତ ରାଉରକେଲା ଦଳ ପକ୍ଷରୁ ସୁମନ ହେମ୍ବ୍ରମ ଓ ପ୍ରତିଭା ଏକ୍କା ମଧ୍ୟ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଦକ୍ଷିଣ ପୂର୍ବ ରେଳବାଇ ପକ୍ଷରୁ ପ୍ରଥମେ ୪ଟି ଯାକ ଗୋଲ ଦିଆଯାଇଥିଲା। ତାହା ମଧ୍ୟରୁ ପ୍ରିୟା ଡୁଙ୍ଗଡୁଙ୍ଗ ୨ଟି, ଆଲବେଲା ରାଣୀ ଟପ୍ପୋ ଓ ସେଲେଷ୍ଟିନା ହୋରୋ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।

### ରେସ୍‌ଲିଂ ମହାସଂଘକୁ ଦିଲ୍ଲୀ ହାଇକୋର୍ଟଙ୍କ ଛାଟ

## ବିନେଶଙ୍କ ପାଇଁ ବିଶେଷଜ୍ଞ ପ୍ୟାନେଲ

ନୂଆଦିଲ୍ଲୀ,୨୨।୫(ଏଜେନ୍ସି)

ଗତ କିଛିବର୍ଷ ଧରି ବିବାଦ ଓ ଚର୍ଚ୍ଚାରେ ରହିଆସିଥିବା ରେସଲିଂ ଫେଡେରେସନ ଅଫ୍ ଇଣ୍ଡିଆକୁ ଆଜି ଦିଲ୍ଲୀ ହାଇକୋର୍ଟଙ୍କ ପକ୍ଷରୁ ଶକ୍ତ ଧକ୍କା ଲାଗିଛି। ବିନେଶ ଫୋଗତ ମା' ହେବା ପରେ ରେସଲିଂ ଇଭେଣ୍ଟରେ ଭାଗ ନେବାକୁ ଅଯୋଗ୍ୟ ବୋଲି ମହାସଂ ଯେଉଁ ନିଷ୍ପତ୍ତି ନେଇଥିଲା ତାହାକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଦିଲ୍ଲୀ ହାଇକୋର୍ଟର ଚିଫ୍ ଜଷ୍ଟିସ ଡିକେ ଉପାଧ୍ୟାୟ ଓ ଜଷ୍ଟିସ ତେଜାସ କାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ କେବଳ ଏହା ଖାରଜ କରିନାହାନ୍ତି, ବରଂ ବିନେଶ ଫୋଗତଙ୍କ ଯୋଗ୍ୟତା ପରୀକ୍ଷା କରିବା ଲାଗି ଏକ ଏକ୍ସପର୍ଟ ପ୍ୟାନେଲ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମା' ହେବା ପରେ ତାଙ୍କୁ ଅଭ୍ୟାସ କରିବାକୁ ଅନୁମତି ଦିଆଯାଇଥିଲେ ମଧ୍ୟ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ତାଙ୍କୁ ଅଂଶଗ୍ରହଣ କରିବାକୁ ଦିଆଯାଇ ନ ଥିଲା। ଏ ସମ୍ପର୍କରେ ହାଇକୋର୍ଟଙ୍କ ଖଣ୍ଡପୀଠ ଅନ୍ତର୍ଜାତୀୟ ଆଥ୍ଲେଟଙ୍କୁ କିପରି ସମ୍ମାନ ଦିଆଯିବ ଓ ଏସିଆନ୍ ଗେମ୍ସ ଲାଗି ହେବାକୁ ଥିବା ସିଲେକ୍ସନ ଟ୍ରାଏଲ୍ସରେ ବିନେଶ କିପରି ଅଂଶଗ୍ରହଣ କରିପାରିବେ ତାହା ସୁନିଶ୍ଚିତ କରିବାକୁ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ତର୍ଜାତୀୟସ୍ତରରେ ପ୍ରତିଷ୍ଠା ଲାଭ କରିଥିବା ଖେଳାଳିମାନଙ୍କୁ ମା' ହେବା ପରେ କିଛିଟା କୋହଳ କରାଯାଇଥାଏ। ବିନେଶଙ୍କ କ୍ଷେତ୍ରରେ କୋହ କରିବା ତ ଦୂରର କଥା, ଏସିଆନ୍ ଗେମ୍ସ ଲାଗି ଅନୁଷ୍ଠିତ ଟ୍ରାଏଲ୍ସରେ ଭାଗନେବାକୁ ସିଧାସଳଖ ମନା କରିଦେଇଥିଲେ। ଏହା ବିରୋଧରେ ବିନେଶ ଦିଲ୍ଲୀ ହାଇକୋର୍ଟରେ ଏକ ରିଟ୍ ପିଟିସନ ଦାୟର କରି ରେସଲିଂ ଫେଡେରେସନ ଅଫ୍ ଇଣ୍ଡିଆର ପର୍ଦ୍ଦାଫାଶ କରିବାରେ ସମର୍ଥ ହୋଇଛନ୍ତି।



## ୨୫ରୁ ଜାତୀୟ ସିନିଅର ଚେସ୍ ଆର୍ବିଟର ସେମିନାର

ଭୁବନେଶ୍ୱର,୨୨।୫(ସମିସ): ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ ଆନୁକୂଲ୍ୟରେ ଜାତୀୟ ସିନିଅର ଚେସ୍ ଆର୍ବିଟର ସେମିନାର ଓ ପରୀକ୍ଷା ଅନୁଷ୍ଠିତ ହେବ। କିଟ୍ ଡିମ୍‌ଡ ୟୁନିଭର୍ସିଟିରେ ଆସନ୍ତା ୨୫ ଓ ୨୬ ତାରିଖ ଦୁଇଦିନ ଧରି ଆୟୋଜିତ ହେବ ବୋଲି ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି। ୧୭ ବର୍ଷରୁ ଊର୍ଦ୍ଧ୍ୱ ଯେ କୌଣସି ବୟସର ୪୦ରୁ ୪୫ ଜଣ ଚେସ୍ ବିଷୟରେ ଜ୍ଞାନ ଥିବା ଓଡ଼ିଶାର ଯେ କୌଣସି ବ୍ୟକ୍ତିବିଶେଷ ଏହି ସେମିନାରରେ ଅଂଶଗ୍ରହଣ କରିପାରିବେ। ଆଗ୍ରହୀ ବ୍ୟକ୍ତିବିଶେଷ ଅଲ୍ ଓଡ଼ିଶା ଚେସ୍ ଆସୋସିଏସନର ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତିଙ୍କୁ ସଂଘର ଇମେଲ କିମ୍ବା ମୋବାଇଲ ନମ୍ବର ୯୯୩୭୮୮୬୩୭୨ରେ ଯୋଗଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଇଷ୍ଟ ବେଙ୍ଗଲକୁ ଆଇଏସଏଲ୍ ଟାଇଟଲ୍

କୋଲକାତା, ୨୨।୫ (ଏଜେନ୍ସି): ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସଏଲ)ର ଦ୍ୱାଦଶ ସଂସ୍କରଣ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଆଇଏସଏଲ୍ ଇତିହାସରେ ଇଷ୍ଟ ବେଙ୍ଗଲ ପ୍ରଥମଥର ଏହି ସମ୍ମାନଜନକ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲା। ଗୁରୁବାର ଇଷ୍ଟ ବେଙ୍ଗଲ ଏହାର ଅନ୍ତିମ ରାଉଣ୍ଡ-ରବିନ ମ୍ୟାଚରେ ୨-୧ ଗୋଲ୍‌ରେ ଇଣ୍ଟର କାଶୀକୁ ପରାସ୍ତ କରିଥିଲା। ଏଥିସହ ସିଜନରେ ୧୩ଟି ମ୍ୟାଚ ଖେଳି ୭ ବିଜୟ, ୫ ଡ୍ର ଓ ଗୋଟିଏ ପରାଜୟ ସହ ୨୬ ପଏଣ୍ଟ ପାଇ ଶୀର୍ଷ ସ୍ଥାନ ଦଖଲ କରିଛି। ମୋହନବାଗାନ ସମାନ ୨୬ ପଏଣ୍ଟ ପାଇଥିଲେ ମଧ୍ୟ ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ଇଷ୍ଟ ବେଙ୍ଗଲଠାରୁ ୫ଟି ଗୋଲ୍ କମ୍ ଦେଇ ଦ୍ୱିତୀୟ ସ୍ଥାନରେ ରହି ରନର୍ସଅପ୍ ହୋଇଛି। ସେହିଭଳି ମୁମ୍ବଇ ସିଟି ୨୫ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଛି। ଭୁବନେଶ୍ୱର ଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ୧୪ ଦଳୀୟ ତାଲିକାର ୧୨ତମ ସ୍ଥାନ ହାସଲ କରିଛି।

## ଫିଫା ବିଶ୍ୱକପ୍ : ଅବସରରୁ ଫେରିବା ପରେ ଜର୍ମାନ୍ ଦଳରେ ମାନୁଏଲ୍

ବର୍ଲିନ, ୨୨।୫ (ଏଜେନ୍ସି): ଅବସର ନିଷ୍ପତ୍ତିରୁ ଫେରିବା ପରେ ବରିଷ୍ଠ ଗୋଲ୍‌ରକ୍ଷକ ମାନୁଏଲ୍ ନେଉରଙ୍କୁ ଜର୍ମାନୀ ଫିଫା ବିଶ୍ୱକପ୍ ଦଳରେ ସୁଯୋଗ ମିଳିଛି। ଗୁରୁବାର ଜର୍ମାନୀ ମ୍ୟାନେଜର ତଥା କୋଚ୍ ଜୁଲିଆନ ନାଗେଲ୍ସମାନ ବିଶ୍ୱକପ୍ ଲାଗି ୨୬ ଜଣିଆ ଦଳ ଘୋଷଣା କରିଛନ୍ତି। ଯେଉଁଥିରେ ପ୍ରଥମ ପସନ୍ଦର ଗୋଲ୍‌କିପର ଭାବେ ମାନୁଏଲଙ୍କୁ ନିଆଯାଇଛି। ଜର୍ମାନୀ ପାଇଁ ୧୨୪ଟି ମ୍ୟାଚ୍ ଖେଳିଥିବା ୪୦ ବର୍ଷୀୟ ମାନୁଏଲ୍ ୨୦୨୪ ୟୁରୋକପ୍ କ୍ୱାର୍ଟର ଫାଇନାଲ ପରାଜୟ ପରେ ଅନ୍ତର୍ଜାତୀୟ ଫୁଟବଲରୁ ଅବସର ଘୋଷଣା କରିଥିଲେ। କିନ୍ତୁ ନିକଟରେ ସେ ଅବସର ନିଷ୍ପତ୍ତିରୁ ଓହରିଯାଇଥିଲେ। ଫଳରେ ଆଗାମୀ ବିଶ୍ୱକପ୍ ଲାଗି ତାଙ୍କ ନାମ ବିଚାରକୁ ନିଆଯାଇଥିଲା। ଫିଫା ବିଶ୍ୱକପ୍‌ର ୨୩ତମ ସଂସ୍କରଣ ଜୁନ ୧୧ରୁ ଆରମ୍ଭ ହେବ। ଆଇଭର କୋଷ୍ଟ, ଇକ୍ୟୁଡର, କୁରାକାଓ ସହ ଜର୍ମାନୀ ଗ୍ରୁପ୍-ଇ'ରେ ସ୍ଥାନ ପାଇଛି। ଜୁନ ୧୪ରେ କୁରାକାଓ ସହ ଖେଳି ଜର୍ମାନୀ ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ। ଜର୍ମାନୀ ଚତୁର୍ଥ ଓ ଶେଷଥର ଲାଗି ୨୦୧୪ରେ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା।

### ଓଡ଼ିଶା ଓମେନ୍ସ ଲିଗ୍

## ଓଡ଼ିଶା ପୁଲିସ୍‌ର ବିଜୟ



ଭୁବନେଶ୍ୱର, ୨୨।୫ (ସମିସ): ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ୍)ରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ପୁଲିସ୍ ୧-୦ ଗୋଲରେ ନୀତା ଆମ୍ବାନି ଫୁଟ୍‌ବଲ ଏକାଡେମୀକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ଟି ବର୍ଷା ଯୋଗୁଁ ଗତକାଲି ଶେଷ ହୋଇ ପାରି ନ ଥିଲା। ବିଜୟୀ ଓଡ଼ିଶା ପୁଲିସ୍ ଦଳ ପକ୍ଷରୁ ସତ୍ୟବତୀ ଖାଡିଆ ଏକମାତ୍ର ଗୋଲ ସ୍କୋର କରିଥିଲେ। ଗତକାଲି ଭୁବନେଶ୍ୱର ଜୋନରେ ଅନୁଷ୍ଠିତ ମ୍ୟାଚରେ ମନୋରମା କ୍ଲବ ୨୨-୦ ଗୋଲ୍‌ରେ ଗଞ୍ଜାମ ଏକାଦଶକୁ ହରାଇ ବୃହତ୍ ବିଜୟ ହାସଲ କରିଥିଲା। କଟକ ଜୋନରେ ପୁଲିସ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚରେ ତାରିଣୀ ଫୁଟବଲ୍ ଏକାଡେମୀ (କେନ୍ଦୁଝର) ୪-୦ ଗୋଲ୍‌ରେ ୟଙ୍ଗ ଆସୋସିଏସନ କ୍ଲବକୁ ପରାସ୍ତ କରିଥିଲା।

### ୧୯ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ

## ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ବିଜୟୀ



ଅଂଶୁମାନ



ରୁଦ୍ର



ସୁରାଇ



ମିକୁନ୍

ଭୁବନେଶ୍ୱର,୨୨।୫(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଭୁବନେଶ୍ୱର ଓ କଟକର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ଗୁଡ଼ିକରେ ଭୁବନେଶ୍ୱର-ଏ, ଢେଙ୍କାନାଳ, ଖୋର୍ଦ୍ଧା, ଝାରସୁଗୁଡ଼ା, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ପୁରୀ ବିଜୟ ହାସଲ କରିଛନ୍ତି। ଭୁବନେଶ୍ୱର ୧୫୧ ରନରେ ବଲାଙ୍ଗୀରକୁ ପରାସ୍ତ କରିଛି। ଭୁବନେଶ୍ୱର ୨୫ ଓଭରରେ ୫ ୱିକେଟ ହରାଇ ୨୩୬ ରନ ସଂଗ୍ରହ କରିଥିବା ବେଳେ ବଲାଙ୍ଗୀର ୮୫/୮ରେ ସୀମିତ ରହିଥିଲା। ଭୁବନେଶ୍ୱର ତରଫରୁ ସ୍ୱାଗତ ମିଶ୍ର ୫୬, ସିଦ୍ଧାର୍ଥ ବେହେରା ୫୦ ଓ କୃଷ୍ଣ ସାସମଲ ୫୦ ରନ ସଂଗ୍ରହ କରିଥିଲେ। ଭୁବନେଶ୍ୱରର ସେକ ନାକିବ ସରବର ୩ ୱିକେଟ ନେଇଥିଲେ। ସେହିପରି ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଢେଙ୍କାନାଳ ସୁପର ଓଭରରେ ବରଗଡ଼କୁ ହରାଇଛି। ଉଭୟ ଦଳ ୨୧୨ ରନରେ ସୀମିତ ରହିଥିଲେ। ଢେଙ୍କାନାଳର ପ୍ରନ୍ତିକ ନାୟକ ୮୬ ରନ କରିଥିବା ବେଳେ ଅଂଶମାନ ନାଏକ ୫ ୱିକେଟ ନେଇଥିଲେ। ଅନ୍ୟଏକ ମ୍ୟାଚ୍‌ରେ ଅନୁଗୁଳ ୨୦ ରନରେ କୋରାପୁଟକୁ ହରାଇଛି। ଅନୁଗୁଳର ଗୁରଦୀପ ମାଝି ସର୍ବାଧିକ ୭୦ ରନ ସଂଗ୍ରହ କରିଥିଲେ। ସେହିପରି ଖୋର୍ଦ୍ଧା ୭ ୱିକେଟରେ ମାଲକାନାଗିରକୁ ହରାଇଛି। ଖୋର୍ଦ୍ଧା ତରଫରୁ ରୁଦ୍ର ମଲିକ ୧୦୨ ରନର ଶତକୀୟ ପାଳି ଖେଳିଥିଲେ। ଅନ୍ୟଏକ ମ୍ୟାଚ୍‌ରେ ଝାରସୁଗୁଡ଼ା ୯ ୱିକେଟରେ ଗଞ୍ଜାମକୁ ପରାସ୍ତ କରିଛି। ସେହିପରି ମୟୂରଭଞ୍ଜ ୯ ୱିକେଟରେ ନୂଆପଡ଼ାକୁ ହରାଇଛି। ମୟୂରଭଞ୍ଜର ସୁରାଇ ହେମ୍ବ୍ରମ୍ ୫ ୱିକେଟ ନେଇଛନ୍ତି। ଅନ୍ୟ ଏକ ମୁକାବିଲାରେ କେନ୍ଦୁଝର ୮୫ ରନରେ ଭଦ୍ରକକୁ ହରାଇଛି। ସେହିପରି ବାଲେଶ୍ୱର ୧୫୮ ରନରେ ସୋନପୁରକୁ ହରାଇଛି। ବାଲେଶ୍ୱର ତରଫରୁ ମିକୁନ ଦଳନାୟକ ୧୧୫ ରନର ଶତକୀୟ ପାଳି ଖେଳିଛନ୍ତି। ଶେଷରେ ପୁରୀ ୮ ୱିକେଟରେ ଜଗତସିହପୁରକୁ ହରାଇଛି।

### ୧୮ ବର୍ଷରୁ କମ୍ ମହିଳା ଏସିଆ କପ୍ ହକି

## ଓଡ଼ିଶାର ସ୍ୱିଟୀ ଭାରତର ଅଧିନାୟିକା

ଭୁବନେଶ୍ୱର,୨୨।୫(ସମିସ)




ଓଡ଼ିଶାର ଫରୱାର୍ଡ ଖେଳାଳି ସ୍ୱିଟୀ କୁଜୁରଙ୍କୁ ୧୮ ବର୍ଷରୁ କମ୍ ଏସିଆ କପ୍ ମହିଳା ହକି ପ୍ରତିଯୋଗିତା ଲାଗି ଭାରତୀୟ ଦଳର ଅଧିନାୟିକା ମନୋନୀତ କରାଯାଇଛି। ସ୍ୱିଟୀଙ୍କୁ ମିଶାଇ ଘୋଷିତ ଭାରତୀୟ ଦଳରେ ୪ଜଣ ଓଡ଼ିଆ ଖେଳାଳି ରହିଛନ୍ତି। ଅନ୍ୟ ୩ଜଣ ହେଲେ ରୁବିନା ବାକ୍ସଲା, କିରଣ ଏକ୍କା ଓ ପ୍ରିୟଙ୍କା ମିଞ୍ଜ୍। ଏମାନେ ଜାପାନର କାକାମିଗାହାରାରେ ମେ ୨୯ରୁ ଜୁନ୍ ୬ ତାରିଖ ଯାଏ ଖେଳାଯିବାକୁ ଥିବା ଏସିଆ କପ୍ ମହିଳା ହକିରେ ଭାଗନେବେ। ରାଣୀ ରାମପାଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭୋପାଳରେ ଆୟୋଜିତ ଶିବିରରୁ ଏହି ଖେଳାଳିମାନଙ୍କୁ ମନୋନୀତ କରାଯାଇଛି। ଗତକାଲି ଘୋଷିତ ପୁରୁଷ ଦଳରେ ଓଡ଼ିଶାରୁ ଅର୍ମାନ ଲାକ୍ରା ଏକମାତ୍ର ଖେଳାଳି ଭାବେ ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ସ୍ୱିଟୀ ରାଉରକେଲାରେ ଥିବା ପାନପୋଷ କ୍ରୀଡ଼ା ଛାତ୍ରାବାସରେ ପ୍ରଶିକ୍ଷଣ ନେଉଛନ୍ତି। ଅନ୍ୟ ୩ଜଣ ସୁନ୍ଦରଗଡ଼ର କ୍ରୀଡ଼ା ଛାତ୍ରାବାସରେ ପ୍ରଶିକ୍ଷଣ ନେଇଛନ୍ତି।

ପୁଲ-ଏ'ରେ ସ୍ଥାନ ପାଇଥିବା ଭାରତ ମେ ୩୦ ତାରିଖରେ ମାଲେସିଆ ସହ ଖେଳି ଏହି ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏହା ପରେ ଦକ୍ଷିଣ କୋରିଆ ସହ ମେ ୩୧, ସିଙ୍ଗାପୁର ସହ ଜୁନ୍ ୨ରେ ଶେଷ ପୁଲ ମ୍ୟାଚ୍ ଖେଳିବ। ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ଗ୍ରୁପ୍‌ରେ ୪ଟି ଲେଖାଏଁ ଦଳ ଭାଗ ନେଇଥିଲାବେଳେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳିବେ। ପ୍ରତ୍ୟେକ ଗ୍ରୁପ୍‌ରୁ ଦୁଇଟି ଶ୍ରେଷ୍ଠ ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ପୁଲ-ବି'ରେ ଚୀନ, ଜାପାନ, ଚାଇନିଜ୍ ତାଇପେ ଓ ବାଂଲାଦେଶ ରହିଛନ୍ତି। ଦୁଇଟିଯାକ ସେମିଫାଇନାଲ ଜୁନ୍ ୫ରେ ଓ ଫାଇନାଲ ଜୁନ୍ ୬ରେ ଖେଳାଯିବ। ଲିଗ୍ ପର୍ଯ୍ୟାୟରେ ଖେଳାଯିବାକୁ ଥିବା ଭାରତର ଦୁଇଟି ମ୍ୟାଚ୍ ଭାରତୀୟ ସମୟ ଅନୁସାରେ ଭୋର ୫ଟା ୩୦ ଓ ଶେଷ ମ୍ୟାଚ୍‌ଟି ସକାଳ ୯ଟା ୩୦ରେ ଖେଳାଯିବ।

**ଘୋଷିତ ଦଳ:** ମହକ ପରିହାର, ଖୁଲି କୁମାରୀ (ଉଭୟେ ଗୋଲରକ୍ଷକ), ସୁଗନ ସାଙ୍ଗା, ନିଲମ ଟପ୍ପୋ, ରୁବିନା ବାକ୍ସଲା, କିରଣ ଏକ୍କା ଓ ସୁଲୋଚନି (ସମସ୍ତେ ଡିଫେଣ୍ଡର), ଶ୍ରୁତି କୁମାରୀ, ଦିୟା, ସ୍ନେହ ଡାଭ୍‌ଡେ, ରଶ୍ମିନ କୌର, ନାମି ଗୀତାଶ୍ରୀ, ପୁଷ୍ପା ମାଞ୍ଝୀ (ସମସ୍ତେ ମିଡ୍‌ଫିଲ୍ଡର), ନୌଶାନ ନାଜ୍, ସ୍ୱିଟୀ କୁମାରୀ (ଅଧିନାୟିକା), ପ୍ରିୟଙ୍କା ମିଞ୍ଜ୍, ସନ୍ଦୀପା କୁମାରୀ ଓ ନାନ୍‌ସି ସରୋହା।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS